

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୮ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 08 August 2025

Vol.No. 36 ■ No.208 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ମୋଦିଙ୍କ କଡ଼ାଜବାବ: ମୁଣ୍ଡ ନୁଆଁଇବନି ଭାରତ



ନୂଆଦିଲ୍ଲୀ,୭/୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୫୦ ପ୍ରତିଶତ ଟାରିଫ ଉପରେ ମୁହଁ ଖୋଲିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଭାରତ ଉପରେ ଆମେରିକା ମନଇଚ୍ଛା ବାଣିଜ୍ୟ ଚୁକ୍ତି କରାଇବା ପାଇଁ ଚାପ ସୃଷ୍ଟି କରିବାର ରଣନୀତି ଭାବେ ଦେଖାଯାଉଛି । କିନ୍ତୁ ଏବେ ପ୍ରଧାନମନ୍ତ୍ରୀ ମୋଦି ସ୍ପଷ୍ଟ କରିଦେଇଛନ୍ତି ଯେ ଭାରତ କୌଣସି ପରିସ୍ଥିତିରେ ମୁଣ୍ଡ ନୁଆଁଇବ ନାହିଁ । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଯୁଦ୍ଧ ଆଗରେ ମୁଣ୍ଡ ନୁଆଁଇବ ନାହିଁ ଭାରତ । ଭାରତ ନିଜ କୃଷକଙ୍କ ହିତ ଆଗ ଦେଖିବ । ଏଥିରେ କମ୍ପ୍ରୋମାଇଜ୍ କରିବ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟ୍ରମ୍ପଙ୍କୁ ଏହି ବାର୍ତ୍ତା ସିଧାସଳଖ ଦେଇଛନ୍ତି । ଦିଲ୍ଲୀରେ ଏମ.ଏସ. ସ୍ୱାମୀନାଥନ ସେଣ୍ଟେନାରୀ ଅନ୍ତର୍ଜାତୀୟ ସମ୍ମିଳନୀରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଏହି ଜବାବ ଦେଇଛନ୍ତି । ଟ୍ରମ୍ପ ଭାରତ ଉପରେ ରୁଷିଆରୁ ତୈଳ କିଣିବା ପାଇଁ ଅତିରିକ୍ତ ୨୫ ପ୍ରତିଶତ ଟାରିଫ ଲଗାଇବାର ୨୪ ଘଣ୍ଟା ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଏହି ବାର୍ତ୍ତା ଦେଇଛନ୍ତି । ଟ୍ରମ୍ପଙ୍କ ଏହି ଟାରିଫ ମିସାଇଲକୁ ଭାରତ ଉପରେ ମନଇଚ୍ଛା ▶▶ପୃଷ୍ଠା ୭

## ଋଷ ରାଷ୍ଟ୍ରପତି ଭାରତ ଆସିବେ: ଟ୍ରମ୍ପଙ୍କ ଟାରିଫ୍ ଧମକ୍ ମଧ୍ୟରେ ମୋଦୀ-ପୁଟିନ କରିବେ ରଣନୀତି !



ନୂଆଦିଲ୍ଲୀ,୭/୮ : ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଖୁବ୍‌ଶୀଘ୍ର ଭାରତ ଗସ୍ତରେ ଆସିବେ ବୋଲି ଆଶା କରାଯାଉଛି । ଏହି ଗସ୍ତ ଏପରି ଏକ ସମୟରେ ହେବାକୁ ଯାଉଛି ଯେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଋଷ୍ ଠାରୁ ତେଲ କିଣିବା ନେଇ ଚାପ ପକାଉଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ପୁଟିନଙ୍କ ମଧ୍ୟରେ ହେବାକୁ ଥିବା ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଅଗଷ୍ଟ ଶେଷ ସୁଦ୍ଧା ଭାରତ ଗସ୍ତରେ ଆସିପାରନ୍ତି ବୋଲି ଇଣ୍ଟରଫ୍ୟାକ୍ସ ନ୍ୟୁଜ୍ ଏଜେନ୍ସି ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସୂତ୍ରରୁ ପ୍ରକାଶ କରିଛି । ଏହା ପୂର୍ବରୁ ଋଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ମଧ୍ୟ ପୁଟିନଙ୍କ ଭାରତ ଗସ୍ତ ବିଷୟରେ ସୂଚନା ଦେଇଥିଲେ । ଏହି ଗସ୍ତ ସମୟରେ ଦୁଇ ନେତାଙ୍କ ମଧ୍ୟରେ ବହୁପକ୍ଷୀୟ ସମ୍ପର୍କର ସମୀକ୍ଷା କରାଯିବ ଏବଂ ବିଭିନ୍ନ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ପ୍ରସଙ୍ଗରେ ଆଲୋଚନା ହେବ । ଭାରତ ଏବଂ ଋଷ ମଧ୍ୟରେ ଏକ ବିଶେଷ ଏବଂ ସମ୍ମାନଜନକ ରଣନୈତିକ ଭାଗିଦାରୀ ରହିଛି । ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ପରମାଣୁ ଶକ୍ତି, ଆତଙ୍କବାଦ ବିରୋଧୀ ସହଯୋଗ ଏବଂ ମହାକାଶ ଗବେଷଣା ଭଳି ପାଞ୍ଚଟି ପ୍ରମୁଖ କ୍ଷେତ୍ରରେ ସହଯୋଗ ରହିଛି । ଏହି ଗସ୍ତ ସମୟରେ ଶକ୍ତି, ବାଣିଜ୍ୟ, ଉତ୍ପାଦନ ଏବଂ ସାର କ୍ଷେତ୍ରରେ ▶▶ପୃଷ୍ଠା ୭

## ରାଜ୍ୟରେ ହୋଇପାରିବନି ଗୋହତ୍ୟା : ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ



ଭୁବନେଶ୍ୱର, ୦୭/୮ (ନି.ପ୍ର): ରାଜ୍ୟରେ ହୋଇପାରିବନି ଗୋହତ୍ୟା । ଓଡ଼ିଶା ପ୍ରିଭେନସନ୍ ଅଫ୍ କାଓ ସ୍ଲଟର ଆକ୍ଟ ୧୯୬୦ କଡ଼ାକଡ଼ି ହେବ । କଡ଼ାକଡ଼ି ପାଳନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଗୋଚାଲାଣ ଓ ଗୋହତ୍ୟା ଭଳି ଅପରାଧ ଦିନକୁ ଦିନ ବଢ଼ିଚାଲିଥିଲା । ପ୍ରତିଦିନ କେଉଁଠି ନା କେଉଁଠି ଗୋଚାଲାଣ ବେଳେ ଗାଡ଼ି ଧରାପଡୁଥିଲା । ଆଉ କେଉଁଠି କେଉଁଠିତ ଗୋମାଂସ ଚୋରା ଚାଲାଣ ବେଳେ ଗାଡ଼ି ଧରାପଡ଼ିଥିବାର ନଜିର ରହିଛି । ଏହି ସବୁକୁ ରୋକିବା ପାଇଁ ଅନେକ ସମାଜସେବୀ ଏବଂ ସାଧାରଣ ଲୋକ ନିବେଦନ କରିଆସୁଥିଲେ, କିନ୍ତୁ ସରକାର ଏହା ଉପରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଉନଥିଲେ । ଆଜି ଏହି ହାଇକୋର୍ଟ ଏ ସବୁକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଉ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ସ୍ୱାଗତ କରାଯାଇଛି ।

## ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି

ନୂଆଦିଲ୍ଲୀ, ୦୭/୮ (ନି.ପ୍ର): ନିର୍ବାଚନ ଆୟୋଗ ପକ୍ଷରୁ ଉପରାଷ୍ଟ୍ରପତି ନିର୍ବାଚନ ୨୦୨୫ ସମ୍ପର୍କିତ ଅଧିସୂଚନା ଜାରି କରାଯାଇଛି । ନାମାଙ୍କନ, ଯାଞ୍ଚ, ନାମାଙ୍କନ ପ୍ରତ୍ୟାହୃତ ଓ ମତଦାନ ତାରିଖ ପୂର୍ବରୁ ଘୋଷଣା କରାଯାଇଛି । ଯଦି ଜଣେରୁ ଅଧିକ ପ୍ରାର୍ଥୀ ଥିବେ, ତେବେ ମତଦାନ ୯ ସେପ୍ଟେମ୍ବରରେ ହେବ । ଅଧିସୂଚନା ଜାରି ସହିତ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି, ଯାହା ୨୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ । ଆୟୋଗ ଉପରାଷ୍ଟ୍ରପତି ନିର୍ବାଚନ ଅଧିନିୟମ, ୧୯୫୨ ର ଧାରା ୪ ର ଉପଧାରା (୧) ଓ (୪) ଅନୁସାରେ ଏହି ଅଧିସୂଚନା ଜାରି କରିଛି । ଏହି ଅଧିସୂଚନା ଆଜି ଭାରତର ରାଜପତ୍ରରେ ପ୍ରକାଶିତ ହୋଇଛି ଓ ରାଜ୍ୟ ରାଜପତ୍ରରେ ସ୍ଥାନୀୟ ଭାଷାରେ ପୁନଃ ପ୍ରକାଶିତ କରାଯାଉଛି । ନାମାଙ୍କନ ପତ୍ରଗୁଡ଼ିକର ଯାଞ୍ଚ ୨୨ ଅଗଷ୍ଟରେ ହେବ । ମତଦାନ ୯ ସେପ୍ଟେମ୍ବରରେ ସକାଳ ୧୦ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ହେବ ଓ ସେହି ଦିନ ମତଗଣନା କରାଯିବ । ଉଲ୍ଲେଖନୀୟ ଯେ, ଉପରାଷ୍ଟ୍ରପତି ରାଜ୍ୟସଭାର ସଭାପତି ଭାବେ କାର୍ଯ୍ୟ କରିଥାନ୍ତି ଓ ରାଷ୍ଟ୍ରପତିଙ୍କ ଅନୁପସ୍ଥିତିରେ ସେ ତାଙ୍କର କାର୍ଯ୍ୟଦାୟିତ୍ୱ ପୂରଣ କରିଥାନ୍ତି ।

### ଏଫ୍ ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା

## ହଟିଲେ ଆଇଜି, ତଦନ୍ତ କରିବେ ଏସପି

ବାଲେଶ୍ୱର, ୦୭/୮ (ନି.ପ୍ର): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଆତ୍ମାହୂତି ମାମଲାର ତଦନ୍ତରୁ ହଟିଲେ ସିଏଡବ୍ଲ୍ୟୁ ଆଇଜି ଏସ୍. ସାଇନି । କ୍ରାଇମବ୍ରାଞ୍ଚ ଡିଜି ଏହି ନିର୍ଦ୍ଦେଶ ଦେଇଛନ୍ତି । ଏବେ ତଦନ୍ତର ନିରୀକ୍ଷଣ କରିବେ କ୍ରାଇମବ୍ରାଞ୍ଚ ଏସପି ଅନିରୁଦ୍ଧ ରାଉତରାୟ । ତଦନ୍ତକାରୀ ଅଧିକାରୀ ଇମନ କଲ୍ୟାଣ ନାୟକ ଏହି ଘଟଣାର ସମସ୍ତ ଯାଞ୍ଚ କ୍ରାଇମବ୍ରାଞ୍ଚ ଏସପି ଅନିରୁଦ୍ଧ ରାଉତରାୟଙ୍କ ନିର୍ଦ୍ଦେଶ ଅନୁସାରେ କରିବେ । ବର୍ତ୍ତମାନ ସୁଦ୍ଧା ତଦନ୍ତର ଅଗ୍ରଗତି ଓ ସମସ୍ତ କେସ ରେକର୍ଡ କ୍ରାଇମବ୍ରାଞ୍ଚ ଏସପି ଅନିରୁଦ୍ଧ ରାଉତରାୟଙ୍କ ନିକଟରେ ଦାଖଲ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଏହାପରେ ଏସପି ଅନିରୁଦ୍ଧ ଏହି ମାମଲାର ସମସ୍ତ ତଥ୍ୟ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ଜଣାଇବେ । ଏଫଏମ କଲେଜରେ ଛାତ୍ରୀ ଆତ୍ମଦାହ ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା କ୍ରାଇମବ୍ରାଞ୍ଚ । ଘଟଣାର ୨୩ ଦିନ ପରେ କ୍ରାଇମବ୍ରାଞ୍ଚ ଦୁଇ ଜଣଙ୍କୁ ଗିରଫ କରିଥିଲା । ଗିରଫ ଛାତ୍ର ଦୁଇ ଜଣ ହେଲେ ଶୁଭ୍ର ସମ୍ବିତ ନାୟକ, ଜ୍ୟୋତି ପ୍ରକାଶ ବିଶ୍ୱାଳ । ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗରେ କ୍ରାଇମବ୍ରାଞ୍ଚ ଗିରଫ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି । ଜ୍ୟୋତି ପ୍ରକାଶ ଛାତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ଆହତ ହୋଇଥିଲେ । ନିକଟରେ ଏସସିବିରୁ ଚିକିତ୍ସିତ ▶▶ପୃଷ୍ଠା ୭

## ବର୍ଷୀୟାନ ଆଇନଜୀବୀ ଚିତ୍ତରଂଜନ ଦାସଙ୍କ ପରଲୋକ

ବାଲେଶ୍ୱର, ୦୭/୮ (ନି.ପ୍ର): ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଚିତ୍ତରଂଜନ ଦାସ (୭୦)ଙ୍କ ଜ୍ୟୋତି ହସପିଟାଲରେ ପରଲୋକ ହୋଇଛି । ତାଙ୍କର ପୈତୃକ ଘର କୁରୁଣ୍ଣିଆ, ରେମୁଣାଠାରେ ଅବସ୍ଥିତ । ଦେୱାନୀ ମୋକଦ୍ଦମା ଲଢ଼ିବାରେ ତାଙ୍କର ୪୫ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ଥିଲା । ତାଙ୍କ ପରଲୋକରେ ତାଙ୍କର ମର



ଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ ସହ ଅଧିକାଂଶ ବିଚାରପତି ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ବରିଷ୍ଠ ଓକିଲ ଗୋପୀନାଥ ମହାନ୍ତି, ରଘୁନାଥ ପ୍ରଧାନ, ହରେକୃଷ୍ଣ ଦାସ୍, ପୂର୍ବତନ ସଭାପତି: ▶▶ପୃଷ୍ଠା ୭

## ସପ୍ତାହରେ ଥରେ ହ୍ୟାଣ୍ଡଲୁମ ପରିଧାନ କରନ୍ତୁ: ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

ଭୁବନେଶ୍ୱର, ୦୭/୮ (ନି.ପ୍ର): ଜାତୀୟ ହସ୍ତତନ୍ତ ଦିବସ ୨୦୨୫ ଉପଲକ୍ଷେ ରାଜ୍ୟ ସରକାର ଓଡ଼ିଶାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏକତା' ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜନ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ ହରି ବାବୁ କମ୍ଭମପତି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି । ମାଧୁରୀ ଦୀକ୍ଷିତ ନେନେ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ



ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆ ଅସ୍ମିତାକୁ ସଂକଟରୁ ଉଦ୍ଧାର କରି ତାକୁ ପୁନର୍ଜୀବିତ କରିବା ଆମ ଦାୟିତ୍ୱ । ଆଜିର ଦିବସ ଗର୍ବ ଏବଂ ସ୍ମରଣର ଦିନ । ହସ୍ତତନ୍ତ କ୍ଷେତ୍ର କେବଳ ଆମର ଆର୍ଥିକ ମେରୁଦଣ୍ଡ ନୁହେଁ ବରଂ ଆମର ଗର୍ବ ଏବଂ ଗାରିମାର ପର୍ବ । ସମସ୍ତ ▶▶ପୃଷ୍ଠା ୭

## ଥମୁନି ବଳଙ୍ଗା ଛାତ୍ରୀ ମୃତ୍ୟୁ ରାଜନୀତି: ବିଜେଡିର ଜିଲ୍ଲାରେ ୬ ଘଣ୍ଟିଆ ହରତାଳ

ପୁରୀ, ୦୭/୮ (ନି.ପ୍ର): ପୁରୀ ଜିଲ୍ଲାରେ ବିଜେଡିର ଛଅ ଘଣ୍ଟିଆ ହରତାଳ । ଘଟଣାରେ ପୁଲିସ ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିବା ଦାବିରେ ଦଳ ଜିଲ୍ଲାରେ ସକାଳ ୬ଟାରୁ ୧୨ଟା ଯାଏଁ ଜିଲ୍ଲା ବନ୍ଦ ପାଳନ କରିଛି । ବିଜେଡି ନେତା ଓ କର୍ମୀ ବିଭିନ୍ନ ସ୍ଥାନରେ ରାସ୍ତାରୋକ କରିବା ସହ ବିକ୍ଷୋଭ କରିଥିଲେ । ବଳଙ୍ଗା ବଜାର ବି ଖାଁ ଖାଁ ରହିଥିଲା । ୬ ଘଣ୍ଟା ଯାଏଁ ଜିଲ୍ଲାରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ଗାଡି ଚଳାଚଳ ବି ପ୍ରଭାବିତ



ହୋଇଥିଲା । ତେବେ ଦିନ ୧୨ଟା ପରେ ସବୁ ସ୍ୱାଭାବିକ ହୋଇଛି । କଂଗ୍ରେସ ପୁଲିସ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛି । ବଳଙ୍ଗା ପୀଡିତାଙ୍କୁ ନ୍ୟାୟ ଦାବିରେ କାଲି ଡିଜି ଅଫିସ ଘେରାଉ କରିବ କଂଗ୍ରେସ । ୧୦ ତାରିଖରେ ନାରୀ ନ୍ୟାୟ ପଦଯାତ୍ରା ହେବ କାଲି ଯଦିଓପି ପୁଲିସ ଘଟଣାରେ କେହି ସଂପୃକ୍ତି ନାହିଁ ବୋଲି ସ୍ପଷ୍ଟୀକରଣ ଦେଇସାରିଛି, ପ୍ରଶ୍ନ ଉଠୁଛି, ପୁରା ଘଟଣା ପଛରେ ସତ କଣ । ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଂଚର ତଦନ୍ତ ଚାଲିଛି । ଆଜି ୩ ଜଣ ସୁରକ୍ଷାଗାର୍ଡଙ୍କୁ ପଚରାଉଚରା କରିଛି ତଦନ୍ତକାରୀ ଏଜେନ୍ସି । କିଛି ଜବତ ସାମଗ୍ରୀର ଯାଂଚ ସରିଥିବାବେଳେ ଆଉ କିଛିର ଯାଂଚ ଚାଲିଛି । ତେବେ ତଦନ୍ତକାରୀ ଅଫିସର ଡିଏସପି ବଦଳିନଥିବା ସ୍ପଷ୍ଟ କରିଛନ୍ତି ଏସପି । ▶▶ପୃଷ୍ଠା ୭

## ଓଡ଼ିଶାର ବିକାଶ ପାଇଁ କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟୁଛନ୍ତି ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୭/୮ (ନି.ପ୍ର): ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ବିକାଶ ଧାରାରେ କେନ୍ଦ୍ର ସରକାରଙ୍କ ସହଯୋଗ ଏବଂ ସହଭାଗିତା ରହୁଛି । ତେଣୁ କେନ୍ଦ୍ରୀୟ ନେତୃତ୍ୱ ଏବଂ କେନ୍ଦ୍ରମନ୍ତ୍ରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ଭେଟି ଆଲୋଚନା କରୁଛନ୍ତି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । କେନ୍ଦ୍ର ମନ୍ତ୍ରୀ, ଓଡ଼ିଶାର ସାଂସଦ ଓ ମୁଖ୍ୟମନ୍ତ୍ରୀ ରାଜ୍ୟର ବିକାଶ ଓ ବିଭିନ୍ନ ଦାବି ପ୍ରସଙ୍ଗରେ ଚର୍ଚ୍ଚା ଆଲୋଚନା କରିଛନ୍ତି ।

## ନିର୍ବାଚନ କମିସନଙ୍କୁ ପୁଣି ରାହୁଲଙ୍କ ଟାର୍ଗେଟ୍ : ଭୋଟର ତାଲିକା ନେଇ ଜବାବ ଦିଅନ୍ତୁ କମିସନ

ନୂଆଦିଲ୍ଲୀ,୭/୮ : ଭୋଟର ତାଲିକାରେ ଜାଲିଆତି ନେଇ ପୁଣି ନିର୍ବାଚନ କମିସନଙ୍କ ଉପରେ ରାହୁଲ ଗାନ୍ଧୀ ପ୍ରଶ୍ନ ଚିହ୍ନ ଲଗାଇଛନ୍ତି । ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭୋଟର ତାଲିକାରେ ବ୍ୟାପକ ଜାଲିଆତି ଅଭିଯୋଗ କରିଛନ୍ତି ରାହୁଲ । ବେଙ୍ଗାଲୁରୁର ମହାଦେବପୁରା ବିଧାନସଭା ଆସନରେ କଂଗ୍ରେସ ୩୨, ୭୦୭ ଭୋଟରେ ପରାଜିତ ହେଲା । ବିଜେପି ଲକ୍ଷାଧିକ ଭୋଟ୍ ବ୍ୟବଧାନରେ ଜିତିଥିବାରୁ ସନ୍ଦେହ ▶▶ପୃଷ୍ଠା ୭




## ଘାଇକୁ ଓଲଟିଲା ଗାଡ଼ି: ୩ ସିଆରପିଏଫ ଯବାନ ମୃତ

ନୂଆଦିଲ୍ଲୀ,୭/୮ : ଜମ୍ମୁ ଓ କାଶ୍ମୀରର ଉଧମପୁର ଜିଲ୍ଲାର ବସନ୍ତଗଡ଼ ଅଞ୍ଚଳର କାଣ୍ଡଭା ନିକଟରେ ଏକ ସିଆରପିଏଫ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ତିନିଜଣ ସିଆରପିଏଫ୍ ଯବାନଙ୍କର ମୃତ୍ୟୁ ହୋଇଛି ଏବଂ ୧୬ ଜଣ ଆହତ ହୋଇଛନ୍ତି । ଉଧମପୁରର ଅତିରିକ୍ତ ଏସପି ସନ୍ଦୀପ ଭଟଙ୍କ ସୂଚନାନୁସାରେ, ପୋଲିସ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ସମସ୍ତ ଆହତ ଜବାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଦୁର୍ଘଟଣାରେ ଦୁଇଜଣ



ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବାବେଳେ ଜଣେ ହସ୍ପିଟାଲ ଯିବା ବାଟରେ ମୃତ୍ୟୁବରଣ କରିଥିଲେ । ବଙ୍କର ଗାଡ଼ିଟି ଓଲଟି ପଡିବା ସମୟରେ ମୋଟ ୨୩ ଜଣ ସିଆରପିଏଫ୍ ଯବାନ ଥିଲେ । ଯବାନମାନେ ବସନ୍ତଗଡ଼ରୁ ଏକ ଅପରେସନରୁ ଫେରୁଥିବା ବେଳେ ସକାଳ ୧୦ଟା ୩୦ ସମୟରେ କାଣ୍ଡଭା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା । ଗାଡ଼ିଟି ଫୋର୍ସର ୧୮୭ ବାଟାଲିୟନର ଥିଲା । କେନ୍ଦ୍ରୀୟ ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ▶▶ପୃଷ୍ଠା ୭

# ଭୂମିକନ୍ୟା ମହିଳା ସଂଗଠନର ଦ୍ୱିତୀୟ ବାର୍ଷିକ ଉତ୍ସବ

ଭଦ୍ରକ, ୭/୦୮ (ନି.ପ୍ର): ଭୂମିକନ୍ୟା ମହିଳା ସଂଗଠନ ର ଦ୍ୱିତୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ ହଲ ସଂଗଠନ ର ମାର୍ଗ ଦର୍ଶକ ସାମ୍ବାଦିକ ରବିନାରାୟଣ ଖୁଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ବିଶିଷ୍ଟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ବରେଣ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ, ବରେଣ୍ୟ ଅତିଥି ଉପଦେଷ୍ଟା ଙ୍କ ଅଭୟ ସୁତାର , ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଅଧକ୍ଷା ସୁଚିତ୍ରା ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବେ ଅଧକ୍ଷ ନିହାର ରଞ୍ଜନ କର, ଡା ସଂଗୀତା ବଳ ପ୍ରମୁଖ ଯୋଗଦେଇ ଭୂମି କନ୍ୟା ମହିଳା ସଂଗଠନ ସବୁବେଳେ ଜନହିତ କାର୍ଯ୍ୟ କରିବା ସହିତ ଦୁଃଖୀ, ଅସହାୟ ଲୋକଙ୍କୁ ସାହାଯ୍ୟ କରୁଛି ବୋଲି ଅତିଥି ମାନେ କହିଥିଲେ । ପ୍ରତ୍ୟେକ ତ୍ରୟ ମାସିକ ରେ ସାହିତ୍ୟ ସଭା କରିବା ସହିତ ବୃକ୍ଷ ରୋପଣ, ଅନାଥା ଆଶ୍ରମରେ ସେବା ଯୋଗାଇଦେବା ଭଳି ମହତ ସେବା କାର୍ଯ୍ୟ କରୁଥିବାରୁ ସାଧାରଣରେ ସମସ୍ତଙ୍କର ପ୍ରିୟ ଭାଜନ ହୋଇପାରିଛି ବୋଲି ମତପ୍ରକାଶ ପାଇଥିଲା । ସଂଗଠନ ର ସଭାପତି ସଂଯୁକ୍ତା ବଳ ନାୟକ ଅତିଥି ପରିଚୟ ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସମ୍ପାଦିକା ଦମୟନ୍ତୀ ରାଉତ ସମ୍ପାଦକୀୟ ବିବରଣୀ ପାଠ, ଉପସଭାପତି ଶଶିକଳା ମିଶ୍ର ପ୍ରାରମ୍ଭିକ ସଙ୍ଗୀତ, ପ୍ରଧାନ ଶିକ୍ଷୟତ୍ରୀ ଜାନକୀ ପାଢ଼ୀ, ଶାନ୍ତିଲତା ବାରିକ, ଶିକ୍ଷୟତ୍ରୀ ମନୋରମା ରାୟ, ଗୀତାଞ୍ଜଳି ଅଗସ୍ତି, ବିଶ୍ୱ ବିଜୟିନୀ, ସୁଶ୍ରୀ ସଂଗୀତା ସାହୁ, ମାନସୀ ସୁତାର, ମିନତୀ ବାରିକ ପ୍ରମୁଖ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଉପଦେଷ୍ଟା ସଂଯୁକ୍ତା ଯାଦବ ମଂଚ ଆମନ୍ତ୍ରଣ ଓ ଉପସଭାପତି ମମତା ବଳ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଓଡିଶା ତେଜସ୍ୱିନୀ ମହିଳା ସଂଗଠନ, ଜଗା ଚାକର ସଂଘ, ଜୟ ସନ୍ତୋଷୀ ମା ସ୍ୱୟଂ ସହାୟକ ଗୋଷ୍ଠୀ, ଭଦ୍ରକ ସ୍ୱୟଂ ସହାୟକ ଗୋଷ୍ଠୀ, ଡାକ୍ତର ଶୁଭନ୍ତିକା ଅଙ୍କିତା, ଶିକ୍ଷୟତ୍ରୀ ଝରଣା ପୁହାଣ, ଆଇନଜୀବୀ ସସ୍ମିତା ସାହୁ, ସ୍ୱାସ୍ଥ୍ୟ ସେବିକା ନିରୁପମା ଦାଶ, ସଫେଇ କାର୍ଯ୍ୟ ରେ ନିରୁପମା ନାୟକ, ଚିତ୍ର ଶିଳ୍ପୀ ତପସ୍ୱିନୀ ନାୟକ ଙ୍କ ସମେତ ନୃତ୍ୟ ଅନୁଷ୍ଠାନ ଉତ୍ସବ କ୍ରିଏଟିଭ, ଦର୍ଶନ ଏକାଡେମୀ, ସାଇ ନୃତ୍ୟ ଏକାଡେମି ଓ ଶିଶୁ ନୃତ୍ୟ ଶିଳ୍ପୀ ଜାଗୃତି ଦାସ ମଲ୍ଲିକ, ଶିବାଙ୍ଗୀ ଭୋଇଁ, ବିଏସ ତେଜ ପ୍ରତାପ ମହାନ୍ତି ପ୍ରମୁଖ ପ୍ରତିଭା ଧାରୀ ଙ୍କୁ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ରାଉତ ରାଏ ସମ୍ବର୍ଦ୍ଧିତ କରିଥିଲେ । ନୃତ୍ୟ ବିଚାର ପତି ଭାବେ ଗୌରାଙ୍ଗ ବାରିକ, ବୈକୁଣ୍ଠ ଓଝା ଦାୟିତ୍ୱ ନିର୍ବାହ କରିଥିଲେ ।

# ଅମୃତ ଷ୍ଟେସନ ଯୋଜନା ଅଧୀନରେ ଅନୁଗୁଳ ରେଳ ଷ୍ଟେସନର ରୂପାନ୍ତରଣ

ଭୁବନେଶ୍ୱର, ୭/୦୮ (ନି.ପ୍ର): ଅମୃତ ଷ୍ଟେସନ ଯୋଜନା ଅଧୀନରେ ଅନୁଗୁଳ ରେଳ ଷ୍ଟେସନର ପୁନର୍ବିକାଶ ଗଠନଶୀଳ ଭାବରେ ଅଗ୍ରଗତି କରୁଛି । ପ୍ରକଳ୍ପଟି ୨୫.୪୧ କୋଟି ଟଙ୍କାର ଅନୁମୋଦିତ ମୂଲ୍ୟ ମଧ୍ୟରୁ ନିର୍ମାଣ କାର୍ଯ୍ୟରେ ୫୨% ଏବଂ ଆର୍ଥିକ କ୍ଷେତ୍ରରେ ୪୩% ପ୍ରଗତି ହାସଲ କରିଛି । ଅମୃତ ଭାରତ ଷ୍ଟେସନ ଅନ୍ତର୍ଗତ ଅନୁଗୁଳ ଷ୍ଟେସନର ସପ୍ଟ ଅପଗ୍ରେଡେସନ୍ ଡିସେମ୍ବର ୨୦୨୫ ସୁଦ୍ଧା ସମାପ୍ତ ହେବାର ଯୋଜନା କରାଯାଇଥିବାବେଳେ ୧୨-ମିଟର ଚଉଡା ଫୁଟ ଓଭର ବ୍ରିଜ ମାର୍ଚ୍ଚ ୨୦୨୬ ସୁଦ୍ଧା ସମାପ୍ତ ହେବାର ଆଶା କରାଯାଉଛି । ଷ୍ଟେସନ ନିର୍ମାଣ ସହ ମୁଖବନ୍ଧ ଉନ୍ନତି କାର୍ଯ୍ୟ ଯେଉଁଠାରେ ଢାଂଚାଗତ କାର୍ଯ୍ୟ ସମାପ୍ତ ହୋଇଛି, ପ୍ଲାଷ୍ଟରିଂ କାର୍ଯ୍ୟ ଚାଲୁରହିଛି ଓ ରଙ୍ଗ ଏବଂ ବୈଦ୍ୟୁତିକ କାର୍ଯ୍ୟ ସଠିକ ସମୟରେ କରାଯିବ । ଚଳପ୍ରଚଳ ଅଂଚଳ ବା ସର୍କୁଲେଟିଂ ଏରିଆର ବିକାଶ କାର୍ଯ୍ୟରେ ଟେନ୍ସାଇଲ୍ ଫେବ୍ରିକେସନ୍ ସମାପ୍ତ ହୋଇଛି ଏବଂ ମାଟି କାର୍ଯ୍ୟ ବା ଆର୍ଥୱାର୍କ, ପିସିସି ଏବଂ ଡ୍ରେନେଜ୍ କାମ ଚାଲୁରହିଛି । ପ୍ଲାଟଫର୍ମ ଆଶ୍ରୟସ୍ଥଳ, ଯେଉଁଠାରେ ୩୫ ଟି ବେ ମଧ୍ୟରୁ ୨୯ ଟି ସମ୍ପୂର୍ଣ୍ଣ ହୋଇଛି । ଫୁଟ ଓଭର ବ୍ରିଜ ସହିତ ସଂଯୁକ୍ତ କ୍ୟାଂଟିଲିଭର୍ ଷ୍ଟ୍ରକଚର ନିର୍ମାଣ ସହିତ ବାକି ୬ ଟି ନିର୍ମାଣ କାର୍ଯ୍ୟ ପ୍ରଗତିରେ ଅଛି । ପ୍ଲାଟଫର୍ମ ଚଳପ୍ରଚଳ ଅଂଚଳ, ଇଟା ଦ୍ୱାରା ଡ୍ରେନେଜ୍ କାର୍ଯ୍ୟ, ବ୍ଲକ୍ ଗୁଡିକୁ ସଠିକ ଭାବେ ସଂସ୍ଥାପନ ଏବଂ ପ୍ଲାଟଫର୍ମ ୨ ଏବଂ ୩ ରେ ଟାଇଲ୍ ବିଛାଇବା ସମେତ ପାଣି ବୁଥ୍ ସଂସ୍ଥାପନ କାର୍ଯ୍ୟ ଚାଲୁରହିଛି ଏବଂ ଟ୍ୟାପ୍ ପଏଣ୍ଟ ସ୍ଥାପନ ହେବାକୁ ବାକି ଅଛି । ଫୁଟ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ମୂଳଦୁଆ (ଫାଉଣ୍ଡେସନ୍), ସିଡ଼ି, ସ୍ତମ୍ଭ ନିର୍ମାଣ ଏବଂ ଡେକ୍ ଫେବ୍ରିକେସନ୍ ସହିତ ଯୋଜନଗତ ଭାବରେ ଅଗ୍ରଗତି ହେଉଛି । ପ୍ରବେଶଯୋଗ୍ୟତାକୁ ଉନ୍ନତ କରିବା ପାଇଁ ଚାରିଟି ଲିଫ୍ଟ ବ୍ୟବସ୍ଥା କରାଯାଉଛି । ଅତିରିକ୍ତ କାର୍ଯ୍ୟ ମଧ୍ୟରେ ପ୍ରତିକ୍ଷ୍ୟ ହଲ୍ ଓ ଶୌଚାଳୟର ନବୀକରଣ, ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥର ବିକାଶ ଏବଂ ସ୍ଥାନୀୟ କଳା ଏବଂ ସାଂସ୍କୃତିକ ଗରିମା ଓ ସୌନ୍ଦର୍ଯ୍ୟମୟ ଡିଜାଇନ୍ ଉପାଦାନଗୁଡ଼ିକର ସମନ୍ୱୟ ଅନ୍ତର୍ଭୁକ୍ତ । ଷ୍ଟେସନକୁ ଦିବ୍ୟାଙ୍ଗଜନ-ଅନୁକୂଳ ସୁବିଧା ଭାବରେ ବିକଶିତ କରାଯାଉଛି । ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସହିତ ରାମ୍ପ, କୋଚ୍ ସ୍ଥିତି ପ୍ରଦର୍ଶନ ବୋର୍ଡ, କମ୍ ଉଚ୍ଚତା ଟିକେଟ୍ ଏବଂ ସହାୟତା ବୁଥ୍, ଦିବ୍ୟାଙ୍ଗ ଶୌଚାଳୟ ଏବଂ ଜଳ ବୁଥ୍, ଉତ୍ସର୍ଗୀକୃତ ପାର୍କିଂ ଏବଂ ଲିଫ୍ଟଗୁଡ଼ିକୁ ଫୁଟ ଓଭର ବ୍ରିଜରେ ସଂଯୁକ୍ତ କରାଯାଉଛି ।

# ଦିବ୍ୟାଙ୍ଗ ଯୁବକ ଆକ୍ରମଣ ଘଟଣାରେ ୨ ନାବାଳକ କୋର୍ଟ ଚାଲାଣ

ଧର୍ମଶାଳା, ୭/୦୮ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ସାପ୍ତାହିକ ହାଟ ନିକଟରେ ତିନି ଜଣ ଯୁବକଙ୍କ ଆକ୍ରମଣରେ ଜଣେ ଦିବ୍ୟାଙ୍ଗ ଯୁବକ ଗୁରୁତର ଆହତ ହୋଇଥିଲେ । ଏହି ଘଟଣାରେ ପୋଲିସ ତଦନ୍ତ କରି ବନ୍ଧଡିହ ଗ୍ରାମର ୨ ଜଣ ନାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଏହି ୨ ଜଣ ନାବାଳକ ବନ୍ଧଡିହ ପଂଚାୟତ ଅଲାଡି ଗ୍ରାମର ବୋଲି ଜଣାପଡିଛି । ଜଣାପଡିଛି । ସୂଚନା ଥାଉ କି, ଅରିବାର ସନ୍ଧ୍ୟାରେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅରେଇକଣା (ରାୟସାହି) ଗ୍ରାମର ସର୍ବେଶ୍ୱର ସାମଲଙ୍କ ଦାଦା ପୁଅ ଶ୍ରୀଧର ସାମଲ(୨୭) ବ୍ରହ୍ମବରଦା ସାପ୍ତାହିକ ହାଟ ନିକଟସ୍ଥ ଏକ କେକ ଦୋକାନକୁ ଆସିଥିଲେ । ସେଠାରେ ସେ ଥଣ୍ଡା ପାନୀୟ ପିଇବା ସମୟରେ ବ୍ରହ୍ମବରଦା ଥାନା ଅନ୍ତର୍ଗତ ବନ୍ଧଡିହ ପଂଚାୟତ ଅଲାଡି ଗ୍ରାମର ୩ ଜଣ ନାବାଳକ ଧୂମପାନ କରିବା ସମୟରେ ସେଠାରେ ଉପସ୍ଥିତ ଥିବା ଶ୍ରୀଧରଙ୍କ ପାଖକୁ ଆସି ପ୍ରଥମେ ଅଶ୍ଳିଳ ଭାଷାରେ ଗଳିଗୁଲଜ କରିଥିଲେ । ଏହାକୁ ଶ୍ରୀଧର ପ୍ରତିବାଦ କରିବାରୁ ସେମାନେ ସଂଘବଦ୍ଧ ଭାବେ ମାଡ ମାରି ଲହୁଲୁହାଣ କରି ଦେଇ ଥିଲେ । ଶ୍ରୀଧର ଚିହାର କରିବାରୁ ସ୍ଥାନୀୟ ଲେକେ ତାଙ୍କୁ ଉଦ୍ଧାର କରିବା ସହ ତିନି ଜଣଙ୍କୁ ଥାନାରେ ଜିମା ଦେଇଥିଲେ । ସର୍ବେଶ୍ୱର ସ୍ଥାନୀୟ ଲୋକଙ୍କ ସହ ଘଟଣା ସମ୍ପର୍କରେ ଅବଗତ ହେବା ପରେ ୪ ଜଣଙ୍କ ନାମରେ ଏତଲା ଦେଇଥିଲେ ।

# ମହାବାହୁଙ୍କ ପାଇଁ ରାକ୍ଷୀ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ନାଲି, ନେଳି, ହଳଦିଆ ଓ ବାଇଗଣି ରଙ୍ଗର ରାକ୍ଷୀ

ପୁରୀ, ୭/୦୮ (ନି.ପ୍ର): ଶ୍ରାବଣ ମାସର ପୂର୍ଣ୍ଣିମାରେ ପବିତ୍ର ରକ୍ଷା ବନ୍ଧନ । ମହାପ୍ରଭୁଙ୍କ ମାନବୀୟଲୀଳା ମଧ୍ୟରେ ରକ୍ଷା ବନ୍ଧନ ଅନ୍ୟନ ପର୍ବ ।ଶ୍ରୀମନ୍ଦିର ରୀତିନୀତି ଅନୁଯାଇ ବଡଠାକୁର ଶ୍ରୀବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀ ଦେବୀ ସୁଭଦ୍ରାଙ୍କ ଠାରୁ ରାଖୀ ପିନ୍ଧିବେ । ଏଥିପାଇଁ ପାଟରା ବିଶୋଇ ସେବକ ମାନେ ରାଖୀ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ନାଲି, ନେଳୀ, ହଳଦିଆ ଓ ବାଇଗଣୀ ରଙ୍ଗର ରାକ୍ଷୀ ପିନ୍ଧିବେ ଚତୁର୍ଦ୍ଧାମୂର୍ତ୍ତି । ଆସନ୍ତା ଶନିବାର ପବିତ୍ର ଗହ୍ମା ପୁନେଁଇରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କୁ ରାକ୍ଷୀ ପିନ୍ଧାଇବେ ଭଉଣୀ ସୁଭଦ୍ରା । ଦୁଇ ଭାଇ ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ହାତରେ ରାକ୍ଷୀ ବାନ୍ଧି ନିଜ ସୁରକ୍ଷା ଲୋଡିବେ ଦେବୀ ମା ସୁଭଦ୍ରା । ଭାଇ ଭଉଣୀଙ୍କ ଥିବା ଏହି ସମ୍ପର୍କ ଡୋରିର ନିଦର୍ଶନକୁ ଗହ୍ମା ପୁନେଁଇରେ ଦର୍ଶନ କରି ନିଜକୁ ଧନ୍ୟ ମଣିବେ ଭକ୍ତ । ଗତ ଚିତାଲାଗି ଅମାବାସ୍ୟା ଠାରୁ ମହାପ୍ରଭୁଙ୍କ ପାଇଁ ରାକ୍ଷୀ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି । ମହାପ୍ରଭୁଙ୍କ ରାକ୍ଷୀ ତିଆରି କରୁଥିବା ସ୍ୱତନ୍ତ୍ର ସେବକ ପାଟରା ବିଷୋୟୀ ସେବକ ନିଜ ବାସଗୃହରେ ରାକ୍ଷୀ ପ୍ରସ୍ତୁତିରେ ଲାଗି ପଡିଛନ୍ତି । ବିଧି ମୁତାବକ ମହାପ୍ରଭୁ ଶ୍ରୀଜଗନ୍ନାଥ ଦୁଇଟି ଓ ଶ୍ରୀ ବଳଭଦ୍ର ଦୁଇଟି ଲେଖାଏଁ ରାକ୍ଷୀ ପରିଧାନ କରିଥାନ୍ତି । ଏଥିସହ ହାତରେ ଦୁଇଟି ଲେଖାଏଁ ଗୁଆ ମାଳ ପରିଧାନ କରି ରାକ୍ଷୀ ପୂର୍ଣ୍ଣିମାରେ ଭକ୍ତଙ୍କୁ ଦର୍ଶନ ଦେବେ ଶ୍ରୀଜିଉ । ସେହିପରି ଗହ୍ମା ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ ମଧ୍ୟ ପାଳନ ହେବ ।ରାକ୍ଷୀ ତିଆରି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପାଟରା ବିଶୋଇ ସେବକଙ୍କୁ ଆବଶ୍ୟକ ପରିମାଣର ବାସୁଙ୍ଗା ପାଟ ଯୋଗାଇ ଦିଆଯାଏ । ଏହାକୁ ପ୍ରାକୃତିକ ରଙ୍ଗରେ ବୁଡ଼ାଇ ଖରାରେ ସୁଖାଯାଇଥାଏ । ହଳଦିଆ, ନାଲି, ନେଳି ଓ ବାଇଗଣୀ ରଙ୍ଗରେ ବାସୁଙ୍ଗା ପାଟକୁ ରଙ୍ଗୀନ କରାଯିବା ପରେ ତାକୁ ନିର୍ଦ୍ଦିଷ୍ଟ ମାପରେ କଟାଯାଇ ଗୋଲେଇ ଆକାରରେ ପ୍ରସ୍ତୁତ କରାଯାଇଥାଏ । କାଠ ପାନିଆରେ ଏହାକୁ ସାଇଜ କରାଯାଇ ୫ ଥାକିଆ ରାକ୍ଷୀ ପ୍ରସ୍ତୁତ କରାଯାଏ । ବାସୁଙ୍ଗା ପାଟରେ ଡୋରି ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ଏଥି ସହିତ ୫୪ ଟି ଲେଖାଏଁ ଗୁଆରେ ୪ ଟି ଗୁଆମାଳ ପ୍ରସ୍ତୁତ କରାଯାଏ । ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ପ୍ରଭୂ ଶ୍ରୀ ବଳଭଦ୍ର ନେଳି ଓ ବାଇଗଣୀ ରଙ୍ଗର ଗୁଅମାଳ ପରିଧାନ କରିଥାନ୍ତି । ଏହା ବ୍ୟତୀତ ବାସୁଙ୍ଗା ପାଟରେ ୧୫ ଟି ଛୋଟ ରାକ୍ଷୀ ପ୍ରସ୍ତୁତ ହୋଇଥାଏ । ଶ୍ରୀମନ୍ଦିର ଭିତରେ ଥିବା ପାର୍ଶ୍ୱ ଦେବାଦେବୀ ମଧ୍ୟ ଏହି ଛୋଟ ରାକ୍ଷୀ ପରିଧାନ କରିଥାନ୍ତି । ରାକ୍ଷୀ ନିର୍ମାଣ ପାଇଁ ୧୦ରୁ ୧୨ ଦିନ ସମୟ ଲାଗେ । ଶୁଦ୍ଧପୂତ ଭାବେ ରହି ନିଷ୍ଠାର ସହ ରାଖୀ ତିଆରି କରିବାକୁ ପଡ଼େ । ରାଖୀ ପୂର୍ଣ୍ଣିମା ପୂର୍ବ ଦିନ ରାଖୀ ତିଆରି ସରିଥାଏ । ଗହ୍ମା ପୂର୍ଣ୍ଣିମା ସକାଳେ ଶ୍ରୀମନ୍ଦିରରୁ ଚର୍ଚ୍ଚା ଆସି ଡାକିଥାନ୍ତି । ଏହାପରେ ଦୁଇଟି ତାଡ଼ରେ ରାଖୀ ଓ ଗୁଆମାଳ ଶ୍ରୀମନ୍ଦିରକୁ ଯାଇଥାଏ । ମହାପ୍ରଭୁଙ୍କ ସେବାରେ ନିମଗ୍ନ ହୋଇ ଧନ୍ୟ ମନେ କରିଛନ୍ତି ପାଟରା ବିଶୋଇ ସେବକ ।

## ଡ୍ରାଫ୍ଟମ୍ୟାନ ନଥିବାରୁ ହୋଇପାରୁନି ଜମି ଖର୍ଦ୍ଦି ବିକ୍ରି

କେନ୍ଦ୍ରାପଡ଼ା, ୭/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ତହସିଲରେ ଦୀର୍ଘ ୪ ବର୍ଷ ହେଲା ଡ୍ରାଫ୍ଟମ୍ୟାନ ନଥିବାରୁ ପ୍ରାୟ ୧୦ଟି ରାଜସ୍ୱ ଗ୍ରାମର ଜମି ଖର୍ଦ୍ଦି ବିକ୍ରି ହୋଇପାରୁ ନଥିବାରୁ ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସମାଜସେବୀ ନଳିନୀକାନ୍ତ ପୃଷ୍ଟି ଜିଲ୍ଲାପାଳଙ୍କୁ ଭେଟି ଡ୍ରାଫ୍ଟମ୍ୟାନ ନିଯୁକ୍ତି ଦେବାପାଇଁ ଦାବି କରିଛନ୍ତି । ଦାବି ମୁତାବକ ୨୦୨୨ ମସିହାରୁ ବଳରାମପୁର ସମେତ ୧୦ଟି ରାଜସ୍ୱ ଗ୍ରାମର ଜମି ବିକା କିଣା ବନ୍ଦଥିବାରୁ ଶ୍ରୀ ପୃଷ୍ଟି ଆଜି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅନୁରୋଧ କରିଛନ୍ତି । ଏହି ୧୦ଟି ମୌଜାରେ ବିକା କିଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସାଧାରଣ ଲୋକେ ମେଡିକାଲ୍ ଖର୍ଚ୍ଚ, ପିଲାଙ୍କ ଉଚ୍ଚ ଶିକ୍ଷା, କନ୍ୟା ବିବାହ ଆଦି ପାଇଁ ନିଜର ସ୍ଥାବର ସମ୍ପତି ବିକ୍ରି ଜରୁରୀ ଥିବାବେଳେ ସୀମା ନିର୍ଦ୍ଧାରଣ ସଂଶୋଧନ ଜନିତ ଅହେତୁକ ବିଳମ୍ବ ହେବାରୁ ସାଧାରଣରେ ଚିନ୍ତାର କାରଣ ହୋଇଛି । ଜିଲ୍ଲପାଳ ତୁରନ୍ତ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସାରିବାକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର ମଲ୍ଲିକଙ୍କୁ ଏହାର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ମା' ତାରିଣି ପିଜି ଗ୍ରୁପ ଡ୍ରାଗନ ଫ୍ରୁଟ ଚାଷ କରି ସ୍ୱାବଲମ୍ବୀ

କେନ୍ଦୁଝର, ୭/୦୮ (ନି.ପ୍ର): କେନ୍ଦୁଝରରେ ପୁଣି ଡ୍ରାଗନ ଫ୍ରୁଟ ଚାଷ, ଏହି ଦୃଶ୍ୟ ଦେଖିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । କେନ୍ଦୁଝର ଜିଲ୍ଲାର କୁଣ୍ଡୁଳା ଗ୍ରାମ ପଂଚାୟତର ସାହାରପଡା ବ୍ଲକର କୁଣ୍ଡୁଳ ତାଳପଦା ଗ୍ରାମରେ ହେଉଛି ଡ୍ରାଗନ ଫ୍ରୁଟର ଚାଷଭୂଲି ଚାଷ ଆଖପାଖ ଲୋକଙ୍କୁ ଯେତିକି ଆଶ୍ଚର୍ଯ୍ୟ କରିଛି ସେତିକି ଖୁସି ବି ଦେଇଛି । କପୁଣ୍ଡି ସ୍ଥିତ ସି.ଓ୍ୱାଇ.ଏସ.ଡି ସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ର.ଏ.ପି.ସି ମାଧମ ରେ ଜିଲ୍ଲା ଖଣିଜ ପାଣ୍ଠି ନାମକ ପ୍ରୋଜେକ୍ଟ ପ୍ରତିଷ୍ଠାନ ସହାୟତାରେ ପ୍ରଥମେ ୧ ଏକର ୨୦ ଡିସିମିଲ ଜାଗା ରେ ଏହି ଡ୍ରାଗନ୍ ଫ୍ରୁଟ୍ ଚାଷ ଆରମ୍ଭ ହୋଇଥିଲା । କୁଣ୍ଡୁଳା ଗ୍ରାମ ପଂଚାୟତର ତାଳପଦା ଗ୍ରାମର ମା ତାରିଣୀ ପିଜି ଗ୍ରୁପର ମହିଳା ମାନେ ଏହି ଚାଷ କରି ପାଖା ପାଖି ତିନି ବର୍ଷ ବର୍ଷ ହୋଇଗ ଆସୁଛନ୍ତି । ଅନେକ ଜାଗାରେ ପାରମ୍ପରିକ ଚାଷ ଛାଡ଼ି ଏବେ ନୂତନ ଚାଷ କରି କରିବାକୁ ଆଗ୍ରହ ପ୍ରକାଶ କରୁଥିବାର ଦେଖିବାକୁ ମିଳିଛି । ସୁଦୂର ଟିଟିଲାଗଡରୁ ୧୭୨୦ ଗୋଟି ଚାରା ଆଣି ଏହି ଚାଷ ଆରମ୍ଭକରିଥିଲେ । ସିମେଂଟ ଖୁଂଟ ସାହାଯ୍ୟରେ ଗଛ ଗୁଡ଼ିକୁ ବାନ୍ଧି ରଖିବା ସହ ବୁନ୍ଦା ଜଳ ସେଚନ ପ୍ରକ୍ରିୟାରେ ଏହି ଚାଷ କରାଯାଉଛି । ବର୍ଷକ ପରେ ଏହାର ଫଳ ଆସିଥିଲା । ପ୍ରତ୍ୟେକ ବର୍ଷ ଏହାର ଫଳ ବଢିବା ସହିତ ଏ ଅଞ୍ଚଳରେ ଏହି ଡ୍ରାଗନ୍ ଫ୍ରୁଟ୍ସର ଚାହିଦା ଦିନକୁ ବଢ଼ି ଚାଲି ଥିବାବେଳେ ଆଖ ପାଖ ଲୋକାଲ ମାର୍କେଟ ରେ କଜି ପ୍ରତି ୨୦୦ ଟଙ୍କା ରେ ବିକ୍ରି କରି ବେଶ ଲାଭବାନ ହେଇ ପାରୁଛନ୍ତି ଏବେ ଏହି ଫଳ ବଜାରରେ ବି ବେଶ ଚାହିଦା ବଢିଛି । ଆଉ କନ୍ଦୁଝର ମାଟିରେ ଏଭଳି ଫଳ ବେଶ ଭଲ ଭାବରେ ଫଳିବା ଚାଷୀଙ୍କ ପାଇଁ ଏକ ଭଳି ହୋଇଛି । ଏହି ଚାଷ ପ୍ରେରଣା କରିବାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସି ଓ୍ୱା ଇ ଏସ ଡି ତରଫରୁ ପ୍ରୀତିନନ୍ଦା ବେଉରା, ସଞ୍ଜୟ କୁମାର ସେଠୀ, ତୋଫାନ କୁମାର ସେଠୀ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି ।

# ପଶ୍ଚିମ ଓଡିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି: ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବିପତ୍ର

ବଲାଙ୍ଗିର, ୭/୦୮ (ନି.ପ୍ର): ପଶ୍ଚିମ ଓଡିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆଜି ବେଲପଡ଼ା ବିଡ଼ିଓ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ କୋଶଳ ରାଜ୍ୟମୁକ୍ତି ମୋର୍ଚ୍ଚାର ସଦସ୍ୟ ମାନେ ଦାବିପତ୍ର ପ୍ରଦାନ କରିଛନ୍ତି । ପଶ୍ଚିମ ଓଡ଼ିଶାର ୧୧ ଟି ଜିଲ୍ଲାର ୮୮ଟି ବ୍ଲକରେ ପ୍ରାୟ ୨ କୋଟି ଜନସାଧାରଣବର୍ଗ ବାସ କରୁଛନ୍ତି ଓ ଅନୁସୂଚିତଜାତି ଓ ଅନୁସୂଚିତ ଜନଜାତି ବହୁଳ ଅଚଳ ହୋଇ ଯିବା ସତ୍ତ୍ୱେ ରାଜ୍ୟସରକାର ପ୍ରତିଟି କ୍ଷେତ୍ରରେ ବୈମାତୃକ ମନୋଭାବ ପ୍ରତି ଆବଶ୍ୟକ ସୁବିଧା ସୁଯୋଗରୁ ବଞ୍ଚିତ କରି ଆସୁଛନ୍ତି । ଗତ ୬ ଦଶନ୍ଧି ହେଲା ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ହୋଇ ଆସୁଛି । କିନ୍ତୁ ରାଜ୍ୟ ସରକାର ହୟଜ୍ଞାନ କରୁଛନ୍ତି ।ଭାରତ ବର୍ଷର ଅନ୍ୟରାଜ୍ୟରେ ଆବଶ୍ୟକ ଅନୁଯାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ ହେଉଥିବା ବେଳେ ପଶ୍ଚିମ ଓଡିଶା ପ୍ରତି ବୀମାତାର ପୁତ୍ର ପରି ଆଚରଣ କରାଯାଇଛି ।

ପ୍ରକାଶ ଥାଉକି ମୁଖ୍ୟ ହାଇକୋର୍ଟ କଟକରେ ରହିଥିବାରୁ ପଶ୍ଚିମ ଓଡିଶାବାସୀଙ୍କୁ ୪ ଶହ ରୁ ଉର୍ଦ୍ଧ କି. ମି. ଅତିକ୍ରମ କରିବାକୁ ପଡୁଛି । ଯାହା ଦ୍ୱାରା ପଶ୍ଚିମ ଓଡିଶାବାସୀଙ୍କୁ ଖର୍ଚ୍ଚାନ୍ତ ଓ ହଇରାଣ ହେବାକୁ ପଡୁଛି ଓ । ଗରିବ ଶ୍ରେଣୀର ଲୋକ ତଥା ଆଦିବାସୀ ବର୍ଗ ପଛୁଆ ବର୍ଗ ଅନୁସୂଚିତ ଜାତି ବର୍ଗ ଖର୍ଚ୍ଚାନ୍ତ ହେବା ସହ ନ୍ୟାୟ ପାଇବାରୁ ବଞ୍ଚିତ ହେବାକୁ ପଡୁଛି । ପଶ୍ଚିମ ଓଡିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି କୁ ନେଇଁ ପୂର୍ବରୁ ଓକିଲ ସଙ୍ଘ ସହ ପଶ୍ଚିମ ଓଡ଼ିଶାର ବିଭିନ୍ନ ସଂଗଠନ, ରାଜ୍ୟ ନୈତିକ ଦଳ ସମର୍ଥନ କରି ଆସୁଛନ୍ତି ।କିଛି ସୁଫଳ ପାଇଲେ ନାହିଁ, ଏଣୁ ବର୍ତ୍ତମାନ ଡବଲ ଇଂଜିନ ସରକାର ଥିବାରୁ ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଆଗତକରି ମତ ସ୍ପଷ୍ଟ ରଖି ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ଉଠିଛି । ଏ ନେଇ ଆଜି ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ବେଲପଡ଼ା ବିଡ଼ିଓ ରାଜେଶ ମେହେରଙ୍କୁ ସ୍ଥାନୀୟ କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା କର୍ମକର୍ତ୍ତା ମାନେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଏହି ଦାବି ପତ୍ର ବେଳେ କୋଶଳ କ୍ରାନ୍ତିବିର ଜନାର୍ଦ୍ଦନ ସିଂ, ସିପୁନ ଖମାରୀ, ଜିତୁ ନାଏକ, ଯୁଗଳ ମେହେର, ସରୋଜ ନାଏକ, ଜୟ ମେହେର, ବିତୁ ମିଉଳ, ରାଜିନ ବୁଡ଼େକ, ରାଜକିଶୋର ଛତ୍ରିଆ, ଚତୃ ବୁଡ଼େକ, ସଚିତ ମେହେର, ଚକ୍ରଧର ଥପା, ବିଶ ବୁଡ଼େକ ଓ ଅନ୍ୟମାନେ ସାମିଲ ଥିଲେ ।

# ଖୁବ୍‌ଶୀଘ୍ର ୧୬୩୫ଟି ନୂତନ ରାଜସ୍ୱ ଗ୍ରାମର ସୀମା ପରିବର୍ତ୍ତନ

ଭୁବନେଶ୍ୱର, ୭/୦୮ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ୧୬୩୫ଟି ନୂତନ ରାଜସ୍ୱ ଗ୍ରାମର ସୀମା ପରିବର୍ତ୍ତନ କରାଯିବ । ନୂତନ ରାଜସ୍ୱ ଗ୍ରାମର ସୀମା ଯେଭଳି ପୁରୁଣା ଗ୍ରାମ ସହ ସଂଶ୍ଳିଷ୍ଟ ନ ରହିବ, ସେନେଇ ରାଜସ୍ୱ ବିଭାଗ ପକ୍ଷରୁ ଏକ ଏସଓପି ଜାରି କରାଯାଇଛି ।

ବିଭାଗର ଏସଓପି ଅନୁଯାୟୀ, ତୁରନ୍ତ ନୂତନ ରାଜସ୍ୱ ଗ୍ରାମଗୁଡ଼ିକର ନକ୍ସା ପରିବର୍ତ୍ତନ କରିବାକୁ ରାଜ୍ୟ ଭୂ- ରେକର୍ଡ ଓ ସର୍ଭେ ଓ ସର୍ଭେ ନିର୍ଦ୍ଦେଶକଙ୍କ ସହ ସମସ୍ତ ଜିଲାପାଳ ଏବଂ ଆଁଡିସିଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିଠିରେ ଲେଖିଛନ୍ତି ଦୀର୍ଘଦିନ ଧରି ନୂତନ ରାଜସ୍ୱ ଗ୍ରାମ ଓ ଏହାର ସୀମା ପୁନଃ ନିର୍ଦ୍ଧାରଣ ଲାଗି ଦାବିହୋଇ ଆସୁଥିଲା । ଏହାକୁ ନେଇ ଜିଲାପାଳ, ବନ୍ଦୋବସ୍ତ ଅଧିକାରୀଙ୍କ ପକ୍ଷରୁ ଆସିଥିବା ସୁପାରିସ୍‌କୁ ଆଧାରକରି ସରକାରଙ୍କ ପକ୍ଷରୁ ୧୬୩୫ଟି ରାଜସ୍ୱ ଗ୍ରାମକୁ ଅନୁମୋଦନ ପ୍ରଦାନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୧୬୩୫ଟି ରାଜସ୍ୱ ଗ୍ରାମ ପ୍ରସ୍ତାବକୁ ସରକାରଙ୍କ ଅନୁମୋଦନ ମିଳିଛି । ରାଜସ୍ୱ ଗ୍ରାମ ବିଭାଜନ ଦ୍ୱାରା ଦୁଇଟି ଅଲଗା ଗ୍ରାମ ପାଇଁ ନୂତନ ଭୂ-ରେକର୍ଡ ପ୍ରସ୍ତୁତ ହେବା ଉଚିତ୍, ଯେଉଁଥିରେ ପ୍ରତ୍ୟେକ ରାଜସ୍ୱ ଗ୍ରାମ ନୂତନ ଖାତା ଓ ପ୍ଲଟ୍ ତଥ୍ୟ ରହିବା ଜରୁରୀ । ନୂତନ ରାଜସ୍ୱ ଗ୍ରାମ ସୀମା ପୁନଃ ନିର୍ଦ୍ଧାରଣ ବେଳେ ଯେପରି ପୁରୁଣା ରାଜସ୍ୱ ଗ୍ରାମର ରେକର୍ଡ ମିଶି ନ ଯାଏ ସେଥି ପ୍ରତି ଦୃଷ୍ଟି ଦେବାକୁ ଏସିଏସ୍ ନିର୍ଦ୍ଦେଶ ଦେଇଛନ୍ତି ।

ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ରାଜ୍ୟରେ ୧୯୯୧ରୁ ୨୦୨୪ ପର୍ଯ୍ୟନ୍ତ ୩୪ ବର୍ଷ ଭିତରେ ମାତ୍ର ୧ ହଜାର ଗାଁକୁ ରାଜସ୍ୱ ଗାଁ ଭାବେ ଘୋଷିତ ହୋଇଥିଲା । ହେଲେ ପୂର୍ବତନ ସରକାର ସେଥିରୁ ମାତ୍ର ୩୦୦ ଗାଁର ମ୍ୟାପ ପ୍ରସ୍ତୁତ ହୋଇଥିଲା । କିନ୍ତୁ ବାକି ୭୦୦ ଗାଁର ମ୍ୟାପ କରିପାରିଲେ ନାହିଁ ପୂର୍ବ ସରକାର । ତେଣୁ ମ୍ୟାପ ହୋଇନଥିବା ବାକି ଗାଁ ଏବଂ ନୂଆ ଗାଁ ମିଶାଇ ୧୬୩୫ ରାଜସ୍ୱ ଗାଁ ଗୁଡ଼ିକର ମ୍ୟାପ କରିବା ପାଇଁ ଯାଉଛନ୍ତି ସରକାର । ସେଥିପାଇଁ ପ୍ରତି ତହସିଲରେ ହେବ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ସେଲ । ଏହାସହ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଏହି ଗାଁ ଗୁଡିକ ମାନ୍ୟତା ପାଇବା ସହ କାର୍ଯ୍ୟକାରୀ ହେବ । ୩୪ ବର୍ଷ ଭିତରେ ପୂର୍ବତନ ସରକାର ମାନେ ଯାହା କରିପାରିଲେ ନାହିଁ, ବିଜେପି ସରକାର ଏବେ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ରାଜସ୍ୱ ଗାଁ ହେଲା ପରେ ସ୍ୱତନ୍ତ୍ର ମ୍ୟାପ ହେବ । ମୂଳ ଗାଁରେ ଥିବା ଲୋକଙ୍କ ଖାତା ନମ୍ବର ପ୍ଲଟ ନମ୍ବର ମଧ୍ୟ ପରିବର୍ତ୍ତନ ହୋଇ ନୂଆ ହେବ । ଭୂଲେଖରେ ମଧ୍ୟ ଗାଁର ନାମ ସ୍ଥାନ ପାଇବ । ୨୫୦ରୁ ଅଧିକ ଜନସଂଖ୍ୟା ଏବଂ ମୂଳ ରାଜସ୍ୱ ଗାଁକୁ ୫୦୦ ମିଟର ଦୂରତା ଥିବା ପଡ଼ା ଗାଁ ଗୁଡ଼ିକୁ କରାଯିବ ରାଜସ୍ୱ ଗ୍ରାମ । ଅନ୍ୟ ସବୁ କଟକଣା ଉଠାଇ ଦେଇଛନ୍ତି ବିଜେପି ସରକାର ବୋଲି ସେ କହିଛନ୍ତି ।

# ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଶାସ୍ତ୍ରୀ ନଗର ଜାତୀୟ ଗୁଣବତ୍ତା ମାନ (ଏନକ୍ୟୁଏଏସ) ହାସଲ କଲା

ବଲାଙ୍ଗିର, ୭/୦୮ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ଅବସ୍ଥାପିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ର, ଶାସ୍ତ୍ରୀ ନଗର ଯାହା ବଲାଙ୍ଗିର ଜିଲ୍ଲା ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେସନାଲ ପିସ ୟୁନିସନ (ଭାରତ) ଦ୍ୱାରା ପରିଚାଳିତ ଏହା ଏବେ ଭାରତ ସରକାରଙ୍କ ଜାତୀୟ ସ୍ତର ର ଗୁଣବତା ର ମାନ ହାସିଲ କରି ପାରିଛି ।

ଉକ୍ତ ମାନ ନିର୍ଧାରଣ ପାଇଁ ପ୍ରାୟ ଏକ ମାସ ତଳେ ଏକ ଜାତୀୟ ସ୍ତର ର ଚୟନ କର୍ତ୍ତା ଦଳ ଭାରତ ସହକାର ଙ୍କ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ସର୍ବମୋଟ ୧୨ ଗୋଟି ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବିଭାଗ ପାଇଁ ଏହି ଚୟନ ପ୍ରକ୍ରିୟା ଦୁଇ ଦିନ ଧରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଓ ଏହାର ପାର୍ଶ୍ୱଂଚଳ ସ୍ୱାସ୍ଥ୍ୟ ପରିଧି ମଧ୍ୟ କୁ ପରିଦର୍ଶନ କରି ସବିଶେଷ ୧୮୦୦ ଚେକ ପଏଂଟ ଉପରେ ଚୟନପାଇଁ ପ୍ରକ୍ରିୟା ପ୍ରାରମ୍ଭ କରିଥିଲେ ।

ଉପରୋକ୍ତ ଜାତୀୟ ଚୟନ ପ୍ରକ୍ରିୟା ସମୟରେ ଜାତୀୟ ଚୟନ କର୍ତ୍ତା ଡା.ଭେଙ୍ଗଲା ପ୍ରସାଦ ବାରା (ବେଙ୍ଗାଲୁରୁ) ଓ ଡା. ସ୍ୱୋବ୍ରତ ରାଏ (କୋଲକତା) ଓ ତାଙ୍କ ଟିମ ଭାରତ ସରକାର ସ୍ୱାସ୍ଥ୍ୟ ବିଭାଗଙ୍କ ପ୍ରତିନିଧିତ୍ୱ କରି ଏହାକୁ ଭାରତ ବର୍ଷ ର ଜାତୀୟ ସ୍ୱାସ୍ଥ୍ୟ ଗୁଣବତା ମାନ ନିର୍ଧାରଣ କରିଥିଲେ ।

ସବିଶେଷ ଚୟନ ପ୍ରକ୍ରିୟା ସମାପନ ଏକ ମାସ ପରେ ବଲାଙ୍ଗିର ଜିଲ୍ଲା ର ଏକ ମାତ୍ର ସ୍ୱାସ୍ଥ୍ୟାନୁଷ୍ଠାନ କୁ ଜାତୀୟ ଗୁଣବତା ର ସ୍ୱାସ୍ଥ୍ୟସେବା ଯୋଗାଉଥିବା ଯୋଗ୍ୟ ଅନୁଷ୍ଠାନ ବିବେଚିତ ବୋଲି ଘୋଷଣା କରିଛନ୍ତି । ଏଥିରେ ବଲାଙ୍ଗିର ଜିଲ୍ଲା ର ଜାତୀୟ ସ୍ୱାସ୍ଥ୍ୟ ମିଶନ ର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରମେଶ ଚନ୍ଦ୍ର ସାହୁ, ଡା. ଦିବ୍ୟ କିଶୋର ପତି, (ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ) ଜେ ରାଜେଶ୍ୱର ରାଓ ପଟ୍ଟନାୟକ (ଜିଲ୍ଲା ପ୍ରକଳ୍ପ ମେନେଜର, ଜାତୀୟ ସ୍ୱାସ୍ଥ୍ୟ ମିଶନ) ଶ୍ରୀ ରାମାନୁଜ ପଣ୍ଡା (ଏ. ପି ଏମ ), ପ୍ରଦୀପ କୁମାର ନାଗ( ପି ଏଚ ଏମ), ଅନିଲ ମହାକୁଡ଼ (ୟୁ. ଡ଼ି. ଏମ) ଜାତୀୟ ସ୍ୱାସ୍ଥ୍ୟ ମିଶନ ବଲାଙ୍ଗିର ତଥା ପିସ ୟୁନିସନ ମଧ୍ୟରୁ ଚେୟାରମେନ ଓ ନିର୍ଦ୍ଦେଶକ ରବି ରଞ୍ଜନ ପୁଜାରୀ ଓ ସତ୍ୟ ରଞ୍ଜନ ମିଶ୍ର, ସ୍ୱାସ୍ଥ୍ୟ କେନ୍ଦ୍ର ର ମେଡିକାଲ ଅଫିସର ଡା.ନିହାର ରଞ୍ଜନ ବହିଦାର ଓ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଓ ସବିଶେଷ କାର୍ଯ୍ୟକ୍ରମ କୁ ସୁସଂଗଠିତ ରେ ସଫଳକରାଇ ଥିବା ହେତୁ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲବାର, ସ୍ୱାସ୍ଥ୍ୟ କେନ୍ଦ୍ର ଓ ସମସ୍ତ ଜାତୀୟ ସ୍ୱାସ୍ଥ୍ୟ ମିଶନ ବଲାଙ୍ଗିର ଙ୍କୁ ସଭିଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଅର୍ପଣ କରିଛନ୍ତି ।

ଉପରୋକ୍ତ ଜାତୀୟ ସ୍ୱାସ୍ଥ୍ୟ ମାନ ନିର୍ଧାରଣ ପ୍ରକ୍ରିୟା ରେ ସାରା ଭାରତ ବର୍ଷ ରୁ ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ର, ଶାସ୍ତ୍ରୀ ନଗର ବଲାଙ୍ଗିର, ଏହି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ହେତୁ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପୌରାଧିକ୍ଷା ପୌର ପରିଷଦ ବଲାଙ୍ଗିର, ଶ୍ରୀମତୀ ଲିକା ସାହୁ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବାମପନ୍ଥୀଙ୍କ ବିକ୍ଷୋଭ

ପୁରୀ, ୭/୦୮ (ନି.ପ୍ର): ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯ୍ୟାତନା, ବଳଙ୍ଗା ପୀଡିତାଙ୍କ ପରିବାରକୁ ଏକ କୋଟି କ୍ଷତିପୂରଣ, ପୋଲିସ ତଦନ୍ତ ସନ୍ଦେହଜନକ ଥିବାରୁ ନ୍ୟାୟିକ ତଦନ୍ତ, ଉପମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସିପିଆଇ ଓ ସିପିଏମ ପକ୍ଷରୁ ଅଗଷ୍ଟ ସାତ ତାରିଖରେ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା । ସିପିଆଇ ର ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ପ୍ରଦୀପ୍ତ କୁମାର ମହାନ୍ତି, ହରିହର ସେନାପତି, ଡାକ୍ତର ପ୍ରଫୁଲ ମହାପାତ୍ର, ଗୋପାଳ ପ୍ରଧାନ, ସିପିଏମ ର ଜିଲ୍ଲାସମ୍ପାଦକ ଜଗନ୍ନାଥ ଦେଓ, ସୁରେନ୍ଦ୍ର ଜେନା, ଶରତ ରାୟଗୁରୁ, ଶ୍ରୀକାନ୍ତ ପରିଜା, ବନବାସୀ ମହାପାତ୍ର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

# ରାଜସ୍ୱ ସମୀକ୍ଷା ବୈଠକ: ଗଚ୍ଛିତ ବାଲି ଜବତ କରିବା ପାଇଁ ଗୁରୁତ୍ୱ

କେନ୍ଦ୍ରାପଡ଼ା, ୭/୦୮ (ନି.ପ୍ର): କେନ୍ଦ୍ରାପଡା ଉପ ଜିଲ୍ଲପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା, ଭୂମିହୀନମାନଙ୍କୁ ପଟା ପ୍ରଦାନ, ରାଜସ୍ୱ ଆଦାୟ, ଆମ ଗାଁ ତହସିଲ କାର୍ଯ୍ୟକ୍ରମର ସମୀକ୍ଷା, ଖଣି ଅଧିକାରୀ ଓ ତହସିଲଦାର ଉଭୟ ମିଶି ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଚ୍ଛିତ ଥିବା ବାଲିକୁ ଜବତ କରିବା, ବେଆଇନ ଭାବେ ବାଲି ସୈରାତ ଓ ମାଟି ଉଠାଉଥିବା ଗାଡି ଗୁଡିକୁ ଜବତ କରିବା ନେଇ ଆଲୋଚନା କରାଯାଇଛି । ଏଥି ସହିତ ଜିଲ୍ଲାରେ ବେଆଇନ ଭାବେ ବିକ୍ରି ହେଉଥିବା ଚୋରା ମଦ କାରବାର ବନ୍ଦ କରିବାକୁ ଉପ ଜିଲ୍ଲାପାଳ ଶ୍ରୀ ନାୟକ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ସପ୍ତାହରେ ଜିଲ୍ଲା ସଡ଼କ ସୁରକ୍ଷା ଓ ପରିବହନ ବିଭାଗକୁ ବିନା ହେଲମେଟରେ ଚଲାଉଥିବା ମଟର ସାଇକେଲ ଓ ପ୍ରଦୂଷଣ ସୃଷ୍ଟି କରୁଥିବା ମଟର ସାଇକେଲ ର ସାଇଲେନସର ପାଇପକୁ ବାହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ଖଣି ଅଧିକାରୀ, ପରିବହନ ଅଧିକାରୀ (ଆରଟିଓ), ଅବକାରୀ ଅଧିକାରୀଙ୍କ ସହିତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଭୁଲ୍ ସମୟରେ ଖାଇଲେ ସ୍ୱାସ୍ଥ୍ୟ ଉପରେ ପଡ଼େ ପ୍ରଭାବ : ଜାଣନ୍ତୁ , ଲଞ୍ଚ୍ ଏବଂ ଡିନର୍ ଭିତରେ କେତେ ସମୟର ଅନ୍ତର ରହିବା ଦରକାର ?



ଯେମିତି ପୁଷ୍ଟିକର ଖାଦ୍ୟ ଆମ ଶରୀରକୁ ହେଲଦି ରଖିବାରେ ସାହାଯ୍ୟ କରେ ଠିକ୍ ସେମିତି ଆପଣଙ୍କ ଖାଇବା ସମୟ ମଧ ଆପଣଙ୍କ ସୁସ୍ଥ ଜୀବନଚର୍ଯ୍ୟାକୁ ସନ୍ତୁଳନ ରଖିବାର କାମ କରେ। ଆପଣ କେତେବେଳେ , କେଉଁ ସମୟରେ ଖାଦ୍ୟ ଖାଉଛନ୍ତି ଏବଂ ଲଞ୍ଚ୍ - ଡିନର୍ ଭିତରେ କେତେ ସମୟର ଅନ୍ତରାଳ ରହିବା ଦରକାର ଏହା ଆପଣ ଜାଣିବା ନିହାତି ଦରକାର । ଅନେକ ଲୋକ ଏ ଉପରେ ଧ୍ୟାନ ଦେଉନଥିବା ବେଳେ ଏ ସମ୍ବନ୍ଧରେ ଜାଣିବା ନିହାତି ଦରକାର।

ଲଞ୍ଚ୍ ଏବଂ ଡିନର୍ ଭିତରେ ୪ ରୁ ୬ ଘଣ୍ଟା ସମୟର ଅନ୍ତର ରହିବା ଦରକାର । ଏହା ଆପଣଙ୍କ ପାଚନ ତନ୍ତ୍ର ଠିକ୍ କରିବା ସହ ଭୋଜନକୁ ହଜମ କରାଇବାରେ ସହାୟକ ହୁଏ। ଅଧିକ ସକ୍ରିୟ ଥିବା ଲୋକ କମ୍ ସମୟର ଅନ୍ତରରେ ଖାଦ୍ୟ ଖାଇବା ଉଚିତ୍ ଅନ୍ୟପକ୍ଷେ ଯେଉଁ ଲୋକଙ୍କ କ୍ଷେତ୍ରରେ ନିଷ୍କ୍ରିୟତା ଦେଖାଯାଏ ସେମାନେ ଅଧିକ ସମୟର ଅନ୍ତରାଳ ନେବା ଆବଶ୍ୟକ। ଲଞ୍ଚ୍ ଏବଂ ଡିନର୍ ଭିତରେ ଅନ୍ତର ନ ରହିବାଦ୍ୱାରା ଓଜନ ବଢିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଏହାଦ୍ୱାରା ଶରୀରରେ କ୍ୟାଲୋରୀ ଜମେ ଏବଂ ଓଜନ ବଢେ । ସମୟ ନଦେଇ ଲଗାତାର ଖାଇବା ଦ୍ୱାରା ପାଚନତନ୍ତ୍ରରେ ଏହାର ପ୍ରଭାବ ପଡ଼େ । ଯାହାଦ୍ୱାରା କୋଷ୍ଠକାଠିନ୍ୟ , ଏସିଡିଟି ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଲଗାତାର ଖାଇବା ଦ୍ୱାରା ଆପଣ ସବୁବେଳେ ଥକ୍କାପଣ ଅନୁଭବ କରିବେ । ରାତିରେ ବିଳମ୍ବରେ ଖାଇବା ଦ୍ୱାରା ଆପଣଙ୍କ ନିଦରେ ମଧ ବ୍ୟାଘାତ ହୁଏ । ଏହିସବୁ ସମସ୍ୟାରୁ ଉପସମ ପାଇବାକୁ ଚାହୁଁଥିଲେ ଏକ ନିର୍ଦ୍ଧିଷ୍ଟ ସମୟକୁ ଚୟନ କରନ୍ତୁ ଏବଂ ସେହି ସମୟରେ ହିଁ ଲଞ୍ଚ୍ ଏବଂ ଡିନର୍ କରନ୍ତୁ । ଅଧିକ ସମୟ ଅନ୍ତର ହେଉଥିଲେ ହାଲକା ଜଳଖିଆ କିମ୍ବା ସ୍ନାକ୍ସ ଖାଆନ୍ତୁ । ସବୁବେଳେ ରାତ୍ରଭୋଜନ ହାଲକା ଏବଂ ସନ୍ତୁଳନ ରଖିବାକୁ ଚେଷ୍ଟା କରନ୍ତୁ । ଯେଉଁଥିରେ ଫାଇବର୍ ଏବଂ ପ୍ରୋଟିନର ମାତ୍ରା ଅଧିକ ଥିବ। ଶୋଇବାର ୨ ରୁ ୩ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଆନ୍ତୁ ନାହିଁ । ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ ଏହା ଆପଣଙ୍କ ପାଚନତନ୍ତ୍ରକୁ ସୁସ୍ଥ ରଖିବାରେ ସହାୟ ହୁଏ ।



# ଖାଆନ୍ତୁ କଦଳୀ ଫୁଲ, ସୁସ୍ଥତା କରିବ ଗେଲ

- କିଡନୀ ଷ୍ଟୋନ୍ ସମସ୍ୟା କାଟିବ
- ଡାଏବେଟିସକୁ ଦୂର କରିବ
- ମହିଳାଙ୍କ ପାଇଁ ମହୌଷଧୀ କଦଳୀ ଫୁଲର ସୁପ୍

ସୁସ୍ଥ ଶରୀର ପାଇବାକୁ ହେଲେ ଆବଶ୍ୟକ ପଡ଼େ ସୁସ୍ଥ ଖାଦ୍ୟର ଆଉ ଏହି ସୁସ୍ଥ ଖାଦ୍ୟ ଜନ୍ମ ନିଏ ସବୁଜ ପରିବାରୁ । ପିଲାଟି ବେଳରୁ ଆମେ ପାଠ ବହିରେ ପଢିଆସିଛେ ତଟକା ପରିବା ଖାଇବା , ସୁସ୍ଥ ଆମେ ରହିବା । ସବୁଜ ତଟକା ପରିବା ଖାଇବାକୁ ଡାକ୍ତର ମଧ ପରାମର୍ଶ ଦେଇଥାନ୍ତି । କୋବି , ବିନ୍ , ମଟର , କଞ୍ଚା କଦଳୀ ଆଦି ଅନେକ ପରିବା ଆମ ଶରୀରକୁ ବଳ ଯୋଗାଇବାର କାମ କରନ୍ତି । ଏହିସବୁ ପରିବା ଖାଇବା ଦ୍ୱାରା ଅନେକ ରୋଗରୁ ମଧ ଉପସମ ମିଳିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି ଏହି ପରିବାର ଫୁଲ ମଧ ଦେହପାଇଁ କେତେ ଉପଯୋଗୀ । ଆମେ ଏଠାରେ କଞ୍ଚା କଦଳୀର କଥା କହୁଛୁ ଆଜ୍ଞା , କଦଳୀର ଉପକାରିତା ବିଷୟରେ ଆମେ ଆପଣଙ୍କୁ ଆଗରୁ କହିସାରିଛୁ । କିନ୍ତୁ କଦଳୀ ଫୁଲ ମଧ ଶରୀର ପାଇଁ ସଞ୍ଜୀବନୀର କାମ କରେ ଏଭଳି କହିଲେ ମଧ ଭୁଲ୍ ହେବନାହିଁ । କଦଳୀଫୁଲରେ ଫାଇବର୍ , ପ୍ରୋଟିନ୍ , ଭିଟାମିନ୍- ଏ , ଭିଟାମିନ୍-ସି , ଫସଫରସ୍ , ପୋଟାସିୟମର ମାତ୍ରା ମିଳିଥାଏ । ଯାହା ଖାଇବାଦ୍ୱାରା ଡାଏବେଟିସ୍ କଣ୍ଟ୍ରୋଲରେ ରହିବା ସହ ଶରୀରରୁ ଗ୍ଲୁକୋଜ୍ ସ୍ତର ମଧ କମ୍ ହୋଇଥାଏ । ଏହାଦ୍ୱାରା ବ୍ଲଡସୁଗାର୍ ମଧ କଣ୍ଟ୍ରୋଲକୁ ଆସିଥାଏ । କଦଳୀଫୁଲର କାଢା ମଧ ସେବନ କରାଯାଏ । କଦଳୀଫୁଲ କିଡନୀ ରୋଗୀଙ୍କ ପାଇଁ ମଧ ବହୁତ ଭଲ ହୋଇଥାଏ । ଏଥିରେ ଥିବା ନେଫ୍ରୋପ୍ରୋଟେକ୍ଟିଭ୍ ଗତିବିଧି କିଡନୀକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଏହାଦ୍ୱାରା କିଡନୀ ଷ୍ଟୋନ୍ ସମସ୍ୟା ମଧ ଦୂର ହୁଏ । ଯଦି ଆପଣ ନିଜ ଖାଦ୍ୟରେ ନିୟମିତ କଦଳୀ ଫୁଲର ସେବନ କରୁଛନ୍ତି ତାହେଲେ ଏହା ଆପଣଙ୍କ ଓଜନ କମାଇବାରେ ମଧ ସହାୟକ ହେବ । ଏଥିରେ ଥିବା ଫାଇବରର ମାତ୍ରା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକ ନ କରାଇବା ହେଉଛି ଓଜନ କମାଇବା ପଛର ରହସ୍ୟ । ଏଥିପାଇଁ କଦଳୀଫୁଲର କାଢା , ତରକାରୀ କିମ୍ବା ସୁପ୍ ପ୍ରସ୍ତୁତ କରି ଆପଣ ଖାଇପାରିବେ । କଦଳୀଫୁଲର ସେବନ ଦ୍ୱାରା ଆପଣ ହାଇ-ବ୍ଲଡପ୍ରେସରକୁ ବି କଣ୍ଟ୍ରୋଲରେ ଆଣିପାରିବେ । ଏହା ଆଣ୍ଟି- ଡାଇପରଟେନ୍ସିଭ୍ ଭଳି କାମ କରୁଥିବାରୁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ



କରିବାରେ ସହାୟକ ହୋଇଥାଏ । ମାସିକ ଋତୁଚକ୍ରରେ ମହିଳାଙ୍କୁ ହେଉଥିବା ଯନ୍ତ୍ରଣାରୁ ଉପସମ ଦେଇଥାଏ କଦଳୀଫୁଲର ସେବନ । ଏହା ପ୍ରୋଜେଷ୍ଟେରୋନ୍ ହର୍ମୋନକୁ ରେଗୁଲେଟ୍ କରି ବ୍ଲିଡିଂଗ୍ ସମୟରେ ମହିଳାଙ୍କୁ ହେଉଥିବା ଅସହ୍ୟ ପେଟ ଯନ୍ତ୍ରଣାକୁ କମ୍ କରିଥାଏ । ହୃଦୟକୁ ସୁସ୍ଥ ରଖେ କଦଳୀଫୁଲ । ଏଥିରେ ଥିବା କାର୍ଡିୟୋ ପ୍ରୋଟେକ୍ଟିଭ୍ ଇଫେକ୍ଟ ନା କେବଳ ହୃଦୟକୁ ସୁସ୍ଥ ରଖେ ,ବିପିକୁ ମଧ କଣ୍ଟ୍ରୋଲରେ ଆଣିଥାଏ । କଦଳୀଫୁଲରେ ଥିବା ଗ୍ଲେକ୍ଟାଗାଗ୍ ତତ୍ତ୍ୱ ଲେକ୍ଟେସନକୁ ବଢାଇଥାଏ ଯାହାଦ୍ୱାରା ଶିଶୁକୁ ସ୍ତନ୍ୟପାନ କରାଉଥିବା ମା'ଙ୍କ ପାଇଁ ଏହା ଖୁବ୍ ଲାଭକାରୀ ହୋଇଥାଏ । ପ୍ରତିଟି ପରିବାରେ କିଛି ନା କିଛି ବିଶେଷତ୍ୱ ଏବଂ ଔଷଧୀୟ ଗୁଣ ଥାଏ , ତେଣୁ ଖାଦ୍ୟରେ ପରିବା ସହ ନିୟମିତ ଖାଆନ୍ତୁ କଦଳୀ ଫୁଲ , ସୁସ୍ଥତା ଆପଣଙ୍କୁ କରିବ ଗେଲ ।

# ଓଜନ କମାଇବାରେ ସହାୟକ ହୁଏ କଞ୍ଚା କଦଳୀ : କଦଳୀ ଖାଇଲେ କ'ଣ ମିଳେ ସୁଫଳ, ଦେଖନ୍ତୁ

କିଛି ପରିବା ଋତୁ ଜନିତ ହୋଇଥାନ୍ତି । ଯାହା ଏକ ନିର୍ଦ୍ଧିଷ୍ଟ ଋତୁରେ ହିଁ ଖାଇବାକୁ ବି ଭଲ ଲାଗିଥାଏ ଆଉ ଦେହ ପାଇଁ ଭଲ ହୋଇଥାଏ । କିନ୍ତୁ ବର୍ଷସାରା ମିଳୁଥିବା ପରିବା ବି ଦେହ ପାଇଁ ବହୁ ହିତକର ହୋଇଥାନ୍ତି । ଯେଉଁଥିରେ କଞ୍ଚା କଦଳୀ ହେଉଛି ଅନ୍ୟତମ । ବର୍ଷସାରା ମିଳୁଥିବା କଦଳୀ ଅନେକ ଔଷଧୀୟ ଗୁଣରେ ଭରପୁର ହୋଇଥାଏ । ଓଜନ କମାଇବାରୁ ଆରମ୍ଭ କରି ଡାଏବେଟିସ୍ ଏବଂ ଡାଇରିଆ ସମସ୍ୟାକୁ ମଧ କମ୍ କରିବାରେ ରାମବାଣ ଭଳି କାମ କରେ କଞ୍ଚା କଦଳୀ । ତେବେ ଆସନ୍ତୁ କଞ୍ଚାକଦଳୀର ଉପକାରିତା ବିଷୟରେ ଆଜି ଜାଣିବା ।

୧- କଞ୍ଚା କଦଳୀରେ ପ୍ରଚୁର ପରିମାଣର ପୋଟାସିୟମ ଥାଏ ଯାହା ଶରୀରରେ ରୋଗ ପ୍ରତିରୋଧକାରୀ କ୍ଷମତାକୁ ବଢାଇବାରେ ସାହାଯ୍ୟ କରେ ।

୨- ଓଜନ ହ୍ରାସ କରିବା ପାଇଁ ଚେଷ୍ଟା କରୁଥିବା ଲୋକମାନଙ୍କୁ ପ୍ରତିଦିନ ଗୋଟିଏ କଦଳୀ ଖାଇବା ପାଇଁ ଉପଦେଶ ଦିଆଯାଏ । କଞ୍ଚା କଦଳୀରେ ଭରପୁର ମାତ୍ରାରେ ଫାଇବର ଥାଏ, ଯାହା ଅନାବଶ୍ୟକ ମେଦକୁ ଦୂର କରିବାରେ ସାହାଯ୍ୟ କରିଥାଏ ।

୩- କଞ୍ଚା କଦଳୀରେ ଫାଇବର ଓ ସ୍ୱାସ୍ଥ୍ୟକର ଷ୍ଟାର୍ଚ ଥାଏ । ଯଦି ଆପଣ କୋଷ୍ଠକାଠିନ୍ୟ ରୋଗରେ ପୀଡିତ ଅଛନ୍ତି ତେବେ କଞ୍ଚା କଦଳୀ ଖାଇଲେ ଆପଣ ଏହି ସମସ୍ୟାରୁ ରକ୍ଷା ପାଇପାରିବେ ।

୪- ନିୟମିତ ଭାବେ କଞ୍ଚା କଦଳୀ ସେବନ କଲେ ପାଚନ କ୍ରିୟା ମଧ ଭଲ ରହେ ।

୫- ଏହା ବ୍ୟତୀତ କଞ୍ଚା କଦଳୀ ଅନେକ ପ୍ରକାର କର୍କଟ ରୋଗରୁ ମଧ ରକ୍ଷା କରିଥାଏ । କଞ୍ଚା କଦଳୀରେ ମହଜୁଦ କ୍ୟାଲସିୟମ ହାଡକୁ ଶକ୍ତ କରିବାରେ ମଧ ସହାୟକ ହୋଇଥାଏ ।





# ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ାଏ ଭଲ ପାଇବା

ଭଲପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ । ଏ ନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ । ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ । ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନଥାନ୍ତି । ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ହଠାତ୍ କୌଣସି ସମସ୍ୟାରେ ପଡ଼ିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି ।

# 'ରିଲ୍' ବଢ଼ାଉଛି ରକ୍ତଚାପ !



ଆଜିକାଲି ସାମାଜିକ ଗଣମାଧ୍ୟମରେ 'ରିଲ୍' ବା କ୍ଷୁଦ୍ର ଭିଡିଓ ଦେଖିବା ସବୁ ବୟସର ଲୋକଙ୍କ ପାଇଁ ଏକ ମନୋରଞ୍ଜନ ସାମଗ୍ରୀ ପାଲଟିଛି। ପ୍ରଥମେ ପ୍ରଥମେ ସେସବୁକୁ କାଁ ଭାଁ ଦେଖୁଥିବା ବ୍ୟକ୍ତି ଶେଷରେ ତାହାକୁ ନିଶାରେ ପରିଣତ କରିଥାଏ। ସେଇ ବର୍ଗର ଲୋକମାନେ ଶୋଇବା ସମୟରେ 'ରିଲ୍' ଦେଖିବା ଏବଂ ସେମାନଙ୍କର ରକ୍ତଚାପ ଭିତରେ ଏକ ନିବିଡ଼ ସମ୍ପର୍କ ରହିଥିବା କଥା ଏକ ସଦ୍ୟ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି। ଚୀନରେ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ ଯିଏ ଯେତେ ଅଧିକ ସମୟ 'ରିଲ୍' ଦେଖୁଛି, ସିଏ ସେତେ ଅଧିକ ଉଚ୍ଚ ରକ୍ତଚାପର ଶିକାର ହେଉଛି। 'ବିଏମ୍‌ସି' ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଚୀନ୍‌ରେ ମୋବାଇଲ୍ ଫୋନ୍‌ରେ 'ରିଲ୍' ଦେଖୁଥିବା ୪,୩୧୮ ଜଣ ମଧ୍ୟ-ବୟସ୍କ ଓ ଯୁବକଙ୍କୁ ସାମିଲ କରି ସେମାନଙ୍କର ରକ୍ତଚାପ ଅନୁଧ୍ୟାନ କରାଯାଇଥିଲା। ଦେଖାଯାଇଥିଲା, ଯିଏ ଯେତେ ଅଧିକ ସମୟ 'ରିଲ୍' ଦେଖୁଛି, ସିଏ ସେତେ ଅଧିକ ଉଚ୍ଚ ରକ୍ତଚାପର ଶିକାର ହୋଇଛି। ପାରମ୍ପରିକ ଭାବେ ଟିଭି ଦେଖିବା ବା କମ୍ପ୍ୟୁଟର ବ୍ୟବହାର କରିବା ଅଥବା ଭିଡିଓ ଗେମ୍ ଖେଳିବା ଅପେକ୍ଷା ଶୋଇବା ସମୟରେ ମୋବାଇଲରେ 'ରିଲ୍' ଦେଖିବାର ନକାରାତ୍ମକ ପ୍ରଭାବ ଅଧିକ ବୋଲି ଜଣାପଡ଼ିଛି। କାରଣ ଶୋଇବା ପୂର୍ବରୁ ମୋବାଇଲ୍ ପରଦାରେ ଦୃଷ୍ଟି ନିକ୍ଷେପ କରିବା ଦ୍ୱାରା ଶରୀରରେ 'ସିମ୍ପାଥେଟିକ୍' ଉତ୍ତେଜନା ସୃଷ୍ଟି ହୋଇଥାଏ। ଅର୍ଥାତ୍ ତାହା 'ସିମ୍ପାଥେଟିକ୍' ସ୍ନାୟବିକ କ୍ରିୟାକୁ ସକ୍ରିୟ କରିଥାଏ, ଯାହା ଶରୀରର 'ଫାଇଟ୍-ଅର-ଫ୍ଲାଇଟ୍' ପ୍ରତିକ୍ରିୟାକୁ ସଜାଗ କରିଥାଏ। ଏହା ପରୋକ୍ଷରେ ରକ୍ତଚାପ ବଢ଼ିବାର କାରଣ ସାଜିଥାଏ। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, 'ରିଲ୍'ରେ ମନୋନିବେଶ କରିବା ଦ୍ୱାରା ଜଣକର ମୂଲ୍ୟବାନ ସମୟ ତ ଅପଚୟ ହେଉଛି, ତାହା ସହିତ ନିଜ ସ୍ୱାସ୍ଥ୍ୟ ପାଇଁ ବିପଦକୁ ମଧ ଆମନ୍ତ୍ରଣ କରାଯାଉଛି। ଶରୀରର ବର୍ଦ୍ଧିତ ରକ୍ତଚାପ କମାଇବା ପାଇଁ କିମ୍ବା ରକ୍ତଚାପକୁ ସ୍ୱାଭାବିକ ରଖିବା ପାଇଁ ସୁସ୍ଥ ଜୀବନଶୈଳୀ ଆପଣେଇବା ସହିତ ଶୋଇବା ସମୟରେ 'ରିଲ୍' ଦେଖାରୁ ନିବୃତ୍ତ ରହିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି।

# ଆୟୋଡିନ୍ ଅଭାବର ଲକ୍ଷଣ

**ଆମ ଶରୀର ପାଇଁ ଆୟୋଡିନ୍ ଖଣିଜସାର ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ ହୋଇଥିଲେ ହେଁ ଅନେକ ତାହାକୁ ଅଣଦେଖା କରିଥା'ନ୍ତି। କହିବା ବାହୁଲ୍ୟ, ଥାଇରଏଡ୍ ପରି ହରମୋନ୍ ପ୍ରସ୍ତୁତି ପାଇଁ ଅପରିହାର୍ଯ୍ୟ...**



ଆମ ଶରୀର ପାଇଁ ଆୟୋଡିନ୍ ଖଣିଜସାର ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ ହୋଇଥିଲେ ହେଁ ଅନେକ ତାହାକୁ ଅଣଦେଖା କରିଥା'ନ୍ତି। କହିବା ବାହୁଲ୍ୟ, ଥାଇରଏଡ୍ ପରି ହରମୋନ୍ ପ୍ରସ୍ତୁତି ପାଇଁ ଅପରିହାର୍ଯ୍ୟ ଥିବା ଏହି ଖଣିଜସାର ଶରୀରର ବିଭିନ୍ନ ରାସାୟନିକ ପ୍ରକ୍ରିୟା (ମେଟାବୋଲିଜିମ୍) ଠାରୁ ଆରମ୍ଭ କରି ମସ୍ତିଷ୍କ କ୍ରିୟା ଯାଏ ସବୁକୁ ପ୍ରଭାବିତ କରିଥାଏ। ତେବେ ଶରୀରରେ ଯେତେବେଳେ ଆବଶ୍ୟକ ପରିମାଣର ଆୟୋଡିନ୍‌ର ଅଭାବ ରହେ, ସେତେବେଳେ ଶରୀର ମଧ ଉପଯୁକ୍ତ ସଂକେତ ସ୍ୱରୂପ ବିଭିନ୍ନ ଲକ୍ଷଣ ଦେଖାଇଥାଏ। ମାତ୍ର ସେସବୁ ଲକ୍ଷଣ ବେଳେ ବେଳେ ଅଣଦେଖା ରହିଯାଇଥାଏ। ଆଜି ସେଭଳି କିଛି ଆୟୋଡିନ୍ ଅଭାବ ଜନିତ ଶାରୀରିକ ଲକ୍ଷଣ ବାବଦରେ ଜାଣିବା। ଶରୀରରେ ଆୟୋଡିନ୍‌ର ଅଭାବ ରହିଲେ ଆଖି ଦୁଇଟି ଫୁଲି ଯାଇଥାଏ। କାରଣ ରକ୍ତରେ ନିମ୍ନ ସ୍ତରର ଆୟୋଡିନ୍ ଶରୀରର ତରଳ ପଦାର୍ଥ ସନ୍ତୁଳନରେ ବିଭ୍ରାଟ ଆଣି ମୁଖମଣ୍ଡଳ ପରି ଅପ୍ରତ୍ୟାଶିତ ସ୍ଥାନରେ ଫୁଲିବା ଦେଖାଯାଇଥାଏ। ସେହିପରି ତଣ୍ଟି ବସିଯିବା ବା କିଛି ଲାଖିଥିଲା ଭଳି ତଣ୍ଟି ଫୁଲିଯିବା ଅନୁଭବ ମଧ ହେଉଛି ଆୟୋଡିନ୍ ଅଭାବର ଅନ୍ୟତମ ଲକ୍ଷଣ। ଆୟୋଡ଼ିନ୍ ଅଭାବରୁ ମଧ ହୃଦ୍‌ସ୍ପନ୍ଦନରେ ଅନିୟମିତତା ଦେଖାଯାଇଥାଏ। କାରଣ ଆୟୋଡିନ୍ ଉପରେ ନିର୍ଭର କରୁଥିବା ଥାଇରଏଡ୍ ହରମୋନ୍ ହିଁ ଏକ ସୁସ୍ଥ ତଥା ନିୟମିତ ହୃଦ୍‌ସ୍ପନ୍ଦନ ପାଇଁ ସାହାଯ୍ୟ କରେ। ବେଳେ ବେଳେ ମାତ୍ରାଧିକ ଉତ୍କଣ୍ଠା ବଢ଼ିଯିବା ବା ମନୋଭାବରେ ଅସ୍ୱାଭାବିକ ପରିବର୍ତ୍ତନ ବା ଭୀଷଣ ଭାବେ ଚିଡ଼ିଚିଡ଼ା ଲାଗିବା ମଧ ଅନ୍ୟତମ ଲକ୍ଷଣ। ଆୟୋଡିନ୍ ଅଭାବ ଯୋଗୁଁ ମସ୍ତିଷ୍କର ରାସାୟନିକ ସନ୍ତୁଳନରେ ବ୍ୟାଘାତ ଘଟି ଏପରି ହୋଇଥାଏ। ସେହିପରି ଗୋଡ଼ ଓ ହାତରେ ହଠାତ୍ କଣ୍ଟା ଫୋଡ଼ିହେଲା ପରି ଅନୁଭବ ମଧ ଆୟୋଡିନ୍ ଅଭାବର ଲକ୍ଷଣ। କାରଣ ଆୟୋଡିନ୍ କମିଗଲେ ଥାଇରଏଡ୍ ହରମୋନ୍ ସ୍ତର କମିଯାଇ ସ୍ନାୟୁକ୍ରିୟାକୁ ଧିମେଇ ଦେଇଥାଏ। ମହିଳାମାନଙ୍କ ଠାରେ ଅନିୟମିତ ଋତୁସ୍ରାବ ମଧ ଆୟୋଡିନ ଅଭାବରୁ ହୋଇଥାଇପାରେ। ସେହିପରି ଆମ ଶରୀରରେ କୌଣସି କ୍ଷତ ଶୁଖିବା ବିଳମ୍ବିତ ହେବା ମଧ ଆୟୋଡିନ୍ ଅଭାବର ଅନ୍ୟତମ ଲକ୍ଷଣ।

# ମନକୁ ସବୁବେଳେ ଖରାପ ଚିନ୍ତା ଆସୁଛି କି ? ଏମିତି କରନ୍ତୁ, ଆଉ ଆସିବନି...

ମନକୁ ସବୁବେଳେ ନକାରାତ୍ମକ ଚିନ୍ତା ଆସୁଛି କି ? ରାତି ହେଉ କିମ୍ବା ଦିନ ଖରାପ କଥା ମନକୁ ଆସୁଛି କି ? ଏହାକୁ ଦୂର କରିବାକୁ ଚାହୁଁଛନ୍ତି କି ? ବଡ଼ କଥା ହେଲା ନକାରାତ୍ମକ ଚିନ୍ତାକୁ ଯଥାଶୀଘ୍ର ମନରୁ ହଟାଇବା ଉଚିତ୍ । କାରଣ ଯଦି ନକାରାତ୍ମକ ଚିନ୍ତା ଦୀର୍ଘ ସମୟ ଧରି ମନରେ ରହେ ଆପଣଙ୍କର ଭଲ କାମ ମଧ ଖରାପ ହୋଇପାରେ । ଏମିତି ଦେଖିବାକୁ ମିଳିଛି ଯେ ନକାରାତ୍ମକ ଚିନ୍ତା ସକାରାତ୍ମକ ଚିନ୍ତା ଅପେକ୍ଷା ଅଧିକ ଅସୁବିଧା କରିଥାଏ । ଯେଉଁ କାରଣରୁ ଦୁନିଆକୁ ଦେଖିବାର ନଜର ମଧ ବଦଳିଯାଏ, ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିଥାଏ ।

## ନକାରାତ୍ମକ ଚିନ୍ତାକୁ ଦୂର କରିବାର ଉପାୟ....

**ବିରତି ନିଅନ୍ତୁ ଏବଂ ଭାବନ୍ତୁ:**

ନକାରାତ୍ମକ ଚିନ୍ତା ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟରେ ବାଧା ସୃଷ୍ଟି କରେ । ସକାରାତ୍ମକତା ତୁଳନାରେ, ନକାରାତ୍ମକତା ଜଣେ ବ୍ୟକ୍ତିର ହୃଦୟ ଓ ମନ ଉପରେ ପ୍ରାଧାନ୍ୟ ଦେବା ଆରମ୍ଭ କରେ, ଯେଉଁ କାରଣରୁ ବ୍ୟକ୍ତିର ପୂରା ଜୀବନ ନଷ୍ଟ ହୋଇଯାଏ । ତେଣୁ, ଯଦି ଆପଣ ନକାରାତ୍ମକତା ଶକ୍ତିରୁ ବାହାରକୁ ଆସିବାକୁ ଚାହାଁନ୍ତି ତେବେ କାର୍ଯ୍ୟରୁ ବିରତି ନିଅନ୍ତୁ ଏବଂ ଆପଣଙ୍କ ଚିନ୍ତାଧାରା ବିଷୟରେ ଚିନ୍ତା କରନ୍ତୁ ଯାହା ଦ୍ୱାରା ନକାରାତ୍ମକ ଚିନ୍ତା ନିୟନ୍ତ୍ରିତ ହୋଇପାରିବ । ନକାରାତ୍ମକ ଚିନ୍ତାରୁ ଦୂରେଇ ରହିପାରିବେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଭାରତରେ ଦାରିଦ୍ର୍ୟ ହ୍ରାସ: କେବଳ ସଂଖ୍ୟା ଯଥେଷ୍ଟ କି ?

ବିଶ୍ୱ ବ୍ୟାଙ୍କର ସଦ୍ୟତମ 'ଦାରିଦ୍ର୍ୟ ଓ ସମାନତା ସଂକ୍ଷିପ୍ତ' (Poverty & Equity Brief) ରିପୋର୍ଟ ଭାରତର ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ପ୍ରଗତିର ଏକ ସ୍ୱଷ୍ଟ ଚିତ୍ର ଉପସ୍ଥାପନ କରିଛି, ଯାହାକି ନିଶ୍ଚିତ ଭାବରେ ପ୍ରଶଂସନୀୟ । ତେବେ, କ୍ରୟ ଶକ୍ତି ସମତା (PPP) ଆଧାରରେ ଦାରିଦ୍ର୍ୟ ହ୍ରାସର ଏହି ତଥ୍ୟ ଯଥେଷ୍ଟ କି ନୁହେଁ, ତାହା ଉପରେ ଏକ ଗଭୀର ଏବଂ ନିରପେକ୍ଷ ବିଶ୍ଲେଷଣ ଆବଶ୍ୟକ । ଏହି ରିପୋର୍ଟ କେବଳ ସଫଳତାକୁ ଦର୍ଶାଉ ନାହିଁ, ବରଂ ଆଗକୁ ଥିବା ଆହ୍ୱାନଗୁଡ଼ିକୁ ମଧ୍ୟ ସ୍ୱଷ୍ଟ କରୁଛି ।

ରିପୋର୍ଟର ସବୁଠାରୁ ସକାରାତ୍ମକ ଦିଗ ହେଉଛି, ଭାରତରେ ଅତ୍ୟଧିକ ଦାରିଦ୍ର୍ୟର ନାଟକୀୟ ହ୍ରାସ । ୨୦୧୧-୧୨ ରୁ ୨୦୨୨-୨୩ ମଧ୍ୟରେ, ପ୍ରତିଦିନ ୨.୧୫ ଡଲାର (ପ୍ରାୟ ୧୮୪.୧୫ ଟଙ୍କା)ରୁ କମ୍ ଆୟ କରୁଥିବା ଲୋକଙ୍କ ସଂଖ୍ୟା ୧୬.୨ ପ୍ରତିଶତରୁ ୨.୩ ପ୍ରତିଶତକୁ ଖସି ଆସିଛି, ଯାହା ଫଳରେ ୧୭୧ ନିୟୁତ ଲୋକ ଅତ୍ୟଧିକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି । ଗ୍ରାମାଞ୍ଚଳରେ ଏହି ହାର ୧୮.୪ ପ୍ରତିଶତରୁ ୨.୮ ପ୍ରତିଶତକୁ ଏବଂ ସହରାଞ୍ଚଳରେ ୧୦.୭ ପ୍ରତିଶତରୁ ୧.୧ ପ୍ରତିଶତକୁ ହ୍ରାସ ପାଇଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଥିବା ଦାରିଦ୍ର୍ୟ ବ୍ୟବଧାନ ୭.୭ ପ୍ରତିଶତରୁ ୧.୭ ପ୍ରତିଶତକୁ ସଂକୁଚିତ ହୋଇଛି, ଯାହା ବାର୍ଷିକ ୧୬ ପ୍ରତିଶତ ହ୍ରାସକୁ ସୂଚାଉଛି । ଏହା ବ୍ୟତୀତ, ଭାରତ ନିମ୍ନ-ମଧ୍ୟମ ଆୟ ବର୍ଗରେ ପ୍ରବେଶ କରିଛି । ପ୍ରତିଦିନ ୩.୬୫ ଡଲାର (ପ୍ରାୟ ୩୧୨.୫୯ ଟଙ୍କା) ର ନିମ୍ନ-ମଧ୍ୟମ ଆୟ ବର୍ଗର ଦାରିଦ୍ର୍ୟ ସୀମା ଅନୁଯାୟୀ, ଦାରିଦ୍ର୍ୟ ୬୧.୮ ପ୍ରତିଶତରୁ ୨୮.୧ ପ୍ରତିଶତକୁ ହ୍ରାସ ପାଇଛି, ଯାହା ୩୭୮ ନିୟୁତ ଲୋକଙ୍କୁ ଦାରିଦ୍ର୍ୟରୁ ଉପରକୁ ଉଠାଇଛି । ଗ୍ରାମାଞ୍ଚଳରେ ଏହି ହାର ୬୯ ପ୍ରତିଶତରୁ ୩୨.୫ ପ୍ରତିଶତକୁ ଏବଂ ସହରାଞ୍ଚଳରେ ୪୩.୫ ପ୍ରତିଶତରୁ ୧୭.୨ ପ୍ରତିଶତକୁ ଖସିଛି । ଦେଶର ପାଞ୍ଚଟି ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ଯଥା ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶ ୨୦୧୧-୧୨ ରେ ଦେଶର ୬୫ ପ୍ରତିଶତ ଅତ୍ୟଧିକ ଗରିବଙ୍କୁ ଧାରଣ କରିଥିଲେ ଏବଂ ୨୦୨୨-୨୩ ସୁଦ୍ଧା ଅତ୍ୟଧିକ ଦାରିଦ୍ର୍ୟ ହ୍ରାସରେ ଦୁଇ ତୃତୀୟାଂଶ ଯୋଗଦାନ କରିଛନ୍ତି । ବହୁଆୟାମୀ ଦାରିଦ୍ର୍ୟ ସୂଚକାଙ୍କ (MPI) ଅନୁଯାୟୀ, ଅଣ-ମୁଦ୍ରାଗତ ଦାରିଦ୍ର୍ୟ ୨୦୦୫-୦୬ ରେ ୫୩.୮ ପ୍ରତିଶତରୁ ୨୦୧୯-୨୧ ସୁଦ୍ଧା ୧୬.୪ ପ୍ରତିଶତକୁ ହ୍ରାସ ପାଇଛି । ବିଶ୍ୱ ବ୍ୟାଙ୍କର ବହୁଆୟାମୀ ଦାରିଦ୍ର୍ୟ ମାପ (MPM) ୨୦୨୨-୨୩ ରେ ୧୫.୫ ପ୍ରତିଶତ ରହିଛି । ଭାରତର ଉପଭୋକ୍ତା-ଆଧାରିତ ଗିନି ସୂଚକାଙ୍କ ୨୦୧୧-୧୨ ରେ ୨୮.୮ ରୁ ୨୦୨୨-୨୩ ରେ ୨୫.୫ କୁ ଉନ୍ନତ ହୋଇଛି । ନିଯୁକ୍ତି ବୃଦ୍ଧି ୨୦୨୧-୨୨ ପରଠାରୁ କାର୍ଯ୍ୟକ୍ଷମ ଜନସଂଖ୍ୟାକୁ ଅତିକ୍ରମ କରିଛି । ନିଯୁକ୍ତି ହାର, ବିଶେଷ କରି ମହିଳାଙ୍କ ମଧ୍ୟରେ ବୃଦ୍ଧି ପାଉଛି ଏବଂ ସହରାଞ୍ଚଳ ବେକାରୀ ହାର ୨୦୧୭-୧୮ ପରଠାରୁ ସର୍ବନିମ୍ନ ସ୍ତର ୬.୬ ପ୍ରତିଶତକୁ ଖସି ଆସିଛି ।

ତେବେ, ଏହି ସଫଳତା ସତ୍ତ୍ୱେ, ରିପୋର୍ଟ ଅନେକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନକୁ ମଧ୍ୟ ସାମ୍ନାକୁ ଆଣିଛି । ପ୍ରଥମତଃ, ଉପଭୋକ୍ତା-ଆଧାରିତ ଗିନି ସୂଚକାଙ୍କରେ ଉନ୍ନତି ଦେଖାଯାଇଥିଲେ ମଧ୍ୟ, ତଥ୍ୟଗତ ସୀମାବଦ୍ଧତା ହେତୁ ବୈଷମ୍ୟକୁ କମ୍ ଆକଳନ କରାଯାଇଥାଇପାରେ । ଏହାର ବିପରୀତରେ, ବିଶ୍ୱ ବୈଷମ୍ୟ ଡାଟାବେସ୍ (World Inequality Database) ଦର୍ଶାଉଛି ଯେ ଆୟ ବୈଷମ୍ୟ ୨୦୦୪ ରେ ୫୨ ରୁ ୨୦୨୩ ରେ ୬୨ କୁ ବୃଦ୍ଧି ପାଇଛି । ବେତନ ବୈଷମ୍ୟ ମଧ୍ୟ ଅଧିକ ରହିଛି, ଯେଉଁଥିରେ ୨୦୨୩-୨୪ ରେ ଶୀର୍ଷ ୧୦ ପ୍ରତିଶତଙ୍କ ମଧ୍ୟମା ଆୟ ତଳ ୧୦ ପ୍ରତିଶତଙ୍କ ତୁଳନାରେ ୧୩ ଗୁଣ ଅଧିକ । ଏହା ସ୍ୱଷ୍ଟ ଭାବରେ ଦର୍ଶାଉଛି ଯେ ଦାରିଦ୍ର୍ୟ ହ୍ରାସ ହେଉଥିଲେ ମଧ୍ୟ, ସମ୍ପଦର କେନ୍ଦ୍ରୀକରଣ ଏବଂ ଆୟ ବୈଷମ୍ୟ ଏକ ବଡ଼ ସମସ୍ୟା ଭାବରେ ରହିଛି । ଦ୍ୱିତୀୟତଃ, ଦାରିଦ୍ର୍ୟ ଆକଳନ ଆନ୍ତର୍ଜାତୀୟ ଦାରିଦ୍ର୍ୟ ସୀମାର ପୁନର୍ବିଚାର ଏବଂ ୨୦୨୧ PPP ଗ୍ରହଣ ସହିତ ପରିବର୍ତ୍ତନ ହେବ । ଯଦି ପ୍ରତିଦିନ ୩.୦୦ ଡଲାର (ପ୍ରାୟ ୨୫୬.୯୫ ଟଙ୍କା) ର ସଂଶୋଧିତ ଅତ୍ୟଧିକ ଦାରିଦ୍ର୍ୟ ସୀମା ଏବଂ ପ୍ରତିଦିନ ୪.୨୦ ଡଲାର (ପ୍ରାୟ ୩୫୯.୭୩ ଟଙ୍କା) ର ନିମ୍ନ-ମଧ୍ୟମ ଆୟ ସୀମା ଗ୍ରହଣ କରାଯାଏ, ତେବେ ୨୦୨୨-୨୩ର ଦାରିଦ୍ର୍ୟ ହାର ଯଥାକ୍ରମେ ୫.୩ ପ୍ରତିଶତ ଏବଂ ୨୩.୯ ପ୍ରତିଶତକୁ ବୃଦ୍ଧି ପାଇବ । ଏହା ସୂଚାଉଛି ଯେ ବର୍ତ୍ତମାନର ମାନଦଣ୍ଡ ଅନୁଯାୟୀ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ଅନେକ ଲୋକ ବାସ୍ତବରେ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି । ତୃତୀୟତଃ, ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଆହ୍ୱାନ ରହିଛି । ଯୁବ ବେକାରୀ ହାର ୧୩.୩ ପ୍ରତିଶତ ରହିଛି, ଯାହା ଉଚ୍ଚଶିକ୍ଷା ପ୍ରାପ୍ତ ସ୍ନାତକମାନଙ୍କ ମଧ୍ୟରେ ୨୯ ପ୍ରତିଶତକୁ ବୃଦ୍ଧି ପାଉଛି । ଅଣ-କୃଷି କ୍ଷେତ୍ରରେ କେବଳ ୨୩ ପ୍ରତିଶତ ବେତନଭୋଗୀ ଚାକିରି ଆନୁଷ୍ଠାନିକ, ଏବଂ ଅଧିକାଂଶ କୃଷି ନିଯୁକ୍ତି ଅଣଆନୁଷ୍ଠାନିକ ରହିଛି । ମହିଳାଙ୍କ ନିଯୁକ୍ତି ହାର ୩୧ ପ୍ରତିଶତ ଥିଲେ ମଧ୍ୟ, ୨୩୪ ନିୟୁତ ଅଧିକ ପୁରୁଷ ବେତନଭୋଗୀ କାର୍ଯ୍ୟରେ ନିୟୋଜିତ ଥିବାରୁ ଲିଙ୍ଗଗତ ବୈଷମ୍ୟ ବଳବତ୍ତର ରହିଛି । ଏହା ବ୍ୟତୀତ, ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଦାରିଦ୍ର୍ୟ ହାରରେ ମଧ୍ୟ ବୈଷମ୍ୟ ଦେଖାଯାଏ; ବିନା ଶିକ୍ଷାରେ ଥିବା ୧୬ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ମଧ୍ୟରେ ଦାରିଦ୍ର୍ୟ ହାର ୩୫.୧ ପ୍ରତିଶତ ଥିବାବେଳେ, ତୃତୀୟ/ଉଚ୍ଚଶିକ୍ଷା ପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ଏହା ୧୪.୯ ପ୍ରତିଶତ ରହିଛି । ବହୁଆୟାମୀ ଦାରିଦ୍ର୍ୟର ଅନ୍ୟାନ୍ୟ ଉପାଦାନ ଯଥା ସୀମିତ-ମାନର ପାନୀୟ ଜଳ (୧୧.୨ ପ୍ରତିଶତ) ଏବଂ ପରିମଳ ବ୍ୟବସ୍ଥା (୨୯.୯ ପ୍ରତିଶତ) ର ଅଭାବ ମଧ୍ୟ ଦାରିଦ୍ର୍ୟର ଗଭୀରତାକୁ ଦର୍ଶାଉଛି ।

ବିଶ୍ୱ ବ୍ୟାଙ୍କ ରିପୋର୍ଟ ଭାରତର ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ହୋଇଥିବା ପ୍ରଗତିକୁ ସ୍ୱୀକାର କରୁଛି, ଯାହାକି ଏକ ବଡ଼ ସଫଳତା । ତେବେ, କେବଳ ସଂଖ୍ୟାଗତ ଦାରିଦ୍ର୍ୟ ହ୍ରାସ ଯଥେଷ୍ଟ ନୁହେଁ । ପ୍ରକୃତ ବିକାଶ ସେତେବେଳେ ହେବ, ଯେତେବେଳେ ପ୍ରତ୍ୟେକ ନାଗରିକ ଏକ ସମ୍ମାନଜନକ, ସୁରକ୍ଷିତ ଏବଂ ସୁଯୋଗପୂର୍ଣ୍ଣ ଜୀବନଯାପନ କରିପାରିବ । ଦୈନିକ ୨.୧୫ ଡଲାର (ପ୍ରାୟ ୧୮୪.୧୫ ଟଙ୍କା) କିମ୍ବା ୩.୬୫ ଡଲାର (ପ୍ରାୟ ୩୧୨.୫୯ ଟଙ୍କା) ଆୟରେ ଜଣେ ବ୍ୟକ୍ତି କେବଳ ନିଜର ମୌଳିକ ଆବଶ୍ୟକତାକୁ କିଛି ମାତ୍ରାରେ ପୂରଣ କରିପାରିବ, କିନ୍ତୁ ଏହା କୌଣସି ଏକ ସମ୍ମାନଜନକ ଜୀବନଶୈଳୀ ପାଇଁ ଆଦୌ ଯଥେଷ୍ଟ ନୁହେଁ । ମୁଦ୍ରାସ୍ଫୀତି, ବଢୁଥିବା ଜୀବନଧାରଣର ମାନ ଏବଂ ଅନ୍ୟାନ୍ୟ ଆବଶ୍ୟକତାକୁ ବିଚାରକୁ ନେଲେ, ଏହି ସୀମା ଅତ୍ୟନ୍ତ ନିମ୍ନ ମନେହୁଏ । ଅନେକ ଲୋକ ଏହି ଦାରିଦ୍ର୍ୟ ସୀମାରୁ ସାମାନ୍ୟ ଉପରେ ଥାଇ ମଧ୍ୟ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି, ଯେକୌଣସି ଆର୍ଥିକ ସଙ୍କଟ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କୁ ପୁଣି ଦାରିଦ୍ର୍ୟକୁ ଠେଲି ଦେଇପାରେ ।

ଦାରିଦ୍ର୍ୟ ହ୍ରାସ ହୋଇଥିଲେ ମଧ୍ୟ, ଆୟ ବୈଷମ୍ୟ ଏକ ବଡ଼ ସମସ୍ୟା ଭାବରେ ରହିଛି । ଧନୀ ଓ ଗରିବ ମଧ୍ୟରେ ଥିବା ବ୍ୟବଧାନ ବଢୁଥିବା ପରି ମନେହୁଏ, ଯାହା ସାମାଜିକ ଅଶାନ୍ତି ସୃଷ୍ଟି କରିପାରେ । କେବଳ ଆୟ ବୃଦ୍ଧି ଦାରିଦ୍ର୍ୟର ସମ୍ପୂର୍ଣ୍ଣ ସମାଧାନ ନୁହେଁ । ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଏବଂ ସ୍ୱଚ୍ଛ ଶକ୍ତି ଭଳି ମୌଳିକ ସୁବିଧାଗୁଡ଼ିକର ସମାନ ବଣ୍ଟନ ଏବଂ ଉନ୍ନତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଅନେକ କ୍ଷେତ୍ରରେ ଏହି ସୁବିଧାଗୁଡ଼ିକର ଅଭାବ ଦାରିଦ୍ର୍ୟକୁ ଆହୁରି ଜଟିଳ କରିଥାଏ । ଏହା ବ୍ୟତୀତ, ଦାରିଦ୍ର୍ୟ ହ୍ରାସର ଲାଭ ସବୁ ଅଞ୍ଚଳରେ ସମାନ ଭାବରେ ପହଞ୍ଚିଛି କି ନାହିଁ, ତାହା ମଧ୍ୟ ଏକ ପ୍ରଶ୍ନ । କିଛି ରାଜ୍ୟ କିମ୍ବା ଅଞ୍ଚଳରେ ଦାରିଦ୍ର୍ୟର ମାତ୍ରା ଅଧିକ ରହିଥିବା ବେଳେ, ଅନ୍ୟ କେତେକ ଅଞ୍ଚଳରେ ଏହା କମ୍ ଥାଇପାରେ । ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲକ୍ଷ ଲକ୍ଷ ଶ୍ରମିକଙ୍କ ପାଇଁ ସାମାଜିକ ସୁରକ୍ଷା ଏବଂ ସ୍ଥିର ରୋଜଗାରର ଅଭାବ ମଧ୍ୟ ଏକ ବଡ଼ ଆହ୍ୱାନ । ସରକାରଙ୍କୁ ସମାବେଶୀ ଅଭିବୃଦ୍ଧି, ସମ୍ପଦର ସମାନ ବଣ୍ଟନ, ସାମାଜିକ ସୁରକ୍ଷା ଜାଲକୁ ମଜବୁତ କରିବା ଏବଂ ମାନବ ସମ୍ବଳ ବିକାଶରେ ଅଧିକ ନିବେଶ କରିବା ଉପରେ ଧ୍ୟାନ ଦେବାକୁ ପଡ଼ିବ । ବିଶେଷ କରି ଯୁବ ବେକାରୀ, ଅଣଆନୁଷ୍ଠାନିକ ନିଯୁକ୍ତି ଏବଂ ଲିଙ୍ଗଗତ ବୈଷମ୍ୟ ଭଳି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସୁଚିନ୍ତିତ ନୀତି ଆବଶ୍ୟକ । ଦାରିଦ୍ର୍ୟ ବିରୁଦ୍ଧରେ ଯୁଦ୍ଧ ଏକ ନିରନ୍ତର ପ୍ରକ୍ରିୟା ଏବଂ ଏଥିରେ କୌଣସି ଆତ୍ମସନ୍ତୋଷର ସ୍ଥାନ ନାହିଁ । ଆମର ଲକ୍ଷ୍ୟ କେବଳ ଲୋକଙ୍କୁ ଏକ ସାଂଖ୍ୟିକ ଦାରିଦ୍ର୍ୟ ସୀମାରୁ ଉପରକୁ ଉଠାଇବା ନୁହେଁ, ବରଂ ସେମାନଙ୍କୁ ଏକ ସୁସ୍ଥ, ଶିକ୍ଷିତ ଏବଂ ସଶକ୍ତ ଜୀବନ ପ୍ରଦାନ କରିବା, ଯାହା ସେମାନଙ୍କୁ ପ୍ରକୃତ ଅର୍ଥରେ ଦାରିଦ୍ର୍ୟରୁ ମୁକ୍ତ କରିପାରିବ ।

## 'ମାଝୀ ଯୋ ନାବ୍ ଡୁବୋୟେ, ଉସେ କୌନ ବଚାଏ ?'



### ଅନୁପମା ଭୂୟାଁ

> ମୁଦ୍ରାର ଦୁଇ ପାର୍ଶ୍ୱ ପରି ବାପା-ମାଆଙ୍କ ଦାୟିତ୍ୱ ରହିଛି ପିଲାମାନଙ୍କୁ ଭଲ ବାଟରେ ନେବା ପାଇଁ ଆଉ କେଉଁଠି ବାପା-ମାଆଙ୍କ ପାଇଁ ହିଁ ପିଲା ଅବାଟରେ ଯାଉଛନ୍ତି । ଦୋଷ କାହାର ? କାରଣ କ'ଣ ? ଏ ସବୁ ତ ଅନେକ ପ୍ରଶ୍ନ ହୋଇପାରେ କିନ୍ତୁ ପୃଥିବୀର ସ୍ୱର୍ଗ କୁହାଯାଉଥିବା ପରିବାରରେ ଏପରି ଅଘଟଣ କାହିଁକି ଘଟୁଛି ? ଅନେକ କ୍ଷେତ୍ରରେ ଦେଖାଦେଉଛି ବାପା-ମାଆଙ୍କ ନିଜ ନିଜ ଇପସିତ ଜୀବନର ସ୍ୱପ୍ନ ଓ ସଂକଳ୍ପ ଯେପରି ପୂରଣ କରିବା ପିଲାଟିର ହିଁ ଦାୟିତ୍ୱ ।

'ମଜଧାର ମେ ନଇୟା ଡୋଲେ, ତୋ ମାଝୀ ପାର ଲଗାୟେ, ମାଝୀ ଯୋ ନାବ୍ ଡୁବୋୟେ, ଉସେ କୌନ ବଚାଏ ?' - ଯାହାର ଭାବାର୍ଥ ହେଉଛି ଅକାତ କାତ ଜଳ ଥିବା ମଝି ନଈରେ ଯଦି ନୌକା ହଲଚଲ ହୁଏ ତାହାଲେ ନାଉରିଆ ନୌକାକୁ ସତର୍କତାର ସହ କୂଳରେ ଲଗାଇଥାଏ । ମାତ୍ର ଯେଉଁ ନୌକାକୁ ନାଉରିଆ ନିଜେ ବୁଡ଼ାଇ ଦେବାକୁ ଚାହିଁବ ତାହାହେଲେ ଆଉ କିଏ ବା ରକ୍ଷା କରିପାରିବ ? ସେ ସମୟର ସୁପର ହିରୋ ରାଜେଶ ଖାନ୍ନା ଓ ଶର୍ମିଳା ଟାଗୋରଙ୍କ ଅଭିନୀତ ହିନ୍ଦୀ ଚଳଚିତ୍ର 'ଅମର ପ୍ରେମ'ର ଉପରୋକ୍ତ ହୃଦୟସ୍ପର୍ଶୀ ଗୀତଟି ପାଇଁ କଣ୍ଠଦାନ କରିଥିଲେ କିମ୍ବଦନ୍ତୀ କଣ୍ଠଶିଳ୍ପୀ କିଶୋର କୁମାର । ଆମେ ଆଲୋଚନା ରଖିଥିବା ଏହି ପ୍ରସିଦ୍ଧ ସିନେମା ଗୀତର ଗୀତିକାର ଥିଲେ ପ୍ରଖ୍ୟାତ ଗୀତିକାର ଆନନ୍ଦ ବକ୍ସି । ଏହି ଆଲୋଚନାଟି ଆମେ ସହୃଦୟ ପାଠକଙ୍କ ପାଖରେ ଏଇଥିପାଇଁ ରଖୁଛୁ ଗୋଟିଏ ସପ୍ତାହର ଗଣମାଧ୍ୟମର ଅନେକ ପ୍ରମୁଖ ଖବର ଭାବେ ସ୍ଥାନିତ ପାଇଛି ଯେ କେଉଁଠି ବାପା-ମାଆଙ୍କ ଝଗଡ଼ା ପାଇଁ ମାଆ କିମ୍ବା ବାପା ବିଷ ଦେଇ ନିଷ୍ପାପ ଶିଶୁମାନଙ୍କୁ ମାରିଦେବା ସହ ନିଜେ ଆତ୍ମହତ୍ୟା କରିଛନ୍ତି କିମ୍ବା କେଉଁଠି ପିଲାଟି ଅତି କୋମଳ ବୟସରେ ବାପା-ମାଆଙ୍କ, ମତାନ୍ତର, ମନାନ୍ତର, ବିଚ୍ଛେଦ, ପରିବାରର ଅଭାବବୋଧ ଏବଂ ସେମାନଙ୍କ ଅପ୍ରାପ୍ତ ସ୍ନେହ ଶ୍ରଦ୍ଧା ପାଇଁ ଜୀବନ ହାରି ଦେବା ପାଇଁ ପଛେଇ ନାହାଁନ୍ତି । ଆଲେଖ୍ୟଟି ନିଶ୍ଚିନ୍ତ ଭାବେ ଅନେକଙ୍କ ପାଇଁ ହୁଏତ ହୃଦୟସ୍ପର୍ଶୀ ହୋଇପାରେ ।

ମୁଦ୍ରାର ଦୁଇ ପାର୍ଶ୍ୱ ପରି ବାପା-ମାଆଙ୍କ ଦାୟିତ୍ୱ ରହିଛି ପିଲାମାନଙ୍କୁ ଭଲ ବାଟରେ ନେବା ପାଇଁ ଆଉ କେଉଁଠି ବାପା-ମାଆଙ୍କ ପାଇଁ ହିଁ ପିଲା ଅବାଟରେ ଯାଉଛନ୍ତି । ଦୋଷ କାହାର ? କାରଣ କ'ଣ ? ଏ ସବୁ ତ ଅନେକ ପ୍ରଶ୍ନ ହୋଇପାରେ କିନ୍ତୁ ପୃଥିବୀର ସ୍ୱର୍ଗ କୁହାଯାଉଥିବା ପରିବାରରେ ଏପରି ଅଘଟଣ କାହିଁକି ଘଟୁଛି ? ଅନେକ କ୍ଷେତ୍ରରେ ଦେଖାଦେଉଛି ବାପା-ମାଆଙ୍କ ନିଜ ନିଜ ଇପସିତ ଜୀବନର ସ୍ୱପ୍ନ ଓ ସଂକଳ୍ପ ଯେପରି ପୂରଣ କରିବା ପିଲାଟିର ହିଁ ଦାୟିତ୍ୱ । ଦେଖାଯାଇଥାଏ ଜଣେ ଜଣେ ପିଲା ଯେଉଁ ବିଭାଗ, ଯେଉଁ ବୃତ୍ତି ପ୍ରତି ଅନାଗ୍ରହୀ ତାଙ୍କୁ କିନ୍ତୁ ଜୋରଜବରଦସ୍ତ ତିଆରି କରିବା ପାଇଁ ବାପା-ମାଆ ପ୍ରଚେଷ୍ଟିତ ହୋଇଥାନ୍ତି । ଜୀବନରେ ଚାପକୁ ବୁଝି ନଥିବା ପିଲାଟି ମାନସିକ ଚାପକୁ ସମ୍ମୁଖୀନ ହୋଇ ନିଜେ ଆତ୍ମହତ୍ୟାର ବାଟ ଦେଖିଥାଏ । ଆମ ଶିକ୍ଷା ବ୍ୟବସ୍ଥାକୁ ବି ଟିକେ ଦେଖନ୍ତୁ ଏଠି କୁମ୍ଭୀରକୁ ଗଛ ଚଢ଼ିବା ପାଇଁ ଆଉ ମାଙ୍କଡ଼କୁ ନଈରେ ପହଁରିବା ଲାଗି କେବଳ ରାସ୍ତା ଦେଖାଇନଥାଏ ଅଗମ୍ୟ ବାଧ ବାଧକତା ସୃଷ୍ଟି କରିଥାଏ । ଡାକ୍ତରୀ ପାଠ୍ୟକ୍ରମ ପାଇଁ ରାଜସ୍ଥାନର କୋଟାକୁ ଟିକେ ଦେଖନ୍ତୁ । ପ୍ରତି ମାସରେ ନିୟମିତ ବ୍ୟବଧାନରେ ଡାକ୍ତରୀ ପାଠପଢ଼ା ପାଇଁ ପ୍ରସ୍ତୁତ ହେଉଥିବା ନିଟ ଆଶାୟୀ ମାନଙ୍କ ଆତ୍ମହତ୍ୟା ତାଲିକା ମଧ୍ୟ ବହୁତ ଲମ୍ବା । କ'ଣ ପାଇଁ ଆମେ ଆମ୍ଭମାନଙ୍କ ଅସଫଳ କ୍ଷେତ୍ର, ବ୍ୟର୍ଥ ହୋଇଥିବା ପ୍ରଚେଷ୍ଟା ଆଉ ଇପସିତ ବୃତ୍ତି ସଂକଳ୍ପକୁ ପିଲାମାନଙ୍କ ଉପରେ ଲଦିବା । ଗଣିତକୁ ଆଗ୍ରହ ରଖିନଥିବା ପିଲା ଉପରେ ଅନ୍ୟ ମାନଙ୍କୁ ଆମ ଷ୍ଟାଟସ ଦେଖାଇବା ପାଇଁ ସେହି ଗଣିତ ପଢ଼ା ହିଁ ଲଦି ଦେଇଛୁ । କିଛି ଦିନ ତଳେ ଉତ୍ତର ପ୍ରଦେଶରେ ଜଣେ ବାପା ତାଙ୍କ ପୁଅକୁ ପଣିକିଆ ନ କହି ପାରିବାରୁ ପିଟି ପିଟି ମାରିଦେଇଥିବାର ଘଟଣା ଯେତେ କେତେ ନିର୍ମମ ତାହା ଆମେ ବୁଝିପାରୁଥିବା ।

ମନେପକାନ୍ତୁ ବିଶ୍ୱବିଖ୍ୟାତ ଆଇନଷ୍ଟାଇନଙ୍କ କଥା । ପିଲାବେଳୁ ହିଁ ତାଙ୍କର କୌଣସି କଥା ମନେରହୁନଥିଲା । ବିଦ୍ୟାଳୟର ସେ କେବଳ ପଛୁଆ ବେଞ୍ଚର ଛାତ୍ର ନଥିଲେ ବରଂ ଏଥିପାଇଁ ତାଙ୍କ ପରିବାର ଲଜ୍ଜିତ ହୋଇ ସ୍କୁଲ ବଦଳାଉ ଥିଲେ । ସେହିପରି ଖ୍ୟାତନାମା ବୈଜ୍ଞାନିକ ଥମାସ ଏଡ଼ିସନଙ୍କୁ ତାଙ୍କ ସ୍କୁଲ ବାଧ୍ୟତାମୂଳକ ଟିସି ପ୍ରଦାନ କରିଥିଲା । ବିଦ୍ୟାଳୟ କର୍ତ୍ତୃପକ୍ଷ ଉତ୍ତର ରଖିଥିଲେ ଯେ ପିଲାଟିର ସାଧାରଣ ଜ୍ଞାନ ମଧ୍ୟ ନାହିଁ । ଏଠାରେ କହିରଖେ ସେହି ଏଡ଼ିସନଙ୍କ ମାଆ ତାଙ୍କ ପୁଅକୁ ଘରେ ହିଁ ପାଠପଢ଼ାଇ ପରବର୍ତ୍ତୀ ସମୟରେ ସେ ହୋଇଥିଲେ ବିଶ୍ୱ ବିଖ୍ୟାତ । ଆଜିର ସମୟକୁ ଦେଖନ୍ତୁ ଆମ ପାଖରେ ଯେଉଁମାନେ ସେଲିବ୍ରେଟି, କିମ୍ବଦନ୍ତୀ, ଦିଗଜ ସିଏ ତାରକା ଭାରତ ରତ୍ନ କ୍ରିକେଟ ତାରକା ସଚ୍ଚିନ ତେନ୍ଦୁଲକର ହୁଅନ୍ତୁ କିମ୍ବା କପିଲ ଦେବ, ଅମିର ଖାନ, ଅକ୍ଷୟ କୁମାର, ସ୍ମୃତି ଇରାନୀ ଏମାନେ କେଉଁ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ ଜାଣିଛନ୍ତି ? ତେଣୁ ପିଲାମାନଙ୍କୁ ଜୀବନର ଅସଲ ମର୍ମ ଜୀବନର ସାଧନ ଓ ଜୀବନର ଲକ୍ଷ୍ୟ ପଥକୁ ଦେଖଉଥିବା ବାପା-ମାଆ ମାନେ ହେଉଛନ୍ତି ଗୀତିକାର ଆନନ୍ଦ ବକ୍ସିଙ୍କ ଭାଷାରେ 'ମାଝୀ' କିନ୍ତୁ ସେହି ଜୀବନ୍ତ ଭଗବାନ ଓ ଜୀବନର ଅସଲ ମାର୍ଗଦାତା ବାପା-ମାଆ ଯଦି ସେମାନଙ୍କ ମୂଲ୍ୟବାନ ସମ୍ପତ୍ତି ସେମାନଙ୍କ ପିଲାମାନଙ୍କୁ ମଝି ନଈରେ ବୁଡ଼ାଇ ଦେବା ପାଇଁ ଚାହିଁବେ ତାହାହେଲେ ତାଙ୍କୁ ଆଉ କିଏ ବା ରକ୍ଷା କରିପାରିବ ? ମନେ ପଡୁଛି ଗୋଦାବରୀଶ ମଶ୍ରଙ୍କ କାଳଜୟୀ ଧାଡ଼ିଟି ଯାହାକି ଆମ ବିଦ୍ୟାଳୟ ପାଠ୍ୟକ୍ରମରେ ଥିଲା - 'ସକଳ ସମ୍ପଦୁ ବଡ଼ ସମ୍ପଦ ସେ, ପୁନିଅଁ ଜହ୍ନରୁ ତୋରା, ଦରିଦ୍ର ପସରା, ଅନ୍ଧଲଉଡି ଲୋ, ବୁଡ଼ନ୍ତା ଲୋକର ଭେଳା । ଚାହିଁ ଯାହା ମୁହଁ ସଂସାର ଗଞ୍ଜଣା, ଦଣ୍ଡକେ ଯାଏ ପାଶୋର, ସେହୁ ନାହିଁ ଘର ଶୋହା କରିବ ଲୋ, ଉଆଁସ ଦିଶେ ଅନ୍ଧାର ।'


'ସାଇବିଥି' ୭ଡ଼ି/୧୩୫୪,
ସେକ୍ଟର-୯, ସିଡିଏ, କଟକ,


## ସମସ୍ତେ ନିର୍ଦ୍ଦୋଷ



### ସୌଭାଗ୍ୟ ରଂଜନ ମହାନ୍ତି

ବହୁଚର୍ଚ୍ଚିତ ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ଓ ୨୦୦୮ ମାଲେଗାଁଓ ବିସ୍ଫୋରଣ ଘଟଣାରେ ଅଭିଯୁକ୍ତମାନେ ଅଦାଲତରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହେବା ତଦନ୍ତକାରୀ ସଂସ୍ଥାଗୁଡିକର ପାରିବାରପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ନିସନ୍ଦେହରେ କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲାରେ ଦୀର୍ଘ ୧୯ବର୍ଷ ପରେ ପ୍ରମାଣ ଅଭାବରୁ ହାଇକୋର୍ଟ ସମସ୍ତ ୧୨ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାର ସପ୍ତାହକ ପରେ ୨୦୦୮ ମାଲେଗାଁଓ ବିସ୍ଫୋରଣ ମାମଲାରେ ସ୍ୱତନ୍ତ୍ର ଅଦାଲତ ସମସ୍ତ ୭ଜଣ ଯାକ ଅଭିଯୁକ୍ତଙ୍କୁ ଖଲାସ କରିଦେଇଛନ୍ତି । ରାୟ ଘୋଷଣା କରି ସ୍ୱତନ୍ତ୍ର ଅଦାଲତର ବିଚାରପତି କହିଛନ୍ତି ଯେ, ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ କୌଣସି ବଳିଷ୍ଠ ପ୍ରମାଣ ନାହିଁ, କେବଳ ଗୁରୁତର ସନ୍ଦେହର ବାତାବରଣ ରହିଛି । ତେଣୁ ଅଭିଯୁକ୍ତମାନଙ୍କୁ ଅଦାଲତ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ସନ୍ଦେହରେ କାହାରିକୁ ଦଣ୍ଡିତ କରାଯାଇପାରିବ ନାହିଁ ବୋଲି ଅଦାଲତ ସ୍ୱଷ୍ଟ କରିଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, କୌଣସି ହିନ୍ଦୁମାନେ କଦାପି ଆତଙ୍କବାଦୀ ହୋଇପାରିବେ ନାହିଁ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଘୋଷଣା କରିବାର ଦିନକ ପରେ ମାଲେଗାଓଁ ବିସ୍ଫୋରଣର ରାୟ ପ୍ରକାଶ ପାଇଛି । ଯେଉଁ ବିସ୍ଫୋରଣରେ ୬ଜଣଙ୍କର ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ୧୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ । ସମସ୍ତ ମୃତାହତଙ୍କ ମଧ୍ୟରେ ଅଧିକାଂଶ ସଂଖ୍ୟାଲଘୁ ସମ୍ପ୍ରଦାୟ ଥିଲେ । ମହାରାଷ୍ଟ୍ରରେ ମାଲେଗାଓଁ ଏକ ମୁସଲିମ ବହୁଳ ଅଂଚଳ ଭାବେ ପରିଚିତ । ମସଜିଦ୍ ନିକଟରେ ଏହି ବିସ୍ଫୋରଣ ଲୋକ ଗହଳି ଥିବା ସମୟରେ ସ୍ୱଷ୍ଟ ଦିବାଲୋକରେ ଘଟିଥିଲା । ଏହି ବିସ୍ଫୋରଣ ଘଟଣାର ପଛରେ ଗୈରିକ ଆତଙ୍କବାଦୀଙ୍କ ହାତ ଥିବା ନେଇ ତତ୍କାଳୀନ ସରକାରଙ୍କ ପକ୍ଷରୁ କୁହାଯାଇଥିଲା । ବିସ୍ଫୋରଣରେ ସମ୍ପୃକ୍ତ ଥିବା ଅଭିଯୋଗରେ ବିଜେପିର ପୂର୍ବତନ ସାଂସଦ ସ୍ୱାଧୀ ପ୍ରଜ୍ଞା ଠାକୁରଙ୍କ ସମେତ ୭ଜଣଙ୍କୁ ମହାରାଷ୍ଟ୍ର ଏଟିଏସ ତଦନ୍ତ କରି ଗିରଫ କରିଥିଲା । ପରବର୍ତ୍ତୀ ସମୟରେ ଏହାର ତଦନ୍ତ ଦାୟିତ୍ୱ ଦେଶର ପ୍ରମୁଖ ଆତଙ୍କବାଦ ନିରୋଧି ସଂସ୍ଥା ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନଆଇଏ)କୁ ହସ୍ତାନ୍ତର କରାଯାଇଥିଲା । ଏହା ନିସନ୍ଦେହ ଯେ, ତଦନ୍ତରେ ଠୋସ୍ ପ୍ରମାଣ ସଂଗ୍ରହ କରିବାରେ ଏନଆଇଏ ବିଫଳ ହୋଇଥିବା ଅଦାଲତଙ୍କ ରାୟ ସ୍ୱଷ୍ଟ ସଂକେତ ପ୍ରଦାନ କରେ । ବିଚାରପତି ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, ଏକ ମୋଟର ବାଇକରେ ବିସ୍ଫୋରକ ଖଂଜାଯାଇଥିବା ନେଇ ଏନଆଇଏ ଅଦାଲତଙ୍କଚ ଅବଗତ କରାଇପାରିନାହିଁ । ସେହିପରି ବାଇକଟି ସ୍ୱାଧୀ ଠାକୁରଙ୍କ ମାଲିକାନାରେ ଥିବା ନେଇ ବଳିଷ୍ଠ ପ୍ରମାଣ ଉପସ୍ଥାପିତ କରିପାରିନାହିଁ । ତଦନ୍ତକାରୀ ଅଧିକାରୀ ପଂଚନାମା ପ୍ରସ୍ତୁତ କରିବା ସମୟରେ ଘଟଣାସ୍ଥଳର ନକ୍ସା(ସ୍କେଚ୍) ପ୍ରସ୍ତୁତ କରିନଥିଲେ କିମ୍ବା ଘଟଣାସ୍ଥଳରୁ କୌଣସି ଅଭିଯୁକ୍ତଙ୍କ ଅଙ୍ଗୁଳି ଛାପ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିନଥିଲେ । ଯେଉଁ ନମୂନା ସଂଗୃହୀତ ହୋଇଥିଲା, ସେଗୁଡିକ ନଷ୍ଟ ହୋଇଯାଇଥିବାରୁ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ବିଚାରପତି ଯାହା ଦର୍ଶାଇଛନ୍ତି, ତାହା ତଦନ୍ତକାରୀଙ୍କ ଅଜ୍ଞତା, ଅପରିପକ୍ୱତା ଓ ଖାମଖିଆଲ ମନୋଭାବକୁ ପ୍ରମାଣିତ କରୁଛି ବୋଲି କୁହାଯାଇପାରେ । ସେହିପରି ଅନ୍ୟତମ ଅଭିଯୁକ୍ତ ଲେଫ୍ଟନାଂଟ କର୍ଣ୍ଣେଲ ଶ୍ରୀକାନ୍ତ ପୁରୋହିତ ଏକ ଛାୟା ଦକ୍ଷୀଣପନ୍ଥୀ ଉଗ୍ରବାଦୀ ସଂଗଠନ ପାଇଁ ବିସ୍ଫୋରକ କିଣିବା ପାଇଁ ପାଣ୍ଠି ସଂଗ୍ରହ କରିବା ଏବଂ ସେଗୁଡିକୁ ନିଜ ବାସଭବନରେ ଲୁଚାଇ ରଖିଥିବା ନେଇ ତଦନ୍ତକାରୀ ଅଧିକାରୀ କୌଣସି ପ୍ରମାଣ ସଂଗ୍ରହ କରିବାରେ ବିଫଳ ହୋଇଛନ୍ତି । ଅନ୍ୟ ଭାଷାରେ ଏକ ବିସ୍ଫୋରଣ ସଂଗଟିତ ହୋଇଥିବା ପ୍ରମାଣ ବ୍ୟତୀତ ଏନଆଇଏ ଅନ୍ୟ କୌଣସି ଗୁରୁତର ଅଭିଯୋଗକୁ ପ୍ରମାଣିତ କରିପାରିନାହିଁ । କେବଳ ମାତ୍ର ସନ୍ଦେହ ବାସ୍ତବ ପ୍ରମାଣର ବିକଳ୍ପର ହୋଇପାରିବ ନାହିଁ । ଏଭଳି ନିମ୍ନମାନର ତଦନ୍ତ ପରିପ୍ରେକ୍ଷୀରେ ଏକ ଦଣ୍ଡବିଧାନ ସମ୍ପୂର୍ଣ୍ଣ ଅଯୌକ୍ତିକ ଏବଂ କାହାରିକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡିତ କରାଯାଇପାରିବ ନାହିଁ ବୋଲି ଅଦାଲତ ତାଙ୍କ ରାୟରେ ସ୍ୱଷ୍ଟ ଭାବେ ଉଲ୍ଲେଖ କରିଛନ୍ତି । କହିବା ବାହୁଲ୍ୟ ଯେ, ସ୍ୱାଧୀ ପ୍ରଜ୍ଞା ସିଂହ ଠାକୁର ଏବଂ ଅନ୍ୟ ୩ଜଣ ବିରୁଦ୍ଧରେ ଯଥେଷ୍ଟ ପ୍ରମାଣ ପାଉନଥିବାରୁ ସେମାନଙ୍କ ବିରୁଦ୍ଧରେ ମାମଲାକୁ ରଦ୍ଦ ପାଇଁ ୨୦୧୬ ମସିହାରେ ଏନଆଇଏ ସୁପାରିଶ କରିଥିଲା । ଏହା କ'ଣ ଅଭିଯୁକ୍ତମାନଙ୍କୁ ଖଲାସ କରିବା ପାଇଁ ଭବିଷ୍ୟବାଣୀ ଥିଲା କି ବୋଲି ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ । ମାଲେଗାଓଁ ବିସ୍ଫୋରଣ ଘଟଣା ଏଇଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ, ଏହି ଆକ୍ରମଣ ଘଟଣାରେ ପ୍ରଥମ ଥର ପାଇଁ ହିନ୍ଦୁ ଆତଙ୍କବାଦୀ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା, ଯାହାକି ଦେଶରେ ପ୍ରଥମ ଘଟଣା ଥିଲା । ଏହା ନିସନ୍ଦେହ ଯେ, ଆତଙ୍କ ମାମଲାରେ ଦୋଷୀଙ୍କୁ ଖୋଜି ବାହାର କରିବାକୁ ହେବ, ସେମାନଙ୍କ ଅପରାଧକୁ ପ୍ରମାଣିତ କରି ଦଣ୍ଡିତ କରିବାକୁ ହେବ । ଅପରାଧର ପ୍ରମାଣ ଖୋଜିବା ହେଉଛି ତଦନ୍ତକାରୀ ସଂସ୍ଥାର ଦାୟିତ୍ୱ । ଏହି ପ୍ରକ୍ରୀୟା ଅନୁସରଣ କରିବାରେ ବିଫଳ ତଦନ୍ତକାରୀଙ୍କୁ ଉତରଦାୟିତ୍ୱ ଫିକ୍ସ କରାଯିବା ଆବଶ୍ୟକ । ତେବେ ଆତଙ୍କ ମାମଲାରେ ତଦନ୍ତ ପାଇଁ ସମର୍ପିତ ତଦନ୍ତକାରୀ, ଉତମ ଫୋରେନସିକ୍, ଉପଯୁକ୍ତ ପ୍ରକ୍ରୀୟା ଅବଲମ୍ବନ ଏବଂ ରାଜନୈତିକ ଚାପମୁକ୍ତ ହେବା ଜରୁରୀ । ଅନ୍ୟଥା ଅଭିଯୁକ୍ତ ନିର୍ଦ୍ଦୋଷ ଖଲାସ ହେବା ସାର ହେବ ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୭୯୭୮୬୬୬୪୦୩


କବିତା କୋଣାର୍କ

## ଏକାକୀ ମୁଁ, ମନର କଥା

### ସୌଦାମିନୀ ପଣ୍ଡା



ସନ୍ନଟ ରାତିରେ ବସିଛି ମୁଁ ଏକା,
ନିଜ ମନର ଗଭୀର ଅନୁଭବକୁ
ଶୁଣୁଛି ଏକା ।

ଚାନ୍ଦର ଆଲୋକ ଝରୁ ଥିବାବେଳେ
ମନ ମୋର ଘୁରୁଛି ସ୍ମୃତି ମାଳା ରେ ।

ଗତ ଦିନର ଅନୁଭୂତି,
ବିଚ୍ଛିନ୍ନ ସ୍ୱପ୍ନ କଥା,
ପ୍ରତିଟି ମୁହୂର୍ତ୍ତ ଦେଉଛି ଅଜଣା
ପୀଡାର ବ୍ୟଥା ।

ମନ କହେ 'ତୁମେ ଏକା ନୁହଁ, ନିଜେ
ହେଉଛ ସାଥୀ',
ବାହାର ଅନ୍ଧାର, କିନ୍ତୁ ମନ
ଭିତରେ ଆଲୋକ ସାରଥୀ ।

ଅନେକ କଥା ଯାହା କହିନି
କାହାକୁ,
ସେଗୁଡିକୁ କହୁଛି ଆଜି ନୀଳ
ଆକାଶକୁ ।

ମୁଁ ହସିଥିଲି, କେବେ କାନ୍ଦିଥୁଲି
ନିଜ ପାଇଁ,
ସେ ମୁହୂର୍ତ୍ତ ଗୁଡ଼ିକ ରହିଛି
ଗୀତ ହୋଇ ।


+ବରିହାପାଲି (ପଦ୍ମପୁର)
ବରଗଡ


## ଶ୍ରାବଣ ଆକାଶେ ମେଘ ମହ୍ଲାର

### ସୁରାତ୍ରୀ ପ୍ରଧାନ

ଶ୍ରାବଣ ଆକାଶେ ବରଷା ରାଣୀ
ମୁଣ୍ଡରେ ନାଇଁଛି ପାଟ ଓଢଣୀ
ଦେହରେ ଖେଳୁଛି ନବ ଯୌବନ
ମାଟି ସଙ୍ଗେ ତାର ହେବ ମିଳନ ।।

ଉଛୁଳା ଯୌବନ ଲଂଘଇ କୁଳ
ପାଇବାକୁ ତାର ସଙ୍ଗମ ସ୍ଥଳ
ମେଘ ସବାରିରେ ମଉନେ ବସି
ମନରେ ଯାଉଛି ପ୍ରୀତି ବରସି ।।

ଅଳପ ଅଳପ ଲାଜେଇ ହସେ
ଭିଜା ଓଢଣୀରେ ପ୍ରେମ ବରଷେ
ଅବୁଝା ଶ୍ରାବଣ ବୁଝିଲା ନାହିଁ
ନଈ ସଙ୍ଗେ ନେଇ ଦେଲା ମିଶାଇ ।

ମାଟି, ବରଷାର ହେଲା ସଂଯୋଗ
ବାତାୟନ ସାଥେ ଖେଳେ ତରଙ୍ଗ
ବିଲ, ବଣ, ନାଳ, ପାହାଡ଼ ନଈ
ବରଷା ପାଣିକୁ ଯାଉଛି ଛୁଇଁ ।।


+କୁସୁପୁର, ଗୋପ,
ପୁରୀ-୭୫୨୧୧୦
ମୋ: ୭୦୦୮୨୬୦୫୧୬


## ଋତୁର ନାଁ ଫଗୁଣ

### ବିଶ୍ୱନାଥ କର

ଫଗୁଣ ତ ଆଜନ୍ମ ଉଲଗ୍ନ ନଗ୍ନ
ଜହ୍ନରାତିର ତାତିରେ
ଫଗୁଣ ତ ଆଜନ୍ମ ଉଲଗ୍ନ ବିବସ୍ତ୍ର
ଶ୍ରାବଣୀ ଛନ୍ଦରେ
ଭିଜେଇ ଦିଏ ବିନା ବର୍ଷାର
ଛିଟାରେ
ଚିଏଁଇ ଦିଏ ସ୍ୱପ୍ନ
ଉଜାଗର ରାତିର ପାହାନ୍ତା
ପ୍ରହରେ ।
ଡେଣା ମେଲେଇ ଦିଅନ୍ତି ସୁନାର
ଇଗଲ୍ ଦଳ
ହୁନ୍ଦର ଲଗେଇ ସାରା
ଆକାଶମଣ୍ଡଳର ନୀଳିମାରେ
ଅକ୍ଷର ମାନେ ପାଲଟିଯାଆନ୍ତି ଶବ୍ଦ
ଶବ୍ଦ ମାନେ ପାଲଟି ଯାଆନ୍ତି କ୍ୱିତା
ଜ୍ୟୋତ୍ସ୍ନାର ଅଗଣାରେ କବିଟିଏ
ବସି କ'ଣ କରେ କେଜାଣି
ଅଟକିଯାଏ ଫଗୁଣ
ଗୀତ ଗାଏ ସ୍ୱର ତୋଳେ
ଜୀବନର କୁଳୁକୁଳୁ ତାନ ବଞ୍ଚିବାର
ଶିହରଣ
କବିଟିଏ ତା ନାଁ ଲେଖିଦିଏ
ଋତୁରାଜ ଫଗୁଣ ।
କିଏ ଜଣେ ଭଲ ପାଇବା
ସଜାଡି ଦିଏ
ଲିଭି ଯାଇଥିବା ଆଲୁଅରେ
ମହମହ ଉଷୁମାଲୋକର ବାସ୍ନାରେ
ସଜେଇ ଦିଏ
ଗୋଟେ ଅସରନ୍ତି ମାଧବୀ ନିଶି
ମଧୁର ଆବେଶେ ରଙ୍ଗ ବଦଳାଉ
ଥାଏ ଋତୁ
ଫଗୁଣ ନିଆଁରେ ।
ପ୍ରଜାପତି ପରି ସିଏ ଉଡିବୁଲେ
ଘରସାରା
କାନ୍ଥସାରା ଫଗୁଣର ନାଆଁ ଲେଖି
ଜହ୍ନର ବାସ୍ନାରେ ଭିଜେ
ମଲ୍ଲି ଆଉ ହେନାର କଢରେ୍ୱ,ସା
ବାନ୍ଧେ ?
ସରୁ ନଥିବା ରାତିର ଫର୍ଦ୍ଦ ଫର୍ଦ୍ଦ
କାଗଜରେ ଲେଖୁଥାଏ ନାଆଁ
ଫଗୁଣ ଫଗୁଣ ।
ବେଳେ ବେଳେ ସେ ଅବୁଝା ଲାଗେ
କବିଟିଏ ଭଳି
ସ୍ୱପ୍ନରୁ ଭ୍ରମକୁ
ଭ୍ରମରୁ ସ୍ୱପ୍ନକୁ
ସଜାଡେ ଇତିହାସର ନୂଆ ପୃଷ୍ଠାରେ
ଲେଖେ
ଏ ଋତୁଟିର ନାଆଁ
ଫଗୁଣ ଫଗୁଣ ।


+ସାଇ କଲୋନୀ,ଦେଉଳ ସାହି,
ତୁଳସୀ ପୁର, କଟକ ୭୫୩୦୦୮
ମୋ:୯୭୭୬୩୩୨୬୩୪




# ୫୦୦ କୋଟିର ଫିଲ୍ମ ଦେଇ ବକ୍ସ ଅଫିସ୍ ରେକର୍ଡ କରିଥିବା ଭାରତର ପ୍ରଥମ ଅଭିନେତ୍ରୀ: ବଲିଉଡ୍ ସହିତ କୌଣସି ସମ୍ପର୍କ ନାହିଁ



ଭାରତରେ ଏବେ ବଡ଼ ବଜେଟ୍‌ରେ ଫିଲ୍ମ ତିଆରି ହେଉଛି ଏବଂ ସେମାନଙ୍କର ରୋଜଗାର ମଧ ବହୁ ଅଧିକ। ଗତ ୧୦ ବର୍ଷ ମଧ୍ୟରେ, ଅନେକ ଫିଲ୍ମ ସାରା ବିଶ୍ୱରେ ୧୦୦୦ କୋଟି ଟଙ୍କାରୁ ଅଧିକ ଆୟ କରିଛି। ଅନେକ ଭାରତୀୟ ଫିଲ୍ମ ମଧ ଏପର୍ଯ୍ୟନ୍ତ ୫୦୦ କୋଟି କ୍ଲବରେ ସାମିଲ ହୋଇଛି। କିନ୍ତୁ, ୫୦୦ କୋଟି ଫିଲ୍ମ ଦେଇଥିବା ପ୍ରଥମ ଭାରତୀୟ ଅଭିନେତ୍ରୀ ୮ ବର୍ଷ ପୂର୍ବେ ଏହି ରେକର୍ଡ କରିଥିଲେ।

ଦୀପିକା ପାଦୁକୋନ କିମ୍ୱା ପ୍ରିୟଙ୍କା ଚୋପ୍ରା, ଆଲିଆ ଭଟ୍ଟ କିମ୍ୱା କରୀନା କପୁର ଭାରତର ପ୍ରଥମ ଫିଲ୍ମ ୫୦୦ କୋଟି ଟଙ୍କା ରୋଜଗାର କରିବାର ରେକର୍ଡରେ ନାହାନ୍ତି।

ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହି ଅଭିନେତ୍ରୀଙ୍କର ବଲିଉଡ୍ ସହିତ କୌଣସି ସମ୍ପର୍କ ନାହିଁ। ଏହି ରେକର୍ଡ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଅନୁଷ୍କା ଶେଟ୍ଟୀ ତାଙ୍କ ନାମରେ ପଞ୍ଜିକୃତ କରିଛନ୍ତି।

ଅନୁଷ୍କା ଶେଟ୍ଟୀ ଭାରତର ପ୍ରଥମ ଫିଲ୍ମ ୫୦୦ କୋଟି ଟଙ୍କା ରୋଜଗାର କରିବାର ରେକର୍ଡ ରଖିଛନ୍ତି ଏବଂ ସେ ଆଠ ବର୍ଷ ପୂର୍ବେ ଏହି ସଫଳତା ହାସଲ କରିଥିଲେ। ଦକ୍ଷିଣ ସିନେମାର ଜଣେ ବଡ଼ ଅଭିନେତ୍ରୀ ଭାବରେ ବିବେଚିତ ଅନୁଷ୍କା ଶେଟ୍ଟୀ ତାଙ୍କ ଫିଲ୍ମ 'ବାହୁବଳୀ-୨' ମାଧ୍ୟମରେ ସାରା ବିଶ୍ୱର ପ୍ରଶଂସକଙ୍କ ହୃଦୟ ଜିତିବାରେ ସଫଳ ହୋଇଥିଲେ। ବାହୁବଳୀ ପରେ, ବାହୁବଳୀ-୨ ମଧ ପ୍ରଶଂସକଙ୍କ ହୃଦୟ ଜିତିବାରେ ବେଶ୍ ସଫଳ ହୋଇଥିଲେ। ଏହି ଫିଲ୍ମ ସାରା ବିଶ୍ୱରୁ ଐତିହାସିକ ୧୮୧୦ କୋଟି ଟଙ୍କା ରୋଜଗାର କରିଥିବା ବେଳେ, ଭାରତରେ ଏହା ୧୦୩୦ କୋଟି ଟଙ୍କା ଅତିକ୍ରମ କରିଥିଲା। ଏହି ଫିଲ୍ମ କେବଳ ହିନ୍ଦୀ ସଂସ୍କରଣରୁ ୫୧୦ କୋଟି ଟଙ୍କା ସଂଗ୍ରହ କରିଥିଲା। ଏସଏସ ରାଜମୌଳିଙ୍କ ନିର୍ଦ୍ଦେଶିତ ବାହୁବଳୀ-୨ ରେ ସୁପରଷ୍ଟାର ପ୍ରଭାସ ତାଙ୍କ ବିପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମ ଅନୁଷ୍କା ଏବଂ ପ୍ରଭାସଙ୍କୁ ବିଶେଷ ସ୍ୱୀକୃତି ଦେଇଥିଲା। ୪୩ ବର୍ଷୀୟା ଅନୁଷ୍କାଙ୍କୁ ଦକ୍ଷିଣ ସିନେମାର ବଡ଼ ଅଭିନେତ୍ରୀଙ୍କ ମଧ୍ୟରେ ଗଣନା କରାଯାଇଥାଏ। ସେ ପ୍ରାୟ ୧୬ ବର୍ଷ ଧରି ତେଲୁଗୁ ସିନେମାରେ କାମ କରୁଛନ୍ତି। ତାଙ୍କ କାର୍ଯ୍ୟକ୍ଷେତ୍ର ବିଷୟରେ କହିବାକୁ ଗଲେ, ଏହି ଅଭିନେତ୍ରୀ ଏବେ 'ଘାଟି' ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବାକୁ ଯାଉଛନ୍ତି। କ୍ରିଷ ଜଗରଲାମୁଡିଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମର ଟ୍ରେଲର ବୁଧବାର ରିଲିଜ୍ ହୋଇଛି।




ମହାରାଷ୍ଟ୍ରରେ, ବିଶେଷକରି ମୁମ୍ବାଇରେ ମରାଠୀ ବନାମ ହିନ୍ଦୀ ଭାଷାକୁ ନେଇ ବିବାଦ ଚାଲିଛି। ମୁମ୍ବାଇରେ ଅନେକ ହିନ୍ଦୀ ଭାଷାଭାଷୀ ଲୋକଙ୍କୁ ମରାଠୀ କହିବାକୁ ବଳପୂର୍ବକ କୁହାଯାଉଛି। ଅତୀତରେ ଏନେଇ ଅନେକ ବିବାଦ ହେବା ସହ ହିଂସା ମଧ ହୋଇସାରିଛି। ଅନେକ କଳାକାର ହିନ୍ଦୀ ଏବଂ ମରାଠୀ ଭାଷା କହିବା ଉପରେ ନିଜ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏବେ ଅଭିନେତ୍ରୀ କାଜୋଲଙ୍କ ଏକ ଭିଡିଓ ଅଧିକ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ମରାଠୀରେ କଥା ହେଉଛନ୍ତି। ଯେତେବେଳେ ତାଙ୍କୁ ହିନ୍ଦୀରେ କହିବାକୁ କୁହାଯାଉଛି, ସେ ହିନ୍ଦୀରେ କହିବାକୁ ମନା କରିଦେଇଛନ୍ତି। ତେବେ ତାଙ୍କର ଏହି ଭିଡିଓ ଭାଇରାଲ ହେବା ପରେ ଏବେ ତାଙ୍କୁ ଟ୍ରୋଲ କରାଯାଉଛି।

ଏକ ସାକ୍ଷାତକାରରେ କାଜୋଲ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ମରାଠୀରେ ଦେଇଥିଲେ। ଯେତେବେଳେ ତାଙ୍କୁ ହିନ୍ଦୀରେ କହିବାକୁ କୁହାଯାଇଥିଲା, ସେ ରାଗିଯାଇଥିଲେ। ସେ କହିଥିଲେ, 'ଏବେ ପୁଣି ମୁଁ ହିନ୍ଦୀରେ କହିବି, ଯିଏ ବୁଝିବା ଲୋକ ସେ ବୁଝିଯିବ।' ତାଙ୍କର ଏଭଳି ଭିଡିଓ ଭାଇର ?ାଲ ହେବା ପରେ ଲୋକେ ତାଙ୍କୁ ଟ୍ରୋଲ୍ କରିବା ଆରମ୍ଭ କରିଛନ୍ତି। ଅନେକ ସୋସିଆଲ ମିଡିଆ ବ୍ୟବହାରକାରୀ ଅଭିନେତ୍ରୀଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି ଏବଂ ତାଙ୍କୁ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରିବା ବନ୍ଦ କରିଦେବା ଉଚିତ୍ ବୋଲି କହିଛନ୍ତି। 'ଯଦି ସେ ହିନ୍ଦୀ ଭାଷାରେ କଥା ହେବାକୁ ଅସହଜ ଏବଂ ଲଜ୍ଜିତ ଅନୁଭବ କରୁଛନ୍ତି, ତେବେ ତାଙ୍କୁ ବଲିଉଡ୍ ହିନ୍ଦୀ ସିନେମାରେ କାମ କରିବା ବନ୍ଦ କରିବା ଉଚିତ। ତାଙ୍କୁ ତାଙ୍କର ଦୋମୁହାଁ ନୀତି ଛାଡିବା ଉଚିତ' ବୋଲି ଜଣେ ବ୍ୟବହାରକାରୀ ଲେଖିଛନ୍ତି। 'ସେ ହିନ୍ଦୀ ଫିଲ୍ମରେ କାହିଁକି କାମ କରୁଛନ୍ତି ? ତାଙ୍କୁ କେବଳ ମରାଠୀ ଫିଲ୍ମରେ କାମ କରିବା ଉଚିତ' ବୋଲି ଅନ୍ୟଜଣେ ଲେଖିଛନ୍ତି।

# ଫ୍ଲପ ହେଲା କି ଧଡକ-୨ ? ଆୟକୁ ନେଇ ଚିନ୍ତାରେ ପ୍ରଯୋଜକ

ତୃପ୍ତି ଡିମରି ଏବଂ ସିଦ୍ଧାନ୍ତ ଚତୁର୍ବେଦୀ ଅଭିନୀତ ଫିଲ୍ମ 'ଧଡକ ୨' ବହୁତ ଆଶା କରିଥିଲେ ବି ଏହା ଦର୍ଶକଙ୍କୁ ପ୍ରଭାବିତ କରିପାରି ନାହିଁ। ଯଦିଓ ଏହାର କାହାଣୀ ଏବଂ ଷ୍ଟାରକାଷ୍ଟଙ୍କ ଅଭିନୟକୁ ବହୁତ ପ୍ରଶଂସା କରାଯାଉଛି, କିନ୍ତୁ ଏହାର ବକ୍ସ ଅଫିସ ପ୍ରଦର୍ଶନ ନିରାଶାଜନକ। 'ଧଡକ ୨' ଏପରି ସମୟରେ ଥିଏଟରକୁ ଆସିଲା ଯେତେବେଳେ ରୋମାଣ୍ଟିକ ଡ୍ରାମା 'ସୈୟାର'ର କ୍ରେଜ୍ ଦର୍ଶକଙ୍କ ମଧ୍ୟରେ ଅଛି। ଆହାନ ପାଣ୍ଡେ ଏବଂ ଅନୀତ ପଡ୍ଡାଙ୍କ ରୋମାଣ୍ଟିକ କେମେଷ୍ଟ୍ରି ଆଗରେ ତୃପ୍ତି ଡିମରି ଏବଂ ସିଦ୍ଧାନ୍ତ ଚତୁର୍ବେଦୀଙ୍କ ଯୋଡ଼ି ଫିକା ପ୍ରମାଣିତ ହୋଇଛି । ଏହା ସହିତ ସନ୍ ଅଫ୍ ସର୍ଦ୍ଦାର ୨ ଏବଂ ମହାବତାର ନରସିଂହ ଭଳି ଫିଲ୍ମ ଧଡକ-୨ର ଆୟ କମିବା ପଛରେ ବଡ ଭୂମିକା ଗ୍ରହଣ କରିଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ ରିଲିଜ ହେବାର ୫ ଦିନ ମଧ୍ୟରେ ଏହି ଫିଲ୍ମ 'ଧଡକ ୨'ର ଆୟ ଜମା ବି ଆଖିଦୃଶିଆ ହୋଇପାରିନାହିଁ । ଫିଲ୍ମର କଲେକ୍ସନ ବିଷୟରେ କହିବାକୁ ଗଲେ, 'ଧଡକ ୨' ରିଲିଜର ପ୍ରଥମ ଦିନରେ ୩.୫ କୋଟି, ଦ୍ୱିତୀୟ ଦିନରେ ୩.୭୫ କୋଟି, ତୃତୀୟ ଦିନରେ ୪.୧୫ କୋଟି ଏବଂ ଚତୁର୍ଥ ଦିନରେ ୧.୩୫ କୋଟି ବ୍ୟବସାୟ କରିଛି। ବାସ୍ତବରେ ସିଦ୍ଧାନ୍ତ ଚତୁର୍ବେଦୀ ଏବଂ ତୃପ୍ତି ଡିମରି ଅଭିନୀତ ଫିଲ୍ମ 'ଧଡକ ୨'ର ଆନୁମାନିକ ବଜେଟ୍ ୪୫ କୋଟି ଟଙ୍କା, ଯେଉଁଥିରେ ପ୍ରାୟ ୩୫ କୋଟି ଟଙ୍କା ଫିଲ୍ମ ନିର୍ମାଣରେ ଖର୍ଚ୍ଚ ହୋଇଥିବାବେଳେ ମାର୍କେଟିଂ ଏବଂ ପ୍ରମୋସନରେ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି।




# ଏମିତି ବଦଳିଯାଇଥିଲା ସାମନ୍ଥାଙ୍କ କାହାଣୀ



ବେଳେବେଳେ ନିଜ ପରିଶ୍ରମ ସହ ଭାଗ୍ୟ ଏମିତି ସାଥ ଦେଇଥାଏ ଯେ ଜଣେ ସଫଳତାର ଶିଖରକୁ ଛୁଇଁଥାଏ । ଆଜି ଆମେ ଆପଣଙ୍କୁ ଏମିତି ଜଣେ ଅଭିନେତ୍ରୀଙ୍କ ବାବଦରେ କହିବୁ ଦିନେ, ଯାହାଙ୍କ ପାଖରେ କେବେ ଖାଇବା ପାଇଁ ଟଙ୍କା ନଥିଲା, ଆଜି ସେ ନିଜେ କୋଟି କୋଟି ଟଙ୍କାର ମାଲିକାଣୀ। ବଲିଉଡ୍‌ରୁ ଆରମ୍ଭ କରି ସାଉଥ ସିନେମା ପର୍ଯ୍ୟନ୍ତ ଏମିତି ଅନେକ ତାରକା ଅଛନ୍ତି, ଯେଉଁମାନେ ଅନେକ ସଂଘର୍ଷ ପରେ ସିନେମା ଜଗତରେ ନାମ କମାଇଛନ୍ତି। ସାମନ୍ଥା ରୁଥ ପ୍ରଭୁ ମଧ ସେହି ତାରକାମାନଙ୍କ ମଧ୍ୟରୁ ଜଣେ। ଆଜି ସାମନ୍ଥା ସାଉଥର ସବୁଠୁ ସଫଳ ଏବଂ ଲୋକପ୍ରିୟ ଅଭିନେତ୍ରୀମାନଙ୍କ ମଧ୍ୟରୁ ଅନ୍ୟତମ। କିନ୍ତୁ ଏକ ସମୟରେ ତାଙ୍କର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ଥିଲା। ତାମିଲ-ତେଲୁଗୁ ଏବଂ ଓଟିଟି ଜଗତରେ ନିଜ ପରିଚୟ ତିଆରି କରିଥିବା ସାମନ୍ଥା ଅତ୍ୟନ୍ତ ସାଧାରଣ ପରିବାରରୁ ଆସିଥିଲେ। ପ୍ରାରମ୍ଭିକ ପାଠ୍ୟକ୍ରମ ଦିନରେ ତାଙ୍କର ମାତାପିତାଙ୍କୁ ପଢ଼ା ଖର୍ଚ୍ଚ ଉଠାଇବାକୁ ବହୁତ କଷ୍ଟ କରିବାକୁ ପଡୁଥିଲା। ୧୯୮୭ ମସିହା ଏପ୍ରିଲ୍ ୨୮ ତାରିଖରେ କେରଳର ଆଲାପୁଝାରେ ଜନ୍ମଗ୍ରହଣ କରିଥିବା ସାମନ୍ଥାଙ୍କ ପ୍ରକୃତ ନାମ ଯଶୋଦା। ତାଙ୍କ ପିତା ତାମିଲ୍ ଏବଂ ମାତା ମାଲାୟାଳୀ ଥିଲେ। ସେ ତାଙ୍କ ପିଲାଦିନ ଚେନ୍ନାଇରେ ବିତାଇଥିଲେ ଏବଂ ସେ ମଧ ସେଠାରୁ ପାଠପଢ଼ା କରିଥିଲେ। ଦ୍ୱାଦଶ ପରେ ପରିବାରର ଆର୍ଥିକ ଅବସ୍ଥା ଏତେ ଦୁର୍ବଳ ହୋଇଗଲା ଯେ ତାଙ୍କ ପିତାମାତାଙ୍କ ପାଇଁ ତାଙ୍କର ପରବର୍ତ୍ତୀ ପାଠପଢ଼ା ଖର୍ଚ୍ଚ ବହନ କରିବା କଷ୍ଟକର ହୋଇଗଲା। ଏପରି ପରିସ୍ଥିତିରେ ସାମନ୍ଥା ମଡେଲିଂ ଆରମ୍ଭ କଲେ ଯାହା ଦ୍ୱାରା ସେ ନିଜର ଖର୍ଚ୍ଚ ବହନ କରିପାରିବେ । ତାଙ୍କ ମଡେଲିଂ ଦିନଗୁଡ଼ିକରେ, ଫଟୋଗ୍ରାଫର ଏବଂ ଚଳଚ୍ଚିତ୍ର ନିର୍ମାତା ରବି ବର୍ମନଙ୍କ ନଜର ସାମନ୍ଥାଙ୍କ ଉପରେ ପଡ଼ିଥିଲା ଏବଂ ସେ ତାଙ୍କ ଚଳଚ୍ଚିତ୍ର 'ଯେ ମାୟା ଚେସାଭେ' ପାଇଁ ସାମନ୍ଥାଙ୍କୁ ଚୟନ କରିଥିଲେ। ଏହି ସୁଯୋଗ ସାମନ୍ଥାଙ୍କ ପାଇଁ ଜୀବନ ପରିବର୍ତ୍ତନ କରିଦେଇଥିଲା । ଚଳଚ୍ଚିତ୍ରଟି ହିଟ୍ ହୋଇଥିଲା ଏବଂ ସେ ତାଙ୍କର ପ୍ରଥମ ଚଳଚ୍ଚିତ୍ରରେ ଦର୍ଶକଙ୍କ ହୃଦୟ ଜିତିଥିଲେ। ତାଙ୍କର ପ୍ରଥମ ଚଳଚ୍ଚିତ୍ରରେ ତାଙ୍କ ଅଭିନୟ ପାଇଁ ସେ ବହୁତ ପ୍ରଶଂସା ପାଇଥିଲେ। ସୂଚନା ଅନୁସାରେ, ତାଙ୍କର ସମ୍ପତ୍ତି ମୂଲ୍ୟ ୧୦୧ କୋଟି ଟଙ୍କା। ହାଇଦ୍ରାବାଦରେ ତାଙ୍କର ଦୁଇଟି ଘର ଅଛି। ଜୁବଲି ହିଲ୍ସ ଭିଲାରେ ଗୋଟିଏ ଏବଂ ଫାଇନାନ୍ସିଆଲ୍ ଡିଷ୍ଟ୍ରିକ୍ଟରେ ଜୟବେରୀ ଅରେଞ୍ଜ କାଉଣ୍ଟି ଡୁପ୍ଲେକ୍ସରେ ଘର ଅଛି। ମୁମ୍ବାଇରେ ତାଙ୍କର ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ମଧ ଅଛି, ଯାହାର ମୂଲ୍ୟ ପ୍ରାୟ ୧୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଏହା ବ୍ୟତୀତ ଅନେକ ଦାମୀ କାରର ମଧ ସେ ମାଲିକାଣୀ ।




ନିର୍ଦ୍ଦେଶକ ଐଶ୍ୱର୍ଯ୍ୟା ରଜନୀକାନ୍ତ ଏବଂ ଅଭିନେତା-ନିର୍ଦ୍ଦେଶକ ଧନୁଷ ପରସ୍ପରକୁ ଛାଡ଼ପତ୍ର ଦେଇସାରିଛନ୍ତି। ବିବାହର ୨୦ବର୍ଷ ପରେ ସେ ଛାଡ଼ପତ୍ର ପାଇଁ ଆବେଦନ କରିବା ପରେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ଏବେ ଛାଡ଼ପତ୍ର ପରେ ଧନୁଷଙ୍କୁ ତାଙ୍କର ନୂଆ ପ୍ରେମିକା ମିଳିଥିବା ଚର୍ଚ୍ଚା ହେଉଛି। ବିବାହ ବିଚ୍ଛେଦ ପରେ ଧନୁଷ ପୁଣି ଥରେ ପ୍ରେମ କରିବା ଆରମ୍ଭ କରିଥିବା ସାମ୍ନାକୁ ଆସିଛି। ଚର୍ଚ୍ଚା ହେଉଛି ଯେ, ଧନୁଷ ଅଭିନେତ୍ରୀ ମୃଣାଲ ଠାକୁରଙ୍କୁ ଡେଟ୍ କରୁଛନ୍ତି। ଦୁହିଁଙ୍କ ଏକ ଭିଡିଓ ଭାଇରାଲ ହେବା ପରେ ଏହି ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନା ମୁତାବକ, ମୃଣାଲ ଅଗଷ୍ଟ ୧ ତାରିଖରେ ଏକ ଜନ୍ମଦିନ ପାର୍ଟିର ଆୟୋଜନ କରିଥିଲେ। ଧନୁଷ ମଧ ଏହି ପାର୍ଟିରେ ଯୋଗ ଦେଇଥିଲେ। ଏହି ପାର୍ଟିରେ ଦୁହେଁ ପରସ୍ପରର ଅତି ନିକଟତର ହୋଇ କଥା ହେଉଥିବା ଭାଇରାଲ ଭିଡିଓରେ ଦେଖାଯାଇଛି। ଭିଡିଓରେ ଧନୁଷ, ମୃଣାଲଙ୍କ ହାତ ଧରି କଥା ହେଉଥିବାର ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ଏବେ ?ଦୁହେଁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବରୁ ଜୁଲାଇ ୨୦୨୫ରେ, ଧନୁଷ ଆନନ୍ଦ ଏଲ୍ ରାୟଙ୍କ ଫିଲ୍ମ 'ତେରେ ଇସ୍କ ମେଁ'ର ସୁଟିଂ ଶେଷ କରିଥିଲେ। ଏହି ଫିଲ୍ମର ରାପ୍-ଅପ୍ ପାର୍ଟିରେ ଅଭିନେତ୍ରୀ ତମନ୍ନା ଭାଟିଆ, ଭୂମି ପେଡନେକର, କନିକା ଢିଲୋନ୍ ଏବଂ ମୃଣାଲ ଠାକୁରଙ୍କୁ ଦେଖିବାକୁ ମିଳିଥିଲା।

# କଳା ସଂସ୍କୃତିକୁ ଭଲ ପାଉଥିବା ମଣିଷ ଅଭିରାମ ନାୟକ

ଓଡ଼ିଶାର କଳା ସଂସ୍କୃତିକୁ ଭଲ ପାଉଥିବା ଜଣେ ଭିନ୍ନ ମଣିଷ ହେଉଛନ୍ତି ଅଭିରାମ ନାୟକ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମ ପଞ୍ଚାୟତରେ ସେ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା କରୁଣାକର ନାୟକ ଓ ମାତା ସତୀ ନାୟକ। ତାଙ୍କର ପତ୍ନୀ କରିସ୍ମା ରାଉତ ଓ ପିଲା ମାନଙ୍କୁ ନେଇ ଦୁଃଖ ସୁଖର ସଂସାର ଆଗେଇ ଚାଲିଛି। ବି ଏ ପାସ୍ କରିବା ସହିତ ଶଙ୍ଖାରୋ ସେବା ସମବାୟ ସମିତିରେ ସେ ଚାକିରୀ କରିଛନ୍ତି। ସେ ପ୍ରଥମେ ଗାଁ ଡ୍ରାମାରେ ଅଭିନୟ ଆରମ୍ଭ କରିଥିଲେ। ଶିଶୁ କଳାକାରଠୁଁ ଆରମ୍ଭ କରି ନାୟକ ଭୂମିକା ପର୍ଯ୍ୟନ୍ତ ସବୁବେଳେ ସେ ଅଭିନୟ କ୍ଷେତ୍ରରେ ଦକ୍ଷତା ହାସଲ କରିଛନ୍ତି। ଶ୍ରେଷ୍ଠ ଅଭିନେତା ଭାବେ ସେ ପୁରସ୍କାର ମଧ ପାଇଛନ୍ତି। ବହୁ ନାଟକରେ ସେ ସଫଳତାର ସହିତ ଅଭିନୟ କରିଛନ୍ତି ଓ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଖୁବ୍ ଉନ୍ନତ ମାନର ଓଡିଆ ଚଳଚିତ୍ର ସେ ଦେଖିବା ସହିତ ଯାତ୍ରା ଜଗତର କିଛି ମନ ପସନ୍ଦର ନାଟକ ଦେଖନ୍ତି ଓ ଆଲୋଚନା କରିଥାନ୍ତି। ଶ୍ରୀ ଅଭିରାମ ନାୟକଙ୍କ କଳା ସଂସ୍କୃତି ଜୀବନର ଗୁରୁ ହେଉଛନ୍ତି ହରିହର ନାୟକ, ଚିତ୍ତ ରଞ୍ଜନ ପଲାଇ ଓ ସରୋଜ ମୁଦୁଲି। ଅଭିରାମଙ୍କ ମନ ପସନ୍ଦର ମଣିଷ ଓ ଆଦର୍ଶ ହେଉଛନ୍ତି ଇଞ୍ଜିନିୟର ଅକ୍ଷୟ କୁମାର ସାମଲ। ସୁଦର୍ଶନପୁର ଶିବ ପାର୍ବତୀ ଯୁବ ପରିଷଦର ସଦସ୍ୟ ଭାବେ ଅଭିରାମ ଅନେକ ଦାୟିତ୍ୱ ବୁଝିଥାନ୍ତି। ଅନେକ ନାଟକ, କବିତା, ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧ ପୁସ୍ତକ ସେ ପଢ଼ିଥାନ୍ତି। ଶ୍ରୀ ନାୟକ ଏକାଧାରରେ ଜଣେ ଅଭିନେତା, ନିର୍ଦ୍ଦେଶକ, ଖେଳାଳି, ସମାଜସେବୀ ଓ ଦକ୍ଷ ସଙ୍ଗଠକ। ଅନେକ ସମୟରେ ଶ୍ରୀ ନାୟକ ବୃକ୍ଷ ରୋପଣ କରି ପରିବେଶର ସୁରକ୍ଷା କରିଥାଆନ୍ତି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ପ୍ରକୃତି ପ୍ରେମୀ ବ୍ୟକ୍ତିତ୍ୱ ଭାବେ ରାଷ୍ଟ୍ରୀୟ ଚିନ୍ତାଧାରାରେ କାର୍ଯ୍ୟ କରି ଆଗେଇ ଚାଲିଛନ୍ତି। ଈଶ୍ୱରଙ୍କ କୃପାରୁ ଅଭିରାମଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଏହାହିଁ ଆମର କାମନା।



ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
(ମୋ) ୯୯୩୭୯୭୬୩୫୧

# ଛାତ୍ର ଛାତ୍ରୀମାନଙ୍କ ଚରିତ୍ର ଗଠନ ଉପରେ ଆଲୋଚନାଚକ୍ର

ବଲାଙ୍ଗିର, ୭/୦୮ (ନି.ପ୍ର): ଗତକାଲି ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର କଦମପଡା ବଲାଙ୍ଗୀର ଠାରେ ଭାଗବତ ମଧ୍ୟରେ ଛାତ୍ର ଛାତ୍ରୀ ମାନଙ୍କ ଚରିତ୍ର ଗଠନ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା । ଏହି ଆଲୋଚନାଚକ୍ର ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗୀର ଶାଖାର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି ଆଲୋଚନାଚକ୍ର ରେ ବକ୍ତବ୍ୟ ରଖିଥିଲେ ଡକ୍ଟର ଅଭୟ କୁମାର ନାୟକ ସଭାପତି ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡିଶା। ସେ ନାଇଜର ସଂସ୍ଥାର କୁଳ ସଚିବ ଥିଲେ । ସେ ଭାଗବତ ଉପରେ ଅନେକ ପୁସ୍ତକ ତଥା ଜଗନ୍ନାଥ ଙ୍କ ଉପରେ ଅନେକ ପୁସ୍ତକ ଲେଖିଛନ୍ତି । ଛାତ୍ର ମାନଙ୍କୁ ସେ ଅଧ୍ୟୟନ ଉପରେ ଗୁରୁତ୍ୱ ପ୍ରଦାନ କରି ବୈଜ୍ଞାନିକ ଭାବ ସୃଷ୍ଟି କରିବା ପ୍ରସଙ୍ଗ ଉପରେ ରାଷ୍ଟ୍ର ପତି ଅବଦୁଲ କାଲାମ ଙ୍କର ଜୀବନ ଉପରେ ସୁନ୍ଦର କଥା ମାନ ରଖିଲେ । ଡକ୍ଟର ରବିନ୍ଦ୍ର ନାରାୟଣ ମିଶ୍ର ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଜଗତସିଂହପୁର ଶାଖା ର ସଭାପତି । ସେ ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ । ଜଣେ ପଣ୍ଡିତ ଓ କର୍ମ କାଣ୍ଡ ବିଦ୍ । ସେ ବିଦ୍ୟା ଉପରେ ସଂସ୍କୃତ ଶ୍ଳୋକ କୁ ଆଧାର କରି ସୁନ୍ଦର ଭାଷାରେ ଚରିତ୍ର ଗଠନ ଉପରେ ଅତି ଉପାଦେୟ ଉପଦେଶ ମାନ କହିଥିଲେ ।ଛାତ୍ର ମାନଙ୍କ ଠାରେ ଆନନ୍ଦ ମୟ ଶିକ୍ଷାର ମାହୋଲ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମ ଶିଶୁମନ୍ଦିର ମମତା ଗୁରୁମା ପରିଚାଳନା କରିଥିଲେ । ଶିବ ଗୁରୁଜୀ ତଥା ତ୍ରିନାଥ ଗୁରୁଜୀ ମଞ୍ଚାସୀନ ଥିଲେ । ସଭାପତି ନିଜର ଅଭିଭାଷଣ ପ୍ରସଙ୍ଗରେ ଛାତ୍ର ମାନେ ଜଣେ ଜଣେ ବୈଜ୍ଞାନିକ ହେବାକୁ ପରାମର୍ଶ ଦେଇ ଶିଶୁମନ୍ଦିର ରେ ଅତୀତରେ ଦୁଇଜଣ ଛାତ୍ର ବୈଜ୍ଞାନିକ ହେବା କହିଥିଲେ । ମେଟ୍ରିକ ପରୀକ୍ଷାରେ ଯେପରି ଆହୁରି ୯୦% ରୁ ଅଧିକ ଆଣି ପାସ କରିବା କୁ ସେ ଉତ୍ସାହିତ କରିଥିଲେ । ଦୁଇ ଘଣ୍ଟିଆ ଏହି କାର୍ଯ୍ୟକ୍ରମ ରେ ଧନ୍ୟବାଦ ପ୍ରଦାନ କରିଥିଲେ ଗୁରୁଜୀ ଶିବ ସତପଥୀ ।ପ୍ରଧାନ ଗୁରୁଜୀ ସନାତନ ମିଶ୍ର କେନ୍ଦୁଝର ପ୍ରଶିକ୍ଷଣ ପାଇ ଯାଇଥିବା ହେତୁ ସହ ପ୍ରଧାନ ଆଚାର୍ଯ୍ୟ ଦିନର ମହତ୍ୱ ଉପରେ ସୂଚନା ଦେଇଥିଲେ । ବିଜୁଳୀ ର ଅଭାବ ସତ୍ତ୍ୱେ ସଭା ଅତି ଶୃଙ୍ଖଳିତ ଭାବରେ ସମାପ୍ତ ହୋଇଥିଲା । ଏବଂ ଠିକ ସମୟରେ ଛାତ୍ର ଛାତ୍ରୀ ଙ୍କର ଛୁଟି ହୋଇଥିଲା ।

# ଓଡ଼ିଆ ବିଭାଗରେ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଆଲୋଚନା ଚକ୍ରର ପ୍ରଥମ ଦିବସ ଅନୁଷ୍ଠିତ

କେନ୍ଦୁଝର, ୭/୦୮ (ନି.ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୁଲ୍ୟରେ " ଆଧୁନିକତା ପରିପ୍ରେକ୍ଷୀରେ ଭାଷା ଓ ସାହିତ୍ୟ " ବିଷୟବସ୍ତୁକୁ ଆଧାର କରି ଏକ ଦ୍ୱିଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ବିଭାଗର ଅଧ୍ୟାପିକା ଡ଼ ଶୁଭସ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହାପରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା । ଧରଣୀଧର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଡ. ସୁମନ୍ତ ନାୟକ ଆନ୍ତର୍ଜାତୀୟ ଆଲୋଚନା ଚକ୍ରର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ ଯେ ସମାଜରେ ଆଧୁନିକତାର ପ୍ରଭାବ ବିଷୟରେ ଆଲୋଚନା କରିବା ହେଉଛି ଏହି ଆଲୋଚନା ଚକ୍ରର ଉଦ୍ଦେଶ୍ୟ । ତ୍ରିଭୁବନ ବିଶ୍ୱବିଦ୍ୟାଳୟ, ନେପାଳର ପ୍ରଫେସର ଉତ୍ତମ ଭତରାଇ ଭାରତୀୟ ଭାଷା ପରିବାର ଏବଂ ଭାଷାର ଭୂମିକା ସମ୍ପର୍କର ତାଙ୍କର ମତ ଉପସ୍ଥାପନ କରିଥିଲେ । ତାଙ୍କପରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଘରଚ-୨୦୨୦ରେ କଥିତ ଭାଷାକୁ ଦିଆଯାଇଥିବା ଗୁରୁତ୍ୱ ସମ୍ପର୍କରେ କହିବା ସହିତ ମୂଲ୍ୟବୋଧ ଶିକ୍ଷା ଲାଭ କରିବାକୁ ହେଲେ ଯୁବପିଢ଼ିଙ୍କୁ ନିଜ ମାଟିକୁ ଭଲ ପାଇବାକୁ ପଡ଼ିବ ବୋଲି ଉପଦେଶ ଦେଇଥାଏ । ଲୋକଜୀବନ ବଂଚି ରହିଲେ ଭାଷା ବଂଚି ରହିଥାଏ ବୋଲି କହିଥିଲେ । ତାଙ୍କ ପରେ ଓଡ଼ିଆ ବିଶ୍ୱବିଦ୍ୟାଳୟ, ପୁରୀର କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ମତରେ ଆଧୁନିକତାର ପ୍ରଭାବ ଭାଷା ଉପରେ କିପରି ପଡୁଛି ସେ ସମ୍ପର୍କର ନିଜ ମତ ରଖିଥିଲେ । ଏହାସହିତ ଆଧୁନିକତାକୁ ପ୍ରଭାବିତ କରୁଥିବା ବିଭିନ୍ନ କାରଣ ସମ୍ପର୍କରେ ମତ ରଖିବା ସହ ଟେକ୍ନୋଲୋଜିର ଯୁଗରେ ଭାଷାର ଓ ସାହିତ୍ୟର ଘଟୁଥିବା ହ୍ରାସ ଫଳରେ ଭାଷାରେ ପରିବର୍ତ୍ତନ ଦେଖା ଦେଉଛି ଯାହା ଯୁବପିଢିଙ୍କ ପାଇଁ ବିପଦ ସ୍ୱରୂପ । ସେ ତାଙ୍କ ବକ୍ତବ୍ୟରେ ଭାଷା ସମ୍ପର୍କରେ ମତବ୍ୟକ୍ତ କରିଥିଲେ ଯେ ଭାଷା ଜୀବନ୍ତ ଏବଂ ଗତିଶୀଳ । ତାଙ୍କପରେ ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦର ଅଧକ୍ଷ ଡ. ପ୍ରଭୁପ୍ରସାଦ ଦାସ ଭାଷା ଓ ସାହିତ୍ୟ ସମ୍ପର୍କରେ ଅଭିମତ ରଖିଥିଲେ । ଏହା ପରେ ଆଲୋଚନା ଚକ୍ରରେ ସଭାପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ଭାଷା ଓ ସାହିତ୍ୟକୁ ଆଧୁନିକତାର ପ୍ରଭାବରେ ସଙ୍କୁଚିତ ହେବାରୁ ରକ୍ଷାକରିବା ପାଇଁ ସେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । । ତାଙ୍କ ପରେ ଧରଣୀଧର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ଼. ଅଜୟ କୁମାର ସାହୁ ଧନ୍ୟବାଦ ପ୍ରଦାନ କରି ଉଦ୍ଘାଟନୀ ସଭାକୁ ଶେଷ କରିଥିଲେ । ଏହାପରେ ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା । ଯେଉଁଥିରେ ପ୍ରଫେସର ନାରାୟଣ ସାହୁ ଭାଷା, ସାହିତ୍ୟ ଓ ସଂସ୍କୃତି ସବୁଥିରେ ଆଧୁନିକତାର ପ୍ରବେଶ କିପରି ଘଟୁଛି ସେ ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ । ତାଙ୍କପରେ ପ୍ରଫେସର ମହେଶ୍ୱର ପାଢ଼ୀ ତାଙ୍କ ଭାଷଣରେ ସାହିତ୍ୟର କାର୍ଯ୍ୟ ସମ୍ପର୍କରେ କହିବା ସହିତ ଏହା କିପରି ଜୀବନ ଓ ଜଗତ ସହିତ ଜଡିତ ରହି ପରବର୍ତ୍ତୀ ପିଢ଼ିଙ୍କ ପାଇଁ ସାଇତି ରଖିବା ସେ ସମ୍ପର୍କରେ ମତ ଦେଇଥିଲେ । ତା ସହ ବର୍ତ୍ତମାନର ବଜାରୀକରଣ ଯୁଗରେ ମନୁଷ୍ୟର କିପରି ମାନବୀୟ ମୂଲ୍ୟବୋଧ ହ୍ରାସ ଘଟୁଛି । ମାତ୍ର ସମାଜକୁ ବଂଚିବା ପାଇଁ ଉତର ପିଢ଼ିଙ୍କ ଭିତରେ ଏହି ଭାବପ୍ରବଣତା ରହିବା ଆବଶ୍ୟକ ବୋଲି ମତ ଉପସ୍ଥାପନ କରିଥିଲେ । ତାଙ୍କପରେ ରମାଦେବୀ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରଫେସର ଡ. ସଂଘମିତ୍ରା ଭଞ୍ଜ ନିଜ ଭାଷଣରେ କହିଥିଲେ ଯେ ଆଧୁନିକତା ହେଉଛି ମନ ଓ ଆତ୍ମାର ନବୀକରଣ । ଏହା ମୂଳ ଓ ଜଡ଼ିଭୂତ ଚେତନାକୁ ଛାଡ଼ିନଥାଏ । ଏହାପରେ ଧରଣୀଧର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଜ୍ୟୋତି କିଶୋର ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ । ଏହା ପରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା ।

## ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଜୟପୁର, ୭/୦୮ (ନି.ପ୍ର): ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ ଜୟପୁର ଠାରେ ଚଳିତ ବର୍ଷ ପ୍ରଥମ ବର୍ଷର ନାମ ଲେଖାଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର କର୍ମଚାରି ଏବଂ ଦ୍ୱିତିୟ ବର୍ଷର ଛାତ୍ର ଛାତ୍ରୀ ମାନେ ଉକ୍ତ କାଯ୍ୟକ୍ରମ ଆୟୋଜନ କରିଥିଲେ । ପ୍ରଥମ ବର୍ଷର ୧୮ ଜଣ ଛାତ୍ର ଛାତ୍ରୀ ନାମ ଲେଖାଇଥିଲେ । ସମସ୍ତେ ନିଜ ନିଜର ପରିଚୟ ଏବଂ କଳା ଶିକ୍ଷାର ମହତ୍ତ୍ୱ ଏବଂ ଉଦ୍ଦେଷ୍ୟ ବିଷୟରେ କହିଥିଲେ । ବିଦ୍ୟାଲ୍ୟୟର ଅଧକ୍ଷ ଯୁଧିଷ୍ଠିର ମଲ୍ଲିକଙ୍କ ଅଧକ୍ଷତାରେ ଉକ୍ତ କାଯ୍ୟକ୍ରମ ଆୟୋଜିତ ହୋଇଥିଲା । ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ବାଲିଚନ୍ଦ୍ରପୁର ଥାନା ହାଜତରେ ଯୁବକଙ୍କୁ ମାଡ ମାରିବା ଘଟଣା: ଯାଜପୁର ଆରକ୍ଷୀ ଅଧୀକ୍ଷକ ସତ୍ୟତା ପ୍ରକାଶ କରିବାକୁ ଦାବି

ଧର୍ମଶାଳା, ୭/୦୮ (ନି.ପ୍ର): ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଘଟଣାକୁ ନେଇ ଏବେ ସବୁଠି ଚର୍ଚ୍ଚା । ଏକ ଘରୋଇ କଳିକୁ ନେଇ ଥାନାରେ ଅଟକ ଥିବା ଜଣେ ଯୁବକ ହଠାତ୍ ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇ ଥିଲେ । ଥାନା ହାଜତରେ ଥାର୍ଡ ଡିଗ୍ରୀରେ ଭୟଭିତ ହୋଇ ଯୁବକ ଜଣକ ବିଷ ପିଇ ଦେଇଥିବା ନେଇ ପରିବାର ଲୋକେ କହିଛନ୍ତି । ଥାନା ପକ୍ଷରୁ ପରିବାରବର୍ଗଙ୍କୁ ନ ଜଣାଇ ତାଙ୍କୁ କଟକ ମେଡିକାଲରେ ଭର୍ତ୍ତି କରିଥିଲେ । ଏହି ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ପ୍ରକୃତ କାରଣ ଜଣାପଡିଥିଲା । ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଣକା ମହିପୁର ଗ୍ରାମର ରବିନ୍ଦ୍ର ମଲ୍ଲିକ ଦୁଇ ପରିବାର ମଧ୍ୟରେ ଝଗଡାକୁ ନେଇ ଥାନାରେ ଲିଖିତ ଅଭିଯୋଗ ପାଇଁ ଯାଇଥିଲେ । ହେଲେ ରବିନ୍ଦ୍ରଙ୍କ ନାମରେ ପୂର୍ବରୁ ଲିଖିତ ଅଭିଯୋଗ ହୋଇଥିବାରୁ ପୋଲିସ ରବିନ୍ଦ୍ରକୁ ଅଟକ ରଖି ଥିଲା । ସେ ଥାନାରେ ଗୁରୁତର ହୋଇ ପଡିବାରୁ ତାଙ୍କୁ କଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପୁଅକୁ ଭେଟ କରିବା ପାଇଁ ପରିବାର ଲୋକେ ଥାନାକୁ ଆସିଥିଲେ ସୁଦ୍ଧା ପୁଅକୁ ପୋଲିସ ଭେଟ କରାଇ ଦେଇ ନ ଥିଲା । ପୁଅ ଦେହ ଖରାପ ଅଛି, ତାକୁ କଟକ ମେଡିକାଲରେ ଭର୍ତ୍ତି କରାଯାଇଛି । ପରିବାର ଲୋକେ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପୁଅକୁ ଦେଖିବାକୁ ପାଇଲେ । ପୁଅକୁ ଥାନାରେ ନିସ୍ତୁକ ମାଡ ମରା ଯାଇଥିବା ବେଳେ ପୁଅ ବିଷ ପିଇ ଥିବା ସାଙ୍ଘାତିକ ଅଭିଯୋଗ ଆଣିଥିଲେ । ଥାନା ପରିସରରେ ବିଷ କେଉଁଠୁ ଆସିଲା ତାକୁ ନେଇ ଅନେକ ପ୍ରଶ୍ନ ସାମ୍ନାକୁ ଆସିଛି । ଯଦି ପୁଅ ଦେହ ଖରାପ ଥିଲା ପୋଲିସ କାହିଁକି ଆମ ପୁଅକୁ ଦେଖା କରାଇ ଦେଉ ନ ଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ସମସ୍ତ ଘଟଣାର ସିସି କ୍ୟାମେରାରେ କଏଦ ହୋଇଛି । ଯୁବକଙ୍କ ଦେହ ଖରାପ ହେବାରୁ ତାଙ୍କୁ ତୁରନ୍ତ କଟକ ମେଡିକାଲ ପଠା ଯାଇଥିଲା । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଅଛି । ଏହି ଘଟଣାରେ ତଦନ୍ତ ଚାଲିଛି । ମାଡ ମାରିବା ଓ ବିଷ ପିଇବା ଘଟଣାକୁ ଖଣ୍ଡନ କରିଛନ୍ତି ଥାନା ଅଧିକାରୀ ସମରଜିତ୍ ନାୟକ । ଅନ୍ୟପଟେ ଥାନାରେ ପୁଅ ପ୍ରତି ହୋଇଥିବା ଅତ୍ୟାଚାର ପାଇଁ ମାଆ ଭୂତି ମଲ୍ଲିକ ଓ ଆହତଙ୍କ ଭାଇ ଗୌତମ ନ୍ୟାୟ ଦାବି କରିଛନ୍ତି । ଜିଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି । ବାରମ୍ବାର ଘଟଣା ଘଟୁଥିଲେ ମଧ୍ୟ ପୋଲିସ ସେପରି କିଛି ପଦକ୍ଷେପ ନେଇ ପାରୁ ନାହିଁ ଯାହାକି ପ୍ରଶାସନ ଉପରେ ଜନସାଧାରଣଙ୍କ ଭରସା ତୁଟି ଯାଉଛି । ଏଭଳି ଘଟଣାକୁ ନେଇ ଆଜି ଯାଜପୁର ଜିଲାରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଯାଜପୁର ଆରକ୍ଷୀ ଅଧିକ୍ଷକ ଘଟଣାର ସତ୍ୟତା ଲୋକା ଲୋଚନକୁ ଆଣିବାକୁ ସାଧାରଣରେ ଦୃଢ ଦାବି ହେଉଛି ।

# ଛାତ୍ରୀ ଓ ମହିଳା ସୁରକ୍ଷା ଦାବି କଲା ବିଜୁ ଯୁବ ଛାତ୍ର ଜନତା ଦଳ

ଖୋର୍ଦ୍ଧା, ୭/୦୮ (ନି.ପ୍ର): ଗାଁ ରୁ ସହର ବେଳାଭୂମିରୁ କ୍ୟାମ୍ପସ ସବୁଠି ଛାତ୍ରୀ ମହିଳା ଅସୁରକ୍ଷିତ । ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି । କଲେଜ କ୍ୟାମ୍ପସରେ ଛାତ୍ରୀ ଆଜି ଅସୁରକ୍ଷିତ ମହିଳା ଘରୁ ଗୋଡ଼ କାଢ଼ିବାକୁ ଡରୁଛନ୍ତି । ସୌମ୍ୟାଶ୍ରି, ବଳଙ୍ଗା । ପୀଡ଼ିତା ଠାରୁ ଆରମ୍ଭକରି ପ୍ରତ୍ୟେକ ଦିନ ଘଟୁଥିବା ନାରୀ ନିର୍ଯ୍ୟାତନା ଘଟଣାର ନିଷ୍ପକ୍ଷ ଓ ତ୍ୱରିତ ତଦନ୍ତ କରିବା,ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ,ଦୋଷୀମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ଶିକ୍ଷା ସ୍ଥଳଗୁଡ଼ିକରେ ଛାତ୍ରୀମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବାକୁ ଦୃଢ଼ ପଦକ୍ଷେପ ନେବା, କ୍ରିୟାଶୀଳ ଓ ପ୍ରଭାବଶାଳୀ ମେକାନିଜମ୍ ଗଠନ କରିବା ପାଇଁ ଦାବି କରି ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପି ଯୁବ ଛାତ୍ର ପ୍ରତିବାଦ ଡାକରା ପରିପ୍ରେକ୍ଷୀରେ ରେ ଆଜି ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ନେତୃତ୍ୱରେ ବିଜୁ ଛାତ୍ର ଜନତା ଦଳର ଖୋର୍ଦ୍ଧା ଜିଲ୍ଲା ସଭାପତି ସ୍ୱାଧୀନ ପଣ୍ଡା, ବିଜୁ ଯୁବ ଜନତା ଦଳ ର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଅମିୟ କୁମାର ମହାନ୍ତି, ବିଜୁ ଛାତ୍ର ଜନତା ଦଳ ର ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ସାହୁ, ବିରଂଚି ଜେନାଙ୍କ ସଂଯୋଜନାରେ ଖୋର୍ଦ୍ଧା ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପ୍ରାଣନାଥ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ବହୁ ଛାତ୍ର ଛାତ୍ରୀ ମାନେ ଏକାଠି ହୋଇ ଏକ ଶାନ୍ତିପୂର୍ଣ୍ଣ ବାଇକୀ ଶୋଭା ଯାତ୍ରା ରେ ସରକାରଙ୍କ ବିରୋଧରେ ନାରାବାଜି କରି ସହର ପରିକ୍ରମା କରି ଏକ ସ୍ମାରକପତ୍ର ପୋଲିସ ମହା ନିର୍ଦ୍ଦେଶକ ଙ୍କ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ପୋଲିସ ଅଧିକ୍ଷକ ଙ୍କୁ ପ୍ରଦାନ କରିବା ସହ ଦାବିଗୁଡ଼ିକୁ ଗମ୍ଭୀରତାର ସହ ବିଚାର କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନାରୀ ସୁରକ୍ଷା ଓ ଶାସନ ଉପରେ ସାମୁଦାୟିକ ବିଶ୍ୱାସ ପୁନଃ ସ୍ଥାପନ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।

# ଭାଇ ଭଉଣୀର ପବିତ୍ର ସମ୍ପର୍କ ରାକ୍ଷୀ ଚଳଚଂଚଳ ରାକ୍ଷୀ ଦୋକାନ

ଜୟପୁର, ୭/୦୮ (ନି.ପ୍ର): ରାକ୍ଷୀ ପୂର୍ଣ୍ଣିମା ଓଡ଼ିଶାର ଏକା ଜନପ୍ରିୟ ହିନ୍ଦୁ ପର୍ବ । ଶ୍ରାବଣ ମାସ ପୂର୍ଣ୍ଣମୀକୁ ରାକ୍ଷୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ । ଭାଇ ଓ ଭଉଣୀଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ ପାଇଁ ରାଖୀ ଏକ ମାଧ୍ୟମ । ମହାଲକ୍ଷ୍ମୀ ଶ୍ରାବଣ ପୂର୍ଣ୍ଣମୀରେ ଭାଇ ହାତରେ ରାଖୀ ବାନ୍ଧିଥିବା ପୁରାଣରେ କଥିତ ଅଛି । ରାକ୍ଷୀ ପୂର୍ଣ୍ଣିମା ଦିନ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ଦିନ । ଜଗନ୍ନାଥ ମନ୍ଦିରରେ ଦେବୀ ସୁଭଦ୍ରା ମଧ ବଡଭାଇ ଶ୍ରୀବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହାତରେ ରାଖୀ ବାନ୍ଧିବେ । ଚଳିତମାସ ୯ ତାରିଖରେ ପବିତ୍ର ରାଖୀ ପୂର୍ଣ୍ଣିମା । ଏଥିପାଇଁ କୋରାପୁଟ ଜିଲାର ଜୟପୁର, ସେମିଳିଗୁଡା, କୋରାପୁଟ, ବୋରିଗୁମ୍ମା, ବୈପାରିଗୁଡା, କୋଟପାଡ, କୁନ୍ଦୁର, ଦାମାନଯୋଡିରେ ରାଖୀ ଷ୍ଟଲ ଚଳଚଂଚଳ ହୋଇପଡିଛି । ଭଉଣୀ ରାଖୀ କିଣି ଭାଇ ହାତରେ ବାନ୍ଧିବ । ରାକ୍ଷୀ କିଣିବା ପାଇଁ ଭଉଣୀ ମାନେ ରାକ୍ଷୀ ଷ୍ଟଲରେ ଭିଡ ଲାଗି ରହିଥିବା ଦେଖିବାକୁ ମିଳିଛି । ଛୋଟ ପିଲାଙ୍କ ପାଇଁ କିଡ୍ସ ରାକ୍ଷୀ ଚଳିତବର୍ଷ ଆକର୍ଷଣୀୟ ହୋଇଛି । ଚଳିତବର୍ଷ ଫେନସୀ ରାଖୀର ଡିଜାଇନ ସୁନ୍ଦର ହେବା ସହ ବିକ୍ରି ହେଉଛି । ଶ୍ରୀଜଗନ୍ନାଥଙ୍କ ରାଖୀ ବେଶ ଚାହିଦା ରହିଛି । ସାଧାସିଧା ରାକ୍ଷୀ ଭାବେ ତୁଳୀ ରାକ୍ଷୀ ବିକ୍ରି ହେଉଛି । ଷ୍ଟୋନ ଖଚିତ ବିଭିନ୍ନ ଡିଜାଇନର ରାକ୍ଷୀ ଷ୍ଟଲର ବିଦ୍ୟୁତ ଆଲୋକରେ ଝଲମଲ କରୁଛି । ରାମ ରାକ୍ଷୀ, ଭାଇ ରାଖୀ, ବ୍ରୋ ରାକ୍ଷୀ, ଭାଇ ଭଉଣୀ ଲେଖା ଥିବା ରାକ୍ଷୀ,ବଦର ସିଷ୍ଟର ଲେଖା ଥିବା ରାକ୍ଷୀ, ଲଙ୍ଗ ଲିଭ ମାଇଁ ବଦର ଲେଖା ଥିବା ରାକ୍ଷୀ, ବେଷ୍ଟ ଇଜ ମାଇଁ ବ୍ରଦର ଲେଖା ଥିବା ରାକ୍ଷୀ, ଗଣେଶ ରାକ୍ଷୀ, ରୁଦ୍ରାକ୍ଷ ରାକ୍ଷୀ, ତ୍ରିଶୁଳ ରାକ୍ଷୀ ଆଦି ୫ ଟଙ୍କାରୁ ଆରମ୍ଭ କରି ୨୦୦ ଟଙ୍କା ପର୍ଯ୍ୟନ୍ତ ରାକ୍ଷୀ ବିକ୍ରି ହେଉଥିବା ଲକ୍ଷ୍ୟ କରାଯାଇଛି ।

# ପେନସନ ଦାବି ନେଇ ୬୬୨ ବର୍ଗ କଲେଜ ସଂଘ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜିଲେ

ଖୋର୍ଦ୍ଧା, ୭/୦୮ (ନି.ପ୍ର): ୬୬୨ ବର୍ଗ କଲେଜ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ତରଫରୁ ପେନସନ ଦାବି ନେଇ ବୁଧବାର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଶତାଧିକ ଅଧ୍ୟାପକ, କର୍ମଚାରୀ ସ୍ଥାନୀୟ ଗୀତା ଭବନ ଠାରୁ ଏକ ଶୋଭାଯାତ୍ରା ବାହାରି । ଷ୍ଟେଟ ବ୍ୟାଙ୍କ ଛକ, ଭେଟନାରି ଛକ, ନୂଆ ବସଷ୍ଟାଣ୍ଡ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ସରକାରଙ୍କ ଶିକ୍ଷକ ଓ କର୍ମଚାରୀ ମାରଣ ନୀତିର ଦୃଢ଼ ପ୍ରତିବାଦ କରାଯାଇଥିଲା । ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀମାନେ ଦୀର୍ଘ ୩୦ ବର୍ଷ ରୁ ଉର୍ଦ୍ଧ କାଳ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟ କଲାପରେ ଅବସର ସମୟରେ ଖାଲି ହାତରେ ବିଦାୟ ନେଉଛନ୍ତି । ନା ଅଛି ଗ୍ରାଚ୍ୟୁଇଟି, ପେନସନ ନା କୌଣସି ଅବସରକାଳୀନ ସୁବିଧା । ଅବସର ପରେ ଶହ ଶହ କର୍ମଚାରୀ ଅତି ଦୟନୀୟ ଅବସ୍ଥାରେ ଜୀବନ କାଳାତିପାତ କରୁଛନ୍ତି । ସେମାନଙ୍କ ପାଇଁ କୌଣସି ଅବସରକାଳୀନ ସୁବିଧା ସରକାର ଏ ପର୍ଯ୍ୟନ୍ତ ଘୋଷଣା କଲେନାହିଁ । ଅନେକ ଦିନ ଧରି ଆନ୍ଦୋଳନ ପରେ ବିଗତ ସରକାର ଏକ ମୁଣ୍ଡାମୁଣ୍ଡି ପ୍ରାପ୍ୟ ଦଶ ଲକ୍ଷ ଟଙ୍କା ଦେବେ ବୋଲି ୨୦୨୪ ମସିହା ମାର୍ଚ୍ଚ ମାସରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ । ନୂଆ ସରକାର ଆସିବା ପରେ ସେମାନଙ୍କ ଠାରୁ ବହୁ ଆଶା ରଖିଥିଲେ ମଧ ନା ସେମାନେ ତାକୁ କାର୍ଯ୍ୟକାରୀ କଲେ ନା ପୁରୁଣା ପେନସନ କାର୍ଯ୍ୟକାରୀ କଲେ । ନୂତନ ସରକାରଙ୍କୁ ସମ୍ମାନ ଜଣାଇ ସଂଘ ଏକବର୍ଷ ହେଲା ଆନ୍ଦୋଳନକୁ ସ୍ଥଗିତ ରଖି ସରକାରଙ୍କ ସହ ଆଲୋଚନା ପାଇଁ ପ୍ରୟାସ କରିଥିଲା । ହେଲେ ସରକାର ଏ ପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ଆଲୋଚନା କଲେନାହିଁ । ଏହି ବର୍ଗର କଲେଜରୁ ଏତେ ସଂଖ୍ୟାରେ କର୍ମଚାରୀ ଅବସର ନେଉଛନ୍ତି ଯେ ଆଗାମୀ ୨୦୨୭ ମସିହା ସୁଦ୍ଧା ପ୍ରାୟ ୯୦ ଭାଗ କର୍ମଚାରୀ ଅବସର ନେଇଯିବେ । ସାରା ଓଡ଼ିଶାରେ ଏହି ବର୍ଗ କଲେଜରେ ପାଠ ପଢୁଥିବା ପ୍ରାୟ ୫ ଲକ୍ଷ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ କିପରି ପାଠ ପଢ଼ିବେ ଓ ଅନୁଷ୍ଠାନର ଭବିଷ୍ୟତ କଣ ହେବ ସେଥିପ୍ରତି ସରକାରଙ୍କ କୌଣସି ନିଘା ନାହିଁ । ଚାକିରୀ ସର୍ତ୍ତାବଳୀ ସହ ପେନସନ ଘୋଷଣା କଲେ ଏହି ପଦବୀ ଗୁଡିକ ସ୍ଥାୟୀ ହେବା ସହିତ ଛାତ୍ରଛାତ୍ରୀ ଓ ଅନୁଷ୍ଠାନ ମାନଙ୍କର ଭବିଷ୍ୟତ ରକ୍ଷା ହୋଇପାରନ୍ତା । ଏହି ସଂକ୍ରାନ୍ତୀୟ କେସ ବିଚାର କରି ଉଚ୍ଚ ନ୍ୟାୟାଳୟ ପେନସନ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ ସରକାର ଏହି ମାମଲାକୁ ଯୁଗ୍ମ ବେଞ୍ଚକୁ ନେଇ କାଳ କ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି । ଏହାର ପ୍ରତିବାଦରେ ଆଜି ଶତାଧିକ ଅଧ୍ୟାପକ, କର୍ମଚାରୀ ଏକ ବିଶାଳ ଶୋଭାଯାତ୍ରାରେ ଆସି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜରିଆରେ ସେମାନଙ୍କ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଜିଲ୍ଲା ସଭାପତି ଡ ତପନ କୁମାର ଜେନା, ରାଜ୍ୟ ସାଧାରଣ ସମ୍ପାଦକ ସତ୍ତାପ ଉଦିନ ଅହମଦ, ରାଜ୍ୟ କୋଷାଧ୍ୟକ୍ଷ ରଂଜନ ପ୍ରଧାନ, ଜିଲ୍ଲା ସମ୍ପାଦକ ଅକ୍ଷୟ କୁମାର ଶତପଥୀ, ସଂଗଠନ ସମ୍ପାଦକ ପ୍ରଶାନ୍ତ ଦାସ, ବିକାଶ ସ୍ୱାଇଁ, କଲ୍ୟାଣ ପଣ୍ଡା, ସୁଧୀର ପଟ୍ଟନାୟକ ପ୍ରମୁଖ । ଯଦି ସରକାର ଆଲୋଚନାକୁ ଡାକି ଏହାର ସୁବିଚାର ନ କରନ୍ତି ତେବେ ଆଗାମୀ ଅଗଷ୍ଟ ୧୬ ତାରିଖରେ ଭୁବନେଶ୍ୱର ଲୋୟର ପିଏମଜି ରେ ଏକ ମହାସମାବେଶ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

# ରାଜ୍ୟରେ ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରସଙ୍ଗରେ ବିଜୁ ଛାତ୍ର ଜନତା ଦଳ ଭଦ୍ରକ ନିର୍ବାଚନ ମଣ୍ଡଳୀର ହାଲ୍ଲାବୋଲ

ଭଦ୍ରକ, ୭/୦୮ (ନି.ପ୍ର): ବିଜୁ ଯୁବ ଓ ଛାତ୍ର ଜନତା ଦଳର ଘୋଷଣା ଆଧାରରେ ଅଗଷ୍ଟ ୧ ରୁ ୮ ପର୍ଯ୍ୟନ୍ତ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଓ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ଷଷ୍ଠ ଦିନରେ ରାଜ୍ୟର ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଏହାସହ ଗୋପାଳପୁର ବିଚ୍‌ରେ ଏକ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ପୁରୀ ଜିଲ୍ଲା ବଳଙ୍ଗାରେ ଏକ ନାବାଳିକାକୁ ଜିଅନ୍ତା ଜାଳିଦେବା ପାଇଁ ଉଦ୍ୟମ ଓ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ନାରୀ ବିରୋଧୀ ଘଟଣାର ପ୍ରତିବାଦରେ ବିଜେଡି ଛାତ୍ର ଓ ଯୁବ ପକ୍ଷରୁ ରଣହୁଙ୍କାର ଦିଆଯାଇଛି । ବିଜେପି ସରକାରରେ ଗତ ୧୩ ମାସ ମଧ୍ୟରେ ରାଜ୍ୟରେ ଘଟିଥିବା ପ୍ରମୁଖ ଛାତ୍ରୀ ଓ ମହିଳା ନିର୍ଯାତନା ଘଟଣାମାନ କେବଳ ନାରୀଙ୍କ ସୁରକ୍ଷା ଉପରେ ନୁହେଁ ବରଂ ଆଇନ ଓ ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି । ଏହି ଘଟଣାର ପ୍ରତିବାଦ କରି ଆଜି ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାଲିରେ ଯାଇ ଛାତ୍ରୀ ଓ ନାରୀମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦେବା ସହ ଓଡ଼ିଶାରେ ଅହେତୁକ ବୃଦ୍ଧି ପାଇଥିବା ଛାତ୍ରୀ ଓ ନାରୀଙ୍କ ଉପରେ ନିର୍ଯାତନା ଓ ଅପରାଧ ବିରୁଦ୍ଧରେ ତ୍ୱରିତ ଉପଯୁକ୍ତ ପୁଲିସ କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ର ନେତା ସୌମ୍ୟ ରଞ୍ଜନ ମହାପାତ୍ର (ସୁମନ)ଙ୍କ ନେତୃତ୍ୱରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରୁ ଛାତ୍ର ବିଜେଡିର ଶୋଭାଯାତ୍ରା ବାହାରି ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଅଫିସ ଆଗରେ ପ୍ରତିବାଦ କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ ଚରମ୍ପା ମହାବିଦ୍ୟାଳୟ ଏବଂ ଭଦ୍ରକ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବା ସହ ରାଜ୍ୟ ବିଜେପି ସରକାରଙ୍କୁ କଡା ସମାଲୋଚନା କରିଥିଲେ । ଏଥିରେ ସହଯୋଗ କରିଥିଲେ ଛାତ୍ର ନେତୃତ୍ୱ କାମେଶ ବାରିକ, ଶାନ୍ତନୁ ବିଶ୍ୱାଳ, ଯତୀନ ମିଶ୍ର, ଅଭିନାଶ ପୃଷ୍ଟୀ, ରଞ୍ଜନ ନାୟକ, ରାକେଶ ଜେନା, ରାକେଶ ରୋୟ, ସୁରଜ ସିଂହ, ସ୍ମୃତି ରଞ୍ଜନ ନାଥ, ମିଲନ ପୃଷ୍ଟି, ଦିବ୍ୟଜ୍ୟୋତି ନାୟକ, ଶୁଭ୍ରାଂଶୁ ବିଶ୍ୱାଳ, ରାଜେନ୍ଦ୍ର ନାୟକ, ସାହିଲ ଖାନ, ସୌମ୍ୟବ୍ରତ ସାହୁ, ଏସ ଭବାନୀ, ରାକେଶ ମଲ୍ଲିକ, ରୋହିତ ଚୌଧୁରୀ, କାହ୍ନୁ ଚରଣ ନାୟକ, ଲକ୍ଷ୍ମୀଧର ଦଳେଇ, ଗୌତମ ସାହୁ ।

# ପୁରୀରେ ହିରୋସିମା ଦିବସ ପାଳିତ

ପୁରୀ, ୭/୦୮ (ନି.ପ୍ର): ଷ୍ଟେସନ ରୋଡ ବୁଦ୍ଧ ମନ୍ଦିର ଠାରେ ଶାନ୍ତି ପାଇଁ ହିରୋସିମା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଫେସର ଡାକ୍ତର ସଦାନନ୍ଦ ମିଶ୍ରଙ୍କ ଫଟୋଚିତ୍ରରେ ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ପୁଷ୍ପ ପ୍ରଦାନ କରିଥିଲେ । ୧୯୪୫ ମସିହା ଅଗଷ୍ଟ ୬ ତାରିଖ ସକାଳ ୮ଟା ୧୩ ମିନିଟରେ ଜାପାନର ହିରୋସିମା ସହର ଉପରେ ଆମେରିକା ପରମାଣୁ ବୋମା ନିକ୍ଷେପ କରିଥିଲା । ସେହି ସମୟକୁ ମନେ ପକାଇ ପୃଥିବୀରେ ଶାନ୍ତି ପାଇଁ ଏହି ଦିବସ ପାଳନ କରାଯାଉଛି । ଏହାସହ ଗାଜା ଓ ୟୁକ୍ରେନରେ ମୃତ ବ୍ୟକ୍ତି ମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବିଶ୍ୱନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ପ୍ରଫେସର ଅଳକା ନନ୍ଦା ମିଶ୍ର ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପକରେ ମତବ୍ୟକ୍ତ କରିଥିଲେ । ୨୮ ବର୍ଷ ଧରି ପୁରୀରେ ପାଳିତ ହେଉଥିବା ଏହି ଦିବସ ସଂପର୍କରେ ସଂଗଠକ ଅନାମଚନ୍ଦ୍ର ସାହୁ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ ପୁରୀ ଏସପି ପିନାକ ମିଶ୍ର ଅଶାନ୍ତ ପରିବେଶ ପାଇଁ ଦୁଃଖ ପ୍ରକାଶ କରିବା ସହ ଏଭଳି ଶାନ୍ତି ସଭା ଆୟୋଜନ କରାଯାଉ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସଦାଶିବ ସଂସ୍କୃତ ସଂସ୍ଥାନ ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ ମହାପାତ୍ର ଭାରତ ବିଶ୍ୱ ଶାନ୍ତି ପାଇଁ ସବୁବେଳେ ପ୍ରୟାସ ଜାରି ରଖିଛି । ସମ୍ମାନିତ ଅତିଥି ଭାବେ ଇଂ ରାଜେଶ ମିଶ୍ର ,ପୂର୍ବତନ କୁଳପତି ଡକ୍ଟର ଅତୁଲ କୁମାର ନନ୍ଦ, ପୂର୍ବତନ ଅଧକ୍ଷ ପ୍ରଫେସର ସୌଭାଗ୍ୟ ସାହୁ ,ଇଣ୍ଡୋ ଜାପାନ ଫ୍ରେଣ୍ଡସିପ ସେଂଟରର ସଭାପତି ଶ୍ରୀମନ୍ତ ଦାସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଯକ୍ଷ୍ମା ରୋଗୀଙ୍କୁ ସହାୟତା ରାଶି ନମିଳିବା ନେଇ ଅସନ୍ତୋଷ

ଭଦ୍ରକ, ୭/୦୮ (ନି.ପ୍ର): ସରକାରଙ୍କ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ମାଧ୍ୟମରେ ଯକ୍ଷ୍ମା ରୋଗୀମାନଙ୍କୁ ସୁଷମ ଖାଦ୍ୟ ଖାଇବା ପାଇଁ ୧ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଉଛି । ଯକ୍ଷ୍ମା ରୋଗୀମାନେ ସାଧାରଣତଃ ଦୁର୍ବଳ ହୋଇଥିବାରୁ ସେମାନଙ୍କୁ ସୁଷମ ଖାଦ୍ୟ ପାଇଁ ସରକାର ଏହି ସହାୟତା ରାଶି ପ୍ରଦାନ କରୁଛନ୍ତି । ମାତ୍ର ଭଦ୍ରକ ଜିଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଯକ୍ଷ୍ମା ବିଭାଗ ଅଧୀନରେ ଥିବା ଯକ୍ଷ୍ମା ରୋଗୀମାନଙ୍କୁ ୪ମାସ ଧରି ସହାୟତା ରାଶି ମିଳିନାହିଁ । ଯେଉଁଥିପାଇଁ ରୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେମାନେ ସହାୟତା ରାଶି ପାଇବା ପାଇଁ ବାରମ୍ବାର ଡାକ୍ତରଖାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି । ବୁଧବାର ଓରଡ଼ା ଗ୍ରାମର ରାମଚନ୍ଦ୍ର ମଳିକ, ବୋଡ଼କ ଗ୍ରାମର ମାଳତୀ ସାମଲ, ସାନ ଓରାଳି ଗ୍ରାମର ଅମୂଲ୍ୟ ମଳିକ ପ୍ରମୁଖ ଯକ୍ଷ୍ମା ରୋଗୀ ଡାକ୍ତରଖାନାର ଯକ୍ଷ୍ମା ବିଭାଗକୁ ସହାୟତା ରାଶି ନପାଇବା ନେଇ ବୁଝିବାକୁ ଆସିଥିଲେ । କିଛି ରୋଗୀଙ୍କ ବ୍ୟାଙ୍କ ଜମା ଖାତାକୁ ୪ମାସ ହେବ ସହାୟତା ରାଶି ଯାଇନାହିଁ । ଯେଉଁଥିପାଇଁ ସେମାନେ ସୁଷମ ଖାଦ୍ୟ ଖାଇବାରୁ ବଂଚିତ ହୋଇଛନ୍ତି । ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ଯକ୍ଷ୍ମା ବିଭାଗ ଅଧୀନରେ ୬୫ଜଣ ଯକ୍ଷ୍ମା ରୋଗୀ ଚିକିତ୍ସାଧୀନ ଅଛନ୍ତି । ଯକ୍ଷ୍ମା ରୋଗୀମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ମାତ୍ର ରୋଗୀମାନେ ଔଷଧ ଖାଇବା ପରେ ସେମାନଙ୍କର ପାର୍ଶ୍ୱ ପ୍ରତିକ୍ରିୟା ନହେବା ପାଇଁ ସୁଷମ ଖାଦ୍ୟ ଖାଇବାକୁ ସରକାରଙ୍କ ଠାରୁ ସହାୟତା ରାଶି ଯୋଗାଇ ଦିଆଯାଉଛି । ଯେଉଁ ରୋଗୀମାନେ ସହାୟତା ରାଶି ପାଇ ପାରୁନାହାନ୍ତି ସେମାନେ ସୁଷମ ଖାଦ୍ୟ ଖାଇ ପାରୁନାହାନ୍ତି । ଯାହାଫଳରେ ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେଉଛି । ତୁରନ୍ତ ସେମାନଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରାଯାଇଛି । ତେବେ ସ୍ୱାସ୍ଥ୍ୟକେନ୍ଦ୍ର ଯକ୍ଷ୍ମା ନିରୀକ୍ଷକ ବୀରେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଭିନ୍ନ କାରଣ ପାଇଁ କିଛି ରୋଗୀ ସହାୟତା ରାଶି ପାଇ ପାରୁନାହାନ୍ତି । ସେମାନଙ୍କୁ ସହାୟତା ରାଶି ଯୋଗାଇ ଦିଆଯିବା ଦିଗରେ ପଦକ୍ଷେପ ନିଆଯାଉଛି ।

# ୭୯ତମ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ



ବଡ଼ସାହି, ୦୭/୮ (ନି.ପ୍ର): ଜାତୀୟ ଦିବସ ପାଳନ କମିଟି, ବଡ଼ସାହି ଆନୁକୁଲ୍ୟରେ ବଡ଼ସାହି ବ୍ଲକ୍ ସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବଡ଼ସାହି ବ୍ଲକର ବିଡିଓ ବନଜା ଦାସଙ୍କ ଆବାହକତ୍ୱରେ ତଥା ବଡ଼ସାହି ପଞ୍ଚାୟତ ସମିତିର ଭାଇସ୍ ଚେୟାରମେନ କାଞ୍ଚନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଅଛି। ଏହି ବୈଠକର ପ୍ରାରମ୍ଭରେ ଜାତୀୟ ଦିବସ ପାଳନ କମିଟି, ବଡ଼ସାହିର କାର୍ଯ୍ୟକାରୀ ସଭାପତି ରଣଜିତ୍ କୁମାର ଦାସ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଏବିଇଓ ଅଭିମନ୍ୟୁ ନାୟକ, ବଡ଼ସାହି ସରପଞ୍ଚ ବୁଧୁରାମ ସିଂ,ସମାଜସେବୀ ଅନନ୍ତ ପଶା,ବରିଷ୍ଠ ସଦସ୍ୟ ରାଜେନ୍ଦ୍ର କୁମାର ଜେନା, ମନୋରଞ୍ଜନ ବଳା, ସୁବୋଧ କୁମାର ଦଣ୍ଡପାଟ, ସୁବାସିନୀ ପତି, ରଣଜିତ୍ କୁମାର ପାତ୍ର, ଦେବରାଜ ନାୟକ, କୃପାସିନ୍ଧୁ ବେରା, ଲଳିତ ମହାନ୍ତି, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷିକା, କ୍ରୀଡ଼ା ଶିକ୍ଷକ,ବଡ଼ସାହି ଓ ସୁହାଗପୁର କ୍ଲଷ୍ଟରର ସି ଆର୍ ସି ସି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ହିସାବ ରକ୍ଷକ ସନ୍ତୋଷ କୁମାର ବିଶ୍ୱାଳ ଗତ ସାଧାରଣତନ୍ତ୍ର ଦିବସ ପାଳନର ଆୟବ୍ୟୟ ସମୀକ୍ଷା ସମ୍ପର୍କିତ ବିବରଣୀ ଉପସ୍ଥାପନ କରିଥିଲେ।ଏଥରର କାର୍ଯ୍ୟକ୍ରମରେ ବଡ଼ସାହି ବିଧାନ ସଭା ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ଅବ୍ୟବହିତ ପୂର୍ବରୁ ଆସନ୍ତା ତା:୧୧ରିଖ ଦିନ ବଡ଼ସାହି ପଞ୍ଚାୟତ ସମିତି ସଭାକକ୍ଷରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ସ୍ତରୀୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସହ ଶୈକ୍ଷିକ ବିଷୟ ଭିତ୍ତିକ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସ୍ୱାଧୀନତା ଦିବସ ପାଳନ ଅବସରରେ କୃତୀ ପ୍ରତିଯୋଗୀ ଓ ପ୍ରତିଯୋଗିନୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ସହ ପୁରସ୍କୃତ କରିବା ସଙ୍ଗେ ସଙ୍ଗେ ଗତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୧ମ,୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀ, ବିଦ୍ୟାର୍ଥିନୀ ମାନଙ୍କୁ ମଧ ମାନ ପତ୍ର ଓ କୃତିତ୍ୱର ସ୍ମାରକୀ ଫଳକ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯିବ। ବଡ଼ସାହି ଗ୍ରାମ ପଞ୍ଚାୟତର ସରପଞ୍ଚ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ଉଦ୍ଦିଷ୍ଟ ପଡ଼ିଆ ସଫେଇ ଦାୟିତ୍ୱ ବହନ କରିଥିଲେ। ସ୍ଥାନୀୟ ଫେବ୍ରିକେସନ ସଂସ୍ଥାର ସତ୍ତ୍ୱାଧିକାରୀ ରଣଜିତ୍ ବେହେରା ପ୍ରଭାତ ଫେରି ପାଇଁ ବିନା ମୂଲ୍ୟରେ ଗାଡ଼ି ଯୋଗାଇ ଦେବେ ବୋଲି ପ୍ରକାଶ କରିଥିଲେ । ସେହିପରି ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଡେସ୍କ ଥଣ୍ଡା ପାନୀୟ ଜଳ ଓ ଲେମ୍ବୁ ସରବତର ବିତରଣ ବ୍ୟବସ୍ଥା ପାଇଁ ସୂଚନା ପ୍ରଦାନ କରିଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ପଦାଧିକାରୀ ସାରଓ୍ୱାନା ହେମ୍ବ୍ରମ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକକୁ ସଂଯୋଜକ ଶଚୀନ୍ଦ୍ର କୁମାର ବିଶ୍ୱାଳ ସଞ୍ଚାଳନ କରିଥିଲେ ଓ ଶିକ୍ଷକ ଲଳିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଗୀତାବାଣୀ ପ୍ରଚାର ସଂଘର ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା




ବାରିପଦା , ୦୭/୮ (ନି.ପ୍ର): ମୟୂରଭଞ୍ଜର ଏକ ପ୍ରମୁଖ ଆଧ୍ୟାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଏମ.ପି.କେ. ବାଳିକା ଉଚ୍ଚ ବିଦ୍ୟାଳୟର ସଭାଗୃହରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରୀମଦ୍ ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା ସଂଘର ସ୍ଥାୟୀ ସଭାପତି ଡାକ୍ତର ପାର୍ଥ ସାରଥୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ଗୀତା ପାଠର ଉପଯୋଗିତା ତଥା ଆଜିର ପ୍ରତିଯୋଗିତାର ଉଦ୍ଦେଶ୍ୟ ସମ୍ପର୍କରେ ଏକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ବିଚାରକ ଭାବେ ସମାଜସେବିକା ପ୍ରୀତିସୁଧା ତ୍ରିପାଠୀ, ଡାକ୍ତର ପାର୍ଥ ସାରଥୀ ଜେନା ଓ ବିଶିଷ୍ଟ ସଂଗୀତ ଶିଳ୍ପୀ ସୁଶ୍ରୀ ଭାରତୀ ବେବର୍ତ୍ତା ଯୋଗ ଦେଇ ପ୍ରତିଯୋଗୀମାନଙ୍କର ପ୍ରତିଭାର ମୂଲ୍ୟାୟନ କରିଥିଲେ । ଏହି ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସୌମ୍ୟରଂଜନ ତାଳଧି ପ୍ରଥମ, ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ପ୍ରୀତିପ୍ରିୟଦର୍ଶନୀ ପୋଇ ଦ୍ୱିତୀୟସ୍ଥାନ ଅଧିକାର କରିଥିବା ବେଳେ ଶ୍ରୀମା ମହିଳା ମହାବିଦ୍ୟାଳୟର ଛାତ୍ରୀ ମୀନତି ମାର୍ଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ହାଇସ୍କୁଲ ସ୍ତରରେ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ, ଶିରିଶବଣୀର ଛାତ୍ରୀ ଅଞ୍ଜଳିକା ଦାଶ ଓ ପାର୍ବତୀ ସୋରେନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟସ୍ଥାନ ଅଧିକାର କରିଥିବା ବେଳେ ସାଇ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସଂଗୀତା ବେହେରା ଓ ମହାରାଣୀ ପ୍ରେମ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧାସୁମନ ଜେନା ଯୁଗ୍ମ ତୃତୀୟସ୍ଥାନ ଅଧିକାର କରି ପୁରସ୍କାର ପାଇବା ପାଇଁ ଯୋଗ୍ୟବିବେଚିତ ହୋଇଛନ୍ତି । ସଂଘ ତରଫରୁ ସମସ୍ତ ପ୍ରତିଯୋଗୀ ଓ ପ୍ରତିଯୋଗିନୀମାନଙ୍କୁ ସଭାପତି ଡାକ୍ତର ପାର୍ଥ ସାରଥୀ ଜେନା ଓ ମହାରାଣୀ ପ୍ରେମ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲଳିତ କୁମାର ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଭା ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଡକ୍ଟର ଶଶିଧର ବିଶ୍ୱାଳ ପରିଚାଳନା କରିବା ସହିତ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ଆଗାମୀ ଅଗଷ୍ଟ ୧୫ ତାରିଖ ଦିନ ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆୟୋଜିତ ହେବାକୁ ଥିବା ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ।

## କିସ୍ ଶିକ୍ଷାନୁଷ୍ଠାନରେ ସଂସ୍କୃତ ସପ୍ତାହ ପାଳିତ

ବାରିପଦା, ୦୭/୮ (ନି.ପ୍ର): କିସ୍ ବାରିପଦାରେ ଦେବଭାଷା ସଂସ୍କୃତ ସପ୍ତାହ ଅତି ଆନନ୍ଦ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗଣେଶ ମିଶ୍ର ପ୍ରଭୁ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅତିଥି ଓ ଛାତ୍ରୀ ମାନେ ନିଜ ବକ୍ତବ୍ୟରେ ସଂସ୍କୃତ ଭାଷାର ସମଗ୍ର ବିଶ୍ୱକୁ ଅବଦାନ ଓ ଉକ୍ତ ପ୍ରାଚୀନ ଭାଷାର ସୁରକ୍ଷା ଓ ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଉନ୍ନୟନ ଅଧିକାରୀ ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀ ମାନେ ଅତି ସୁନ୍ଦର ଭାବରେ ସଂସ୍କୃତ ଭାଷାରେ ନିଜର ବକ୍ତବ୍ୟ ରଖିବା ସହ ଗୀତାର ବିଭିନ୍ନ ଶ୍ଳୋକ ପାଠ କରିଥିଲେ। ସଂସ୍କୃତ ଶିକ୍ଷକ ଚକ୍ରଧର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଜୟନ୍ତୀ ଧାଉଁରିଆ ସମେତ ସମସ୍ତ କର୍ମଚାରୀ ଉପସ୍ଥିତି ରହିଥିଲେ।

## ଚୋରା ବାଲିବୋଝେଇ ଟ୍ରାକ୍ଟର ଜବତ

ବେତନଟୀ, ୦୭/୮ (ନି.ପ୍ର): ବେତନଟୀ ପୁଲିସ ପକ୍ଷରୁ ଚୋରା ବାଲିବୋଝେଇ ଟ୍ରାକ୍ଟର ଜବତ କରିବା ସହିତ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ସୂଚନା ମୁତାକ ବେତନଟୀ ଅଭିମୁକେ ଚୋରା ବାଲିବୋଝେଇ ଟ୍ରାକ୍ଟର ଆସୁଥିବାର ଖବରପାଇ ବେତନଟୀ ପୁଲିସ ମହୁଲିଆ ଛକରେ ଚଢାଉ କରି ଓଡି-୧୧ ଏବି-୪୦୮୧ ନମ୍ବର ବିଶିଷ୍ଟ ବାଲି ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିଥିଲେ । ଏନେଇ ୨୬୦ ନମ୍ବରରେ ମାମଲା ରୁଜୁକରି ଅଧିକ ତଦନ୍ତ ଆରମ୍ଭ କରିଛି ବେତନଟୀ ପୁଲିସ ।

# ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା



ବାସୁଦେବପୁର, ୦୭/୮ (ନି.ପ୍ର): ବାସୁଦେବପୁର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ବାସୁଦେବପୁର ସହରରେ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପାଇଁ ଛାତ୍ରୀ ଓ ମହିଳା ଅସୁରକ୍ଷିତ। ପ୍ରତ୍ୟେକ ଦିନ ରାଜ୍ୟରେ ମହିଳା ଙ୍କ ପ୍ରତି ଅତ୍ୟାଚାର ଓ ନିର୍ଯାତନା ବୃଦ୍ଧି ପାଉଛି। ଏହି ପ୍ରତିବାଦରେ ଆଜି ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବାସୁଦେବପୁର ସହର ପରିକ୍ରମା କରିଥିଲା। ଏଥିରେ ଅଟଳ ବିହାରୀ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ। ଏହି ଶାନ୍ତିପୂର୍ଣ୍ଣ ପ୍ରତିବାଦ ଶୋଭାଯାତ୍ରାରେ ଛାତ୍ର ଛାତ୍ରୀ ମାନେ ସ୍ଲୋଗାନ ଦେଇଥିଲେ ମୋହନ ସରକାର ଡାଉନ୍ ଡାଉନ୍। ଏହି ଅବସରରେ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକଙ୍କୁ ରାଜ୍ୟ ପୋଲିସ୍ ଡି ଜି ଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରା ଯାଇଥିଲା। ଏହି ପ୍ରତିବାଦ ଶୋଭାଯାତ୍ରାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବ୍ଲକ୍ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ଦେବ ଦର୍ଶନ ଦାଶ, ଉତ୍ତମ ବାରିକ, ମାନସ ସାହୁ,ରତିକାନ୍ତ ବାରିକ୍, ଅଶୋକ ନାୟକ, ଚନ୍ଦନ, ଛାତ୍ର ସଭାପତି କାଳନ୍ଦୀ ସାହୁ, ଗୌର କୃଷ୍ଣ ମହାକୁଡ଼, ସୁଶାନ୍ତ ସେଠି ପ୍ରମୁଖ ଯୋଗ ଦେଇଥିଲେ ।

## ଜଳେଶ୍ୱର ପୌରପାଳିକା ଦୁଇ କିନ୍ନରଙ୍କୁ ମିଳିଲା ନୂତନ ଭତ୍ତା

ଜଳେଶ୍ୱର , ୦୭/୮ (ନି.ପ୍ର): ଜଳେଶ୍ୱର ପୌରପାଳିକା ଅନ୍ତର୍ଗତ ଦୁଇ କିନ୍ନରଙ୍କୁ ଜଳେଶ୍ୱର ସାମାଜିକ ସୁରକ୍ଷା ପକ୍ଷରୁ ଜଳେଶ୍ୱର ପୌରପାଳିକାର ଦୁଇ କିନ୍ନର, ନୀଳାଚଳ ମହାରଣା(୨୫) ଓ ଗରାଳୀ ବୈନାଥ ଡୋରା(୩୧) କୁ ଜଳେଶ୍ୱର ପୌରପାଳିକା ତରଫରୁ ସାମାଜିକ କଲ୍ୟାଣରୁ ନୂତନ ଭତ୍ତା ପ୍ରଦାନ କରାଗଲା. ଏହି ଭତ୍ତାକୁ ଜଳେଶ୍ୱର ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ପ୍ରଦାନ କରିଥିଲେ।

# ବାଲିଆପାଳ ବ୍ଲକରେ ୫ଶହରୁ ଉର୍ଦ୍ଧ୍ୱ ପରିବାରକୁ ରିଲିଫ ସହାୟତା ପ୍ରଦାନ




ବାଲିଆପାଳ , ୦୭/୮ (ନି.ପ୍ର): ବାଲିଆପାଳ ବ୍ଲକରେ ଚଳିତ ବର୍ଷ ସୁବର୍ଣ୍ଣ ରେଖା ବନ୍ୟାରେ ପ୍ରଭାବିତ ହୋଇଥିବା ଲୋକମାନଙ୍କ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି। ସେହିପରି ବ୍ଲକର ପ୍ରଭାବିତ ପାଞ୍ଚଟି ପଞ୍ଚାୟତର ଲୋକମାନଙ୍କୁ ବାଲିଆପାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆର୍ମ, ଖ୍ରୀଷ୍ଟିଆନଏଡର ତଥା ସି.ୱାଇ.ଏସ.ଡି ଭୁବନେଶ୍ୱରର ମିଳିତ ଉଦ୍ୟମରେ ପାଞ୍ଚଟି ପଞ୍ଚାୟତରେ ଅଧିକ ପ୍ରଭାବିତ ହୋଇଥିବା ପାଞ୍ଚ ଶହରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଗୁରୁବାର ପୂର୍ବାହ୍ନରେ ଆର୍ମ ସ୍ୱେଚ୍ଛାସେବୀ ସଂଗଠନ ପରିସର ମଧ୍ୟରେ ରିଲିଫ ଯୋଗାଇ ଦିଆଯାଇଛି। ପାଞ୍ଚ ଶହ ପରିବାର ମଧ୍ୟରୁ ତିନି ଶହ ପରିବାରକୁ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଚାରି ହଜାର ଲେଖାଏଁ ଟଙ୍କା ସହାୟତା ଆକାରରେ ଦିଆଯାଇଛି। ସେହିପରି ଅନ୍ୟ ଦୁଇ ଶହ ପରିବାରଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ପ୍ୟାକେଟ ଯୋଗାଇ ଦିଆଯାଉଛି। ବାଲିଆପାଳ ବ୍ଲକରେ ଅଧିକ ରିଲିଫର ଆବଶ୍ୟକତା ରହିଥିବାରୁ ରିଲିଫରୁ ବଞ୍ଚିତ ଥିବା ଲୋକମାନଙ୍କୁ ରିଲିଫ ଯୋଗାଇଦେବା ପାଇଁ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଂଗଠନକୁ ସାମାଜିକ କର୍ମୀ ପ୍ରତାପ କୁମାର ପାତ୍ର ଅନୁରୋଧ କରିଛନ୍ତି। ଆଜିର ଏହି ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ଆର୍ମ ସଂଗଠନର ଉଦ୍ୟକ୍ତା ରାଜେନ୍ଦ୍ର ରଣା, ସଂସ୍ଥାର ପୋଗ୍ରାମ ଅଫିସର ଶୁଭମ୍ ନାୟକ, ଅସ୍ତି ସରପଞ୍ଚଙ୍କ ସ୍ୱାମୀ ହରେକୃଷ୍ଣ ଜେନା, ସୌମ୍ୟ ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଥମିକ ଶିକ୍ଷକସଂଘ ପକ୍ଷରୁ ବୃକ୍ଷରୋପଣ

ବେତନଟୀ, ୦୭/୮ (ନି.ପ୍ର): ପ୍ରାଥମିକ ଶିକ୍ଷକସଂଘ ପକ୍ଷରୁ ବେତନଟୀ ମୁଖ୍ୟବଜାର ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଉତ୍ସାହିତ କଲେ ବେତନଟୀ ବ୍ଲକ ଶିକ୍ଷାଅଧିକାରୀ ବିପ୍ଳବ କର ଶିକ୍ଷକନେତା ଶରତ କୁମାର ମହାନ୍ତଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଇଓ ଶ୍ରୀଯୁକ୍ତକରଙ୍କ ସମେତ ବେତନଟୀ ଏମପିସି ହାଇସ୍କୁଲର ପ୍ରଧାନଶିକ୍ଷକ ଅର୍ଜୁନ ସିଂ, ପ୍ରାକ୍ତନ ଏବିଇଓ ରମାକାନ୍ତ ମହାନ୍ତ, ଓଷ୍ଟ ଶିକ୍ଷକସଂଘ ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ ଏବଂ ସ୍ଥାନୀୟ ବ୍ୟକ୍ତିବିଶେଷ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ବେତନଟୀ ମୁଖ୍ୟବଜାର ରାସ୍ତାର ଉଭୟ ପାର୍ଶ୍ୱରେ ରୋପଣ କରାଯାଇଥିବା ଚାରାଗଛ ଗୁଡିକର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଗଛଲଗା କାର୍ଯ୍ୟକ୍ରମରେ ଯୋଗଦେଇଥ?ବା ସ୍ଥାନୀୟ ବ୍ୟକ୍ତିବିଶେଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ ପରିଚାଳନାରେ ଦେବାଶିଷ ସାହୁ, କଳାକାର ମହାନ୍ତ, କାକନବାଳା କର, ତପନ ଜେନା, ଅଚ୍ୟୁତାନନ୍ଦ ଦାଶ ପ୍ରମୁଖ ଶିକ୍ଷକ/ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମୋଦିଙ୍କ...

ବାଣିଜ୍ୟ ଚୁକ୍ତି କରାଇବା ପାଇଁ ଚାପ ସୃଷ୍ଟି କରାଯାଉଛି । ସେ ଚାହୁଁଛନ୍ତି ଯେ ଭାରତ ଆମେରିକାର ହିତ ଆଗରେ ଆତ୍ମସମର୍ପଣ କରୁ। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାର୍ତ୍ତା ଅତି ସ୍ପଷ୍ଟ । ଭାରତ ଆତ୍ମସମର୍ପଣ କରିବ ନାହିଁ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ତାଙ୍କ ପାଇଁ କୃଷକଙ୍କ ହିତ ସର୍ବୋଚ୍ଚ ପ୍ରାଥମିକତା। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ନିଜ କୃଷକଙ୍କ ହିତ ବିରୁଦ୍ଧରେ କେବେ ହେଲେ ସାଲିସ୍ କରିବ ନାହିଁ। ଦେଶର କୃଷକ, ମତ୍ସ୍ୟଜୀବୀ ଓ ପଶୁପାଳକଙ୍କ ହିତ ପାଇଁ ଭାରତ ପ୍ରସ୍ତୁତ ଅଛି। ଆମେରିକା ଚାହୁଁଛି ଯେ ଭାରତ ନିଜ ବଜାରକୁ ଆମେରିକୀୟ କୃଷି ଓ ଡେୟାରୀ ଉତ୍ପାଦ ପାଇଁ ସମ୍ପୂର୍ଣ୍ଣ ଭାବେ ଖୋଲି ଦେଉ। କିନ୍ତୁ ଯେଉଁ ଦେଶର ୭୦ ପ୍ରତିଶତ ଜନସଂଖ୍ୟା କୃଷି ଉପରେ ନିର୍ଭରଶୀଳ, ଯେଉଁଠି କୃଷକଙ୍କ ଜମି ଆମେରିକୀୟ କୃଷକଙ୍କ ତୁଳନାରେ ବହୁତ ଛୋଟ, ସେଠାରେ ବଜାର ଖୋଲିବା ଅର୍ଥ ନିଜ କୃଷକଙ୍କୁ ଅସହାୟ ଭାବେ ଛାଡ଼ିବା ସମାନ। ପ୍ରଧାନମନ୍ତ୍ରୀ ମୋଦି ସ୍ପଷ୍ଟ କରିଦେଇଛନ୍ତି ଯେ ଭାରତ ସରକାର ଏଥିପାଇଁ କେବେ ହେଲେ ରାଜି ହେବ ନାହିଁ। କୃଷକ ଭାରତର ମୂଳଦୁଆ । ସେମାନଙ୍କ ସ୍ୱାର୍ଥକୁ ବଳିପକାଇ କୌଣସି ସୁପର ପାୱାରର ବନ୍ଧୁତା ଦରକାର ନାହିଁ। ପ୍ରଧାନମନ୍ତ୍ରୀ ମୋଦି ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ଯେ ଦେଶ ପ୍ରଥମେ ଏବଂ ଦେଶର ହିତ ପ୍ରଥମେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମୁଁ ଜାଣେ ମୋତେ ବ୍ୟକ୍ତିଗତ ଭାବେ ବହୁତ ବଡ଼ ମୂଲ୍ୟ ଦେବାକୁ ପଡ଼ିବ, ମୁଁ ଏଥିପାଇଁ ପ୍ରସ୍ତୁତ ଅଛି, ଭାରତ ଏଥିପାଇଁ ପ୍ରସ୍ତୁତ ଅଛି। କିନ୍ତୁ ଆମେରିକାର ଯୁକ୍ତି ଅଯୌକ୍ତିକ ବୋଲି ସେ କହିଛନ୍ତି ।

### ଋଷ୍ ରାଷ୍ଟ୍ରପତି ଭାରତ...

ସହଯୋଗ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଆଶା କରାଯାଉଛି । ୟୁକ୍ରେନ ସଙ୍କଟ ଉପରେ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି, ଯେଉଁଥିରେ ଭାରତ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସମାଧାନ ପାଇଁ ନିଜର ପକ୍ଷ ରଖିପାରେ । ଟ୍ରମ୍ପ ଋଷ୍ ଠାରୁ ଭାରତର ତେଲ କ୍ରୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଏବଂ ଭାରତୀୟ ଆମଦାନୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇଛନ୍ତି । ଏହା ସତ୍ତ୍ୱେ ଭାରତ ଋଷ ସହିତ ନିଜର ବାଣିଜ୍ୟିକ ସମ୍ପର୍କ ଜାରି ରଖିଛି ଏବଂ ଆମେରିକାର ଏହି ପଦକ୍ଷେପକୁ 'ଅନ୍ୟାୟପୂର୍ଣ୍ଣ' ବୋଲି କହିଛି । ଚଭାରତ ନିଜର ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବ ବୋଲି ସ୍ପଷ୍ଟ କରିଛି । ଭାରତର ଏହି ଦୃଢ଼ ମନୋଭାବକୁ ଋଷ ସମର୍ଥନ କରିଛି ଏବଂ ଆମେରିକାର ଚାପକୁ ବେଆଇନ ବୋଲି କହିଛି ।

### ଏଫ୍ ଏମ୍ କଲେଜ...

ହୋଇ ଘରକୁ ଫେରିଥିଲେ। କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ କରି ଦୁଇ ଛାତ୍ରଙ୍କ ବିରୋଧରେ ପ୍ରମାଣ ପାଇଥିବା କୁହାଯାଉଛି। ଗିରଫ ପରେ ଉଭୟଙ୍କୁ ଏସଡିଜେଏମ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ୧୫ ଦିନ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ପୂର୍ବରୁ ମାମଲାରେ କଲେଜର ବିଭାଗୀୟ ମୁଖ୍ୟ ସମୀର ସାହୁ, କଲେଜ ଅଧକ୍ଷ ଦିଲ୍ଲୀପ ଘୋଷ ଗିରଫ ହୋଇଥିଲେ। ଗତମାସ ୧୨ ତାରିଖରେ କଲେଜ ପରିସରରେ ଛାତ୍ରୀ ଜଣକ ପେଟ୍ରୋଲ ଢାଳି ଆତ୍ମାହୂତି ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମସରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ତମ୍ବିତୋଫାନ ହୋଇଥିବା ବେଳେ କଂଗ୍ରେସ , ବିଜେଡି ରାଜରାସ୍ତାକୁ ଓହ୍ଲାଇଥିଲେ।

### ଥମୁନି ବଲଙ୍ଗା ...

ଏଫଏମ ଘଟଣା ସମ୍ବେଦନଶୀଳ ମାମଲା ହୋଇଥିବାରୁ ଏଥିପାଇଁ ସମୟ ଲାଗିବ । ତଥ୍ୟ ସଂଗ୍ରହ କରି ସତ୍ୟର ସନ୍ଧାନ କରୁଛି କ୍ରାଇମବ୍ରାଂଚ । ତେବେ ଅନେକ ତଥ୍ୟ ମିଳିଛି, କିନ୍ତୁ ତଦନ୍ତ ଚାଲିଥିବାରୁ କିଛି କହିବାକୁ ମନା କରିଛନ୍ତି ଏସପି । ଏଫଏମ କି ବଲଙ୍ଗା ଘଟଣା ନୁହେଁ ପୂର୍ବରୁ ମମିତା, ବେବିନା ଠାରୁ ଆରମ୍ଭ କରି ଅନେକ ଝିଅଙ୍କ ଜୀବନ ଯାଇଛି। କିନ୍ତୁ ଆମ ବ୍ୟବସ୍ଥାର ତ୍ରୁଟି ଯୋଗୁଁ ସତ ପଦାକୁ ଆସୁନି । ରାଜନୈତିକ ଦଳ ମାନେ କେବଳ ବିକ୍ଷୋଭ ଓ ଆନ୍ଦୋଳନରେ ସୀମିତ ରହୁଛନ୍ତି । ପ୍ରଶ୍ନ ଉଠୁଛି, ବଲଙ୍ଗା ଓ ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ସତର ପର୍ଦ୍ଦାଫାସ ହେବ କେବେ ।

### ନିର୍ବାଚନ କମିସନଙ୍କୁ ପୁଣି ...

ହେଲା ବୋଲି ରାହୁଲ କହିଛନ୍ତି । ଭୋଟରଙ୍କ ବାପାଙ୍କ ନାଁ ମନଇଚ୍ଛା ଲେଖାଯାଇଛି । ଘରର ଠିକଣା ନାହିଁ । ୧୧ହଜାର ଭୋଟର ତିନି ଥର ଭୋଟ୍ ଦେଇଛନ୍ତି । ନକଲି ଭୋଟର, ଅବୈଧ ଠିକଣା, ଗୋଟିଏ ଠିକଣାରେ ବଲ୍କ ଭୋଟର, ଅବୈଧ ଫଟୋ, ଫର୍ମ ନମ୍ବର ୬ର ଦୁରୁପଯୋଗ କରି ଭୋଟର ତାଲିକା କରାଯାଇଥିବା ରାହୁଲ ଅଭିଯୋଗ କରିଛନ୍ତି । ବିଜେପି ସହ ମିଶି ନିର୍ବାଚନ କମିସନ ଏପରି କରିଥିବା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି । ବିହାର ଭୋଟର ତାଲିକା ସଂଶୋଧନ ନେଇ ତମ୍ବିତୋଫାନ ବେଳେ ରାହୁଲ ପୁଣି ମହାରାଷ୍ଟ୍ର ଓ କର୍ଣ୍ଣାଟକ ପ୍ରସଙ୍ଗ ଉଠାଇଛନ୍ତି । ତେବେ ଏନେଇ ସତ୍ୟପାଠ ସହ ଘୋଷଣାନାମା, ଅଯୋଗ୍ୟ ଭୋଟରଙ୍କ ନାଁ ଓ ବିସ୍ତୃତ ବିବରଣୀ ଦେବାକୁ କର୍ଣ୍ଣାଟକ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଜରିଆରେ ନିର୍ବାଚନ କମିସନ ରାହୁଲଙ୍କୁ କହିଛନ୍ତି ।

### ସପ୍ତାହରେ ଥରେ ହ୍ୟାଣ୍ଡଲୁମ...

ବୁଣାକାରମାନଙ୍କର ଉଦେଶ୍ୟରେ ୨୦୧୫ ରୁ ପ୍ରଧାନମନ୍ତ୍ରୀ ଜାତୀୟ ହସ୍ତତନ୍ତ ଦିବସର ଆରମ୍ଭ କରିଥିଲେ। ୨୦୧୫-୨୦୨୫ ମଧ୍ୟରେ ସମଗ୍ର ଦେଶରେ ୧ ଲକ୍ଷ୍ୟ ୫୦ କୋଟିର ଖଦି ଏବଂ ହସ୍ତତନ୍ତ ସାମଗ୍ରୀରା ବିକ୍ରି ହୋଇଛି । ବିକ୍ରିରେ ୩୧୫ ପ୍ରତିଶତ ବୃଦ୍ଧି ଏବଂ ଉତ୍ପାଦନରେ ୪୦୦ ପ୍ରତିଶତ ବୃଦ୍ଧି ହୋଇଛି । ନିଯୁକ୍ତି କ୍ଷେତ୍ରରେ ସମଗ୍ର ଦେଶରେ କେବଳ ଖଦି ଏବଂ ହସ୍ତତନ୍ତ କ୍ଷେତ୍ରରେ ୮୧ ପ୍ରତିଶତ ବୃଦ୍ଧି ହୋଇଛି । ହସ୍ତତନ୍ତ ହେଉଛି ଆମର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ। ଓଡ଼ିଶାର ୩୦ଟି ଜିଲ୍ଲାରେ ଏକ ଲକ୍ଷ୍ୟ ୩୦ ହଜାର ବୁଣାକାର ଶ୍ରମିକ ସହାୟକ ନିଯୁକ୍ତ ହୋଇଛନ୍ତି। ବୁଣାକାରମାନଙ୍କ ସାମାଜିକ,ଆର୍ଥିକ ବିକାଶ ପାଇଁ ଆମେ ଚେଷ୍ଟା କରୁଛୁ। ରାଜ୍ୟରେ ବୁଣାକାରମାନଙ୍କୁ ମାର୍କେଟିଂ ଏବଂ ଇ-କମର୍ସ ସହାୟତା ପ୍ରଦାନ କରାଯାଉଛି। ଫ୍ରାନ୍ସ, ଜାପାନ, ଆମେରିକା ଏବଂ ସିଙ୍ଗାପୁରରେ ଓଡ଼ିଶା ହ୍ୟାଣ୍ଡଲୁମର ଚାହିଦା ରହିଛି। ସେଥିପାଇଁ ସେଠାରେ ବିଭିନ୍ନ ଏକ୍ସପୋରେ ଓଡିଶା ହସ୍ତତନ୍ତ ସାମଗ୍ରୀଙ୍କୁ ନେଇ ବୁଣାକାରମାନେ ଭାଗ ନେଉଛନ୍ତି । ରାଜ୍ୟରେ ଯୁବପିଢିଙ୍କ ଭିତରେ ହସ୍ତତନ୍ତ କ୍ଷେତ୍ରରେ ଉତ୍ସାହିତ କରିବା ପାଇଁ ଆମ ସରକାର ଫେଲୋସିପ୍ ଏବଂ ଇଣ୍ଟର୍ଣ୍ଣସିପ୍‌ର ବ୍ୟବସ୍ଥା ମଧ୍ୟ କରିବେ। ମୁଖ୍ୟମନ୍ତ୍ରୀ ଓଡ଼ିଶା ହ୍ୟାଣ୍ଡଲୁମର ବ୍ରାଣ୍ଡ ଆମ୍ବାସାଡର ଭାବେ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ନାମ ଘୋଷଣା କରିଛନ୍ତି । ଆସନ୍ତା ଏକ ବର୍ଷ ପର୍ଯ୍ୟନ୍ତ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଓଡିଶା ହ୍ୟାଣ୍ଡଲୁମର ପ୍ରଚାରପ୍ରସାର ଅଭିନେତ୍ରୀ ମାଧୁରୀ ଦୀକ୍ଷତ ନେନେ କରିବେ । ଓଡ଼ିଶାର ୬ ଟି ସ୍ଥାନରେ ଟେକ୍ସଟାଇଲ ପାର୍କ ହେବ । ପ୍ରତି ସପ୍ତାହର ଗୋଟିଏ ଦିନରେ ଓଡ଼ିଶାର ହ୍ୟାଣ୍ଡଲୁମ ପରିଧାନ କରି ନିଜର କର୍ମ କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି । ସ୍ୱଦେଶୀଭାବକୁ ଜାଗ୍ରତ କରି ଅଧିକରୁ ଅଧିକ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ଜାରିବା ନେଇ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି।

### ଘାଇକୁ ଓଲଟିଲା ...

ତଥା ଉଧମପୁର ସାଂସଦ ଜିତେନ୍ଦ୍ର ସିଂହ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ଉଧମପୁରର ଡେପୁଟି କମିଶନର ସାଲୋନୀ ରାୟଙ୍କ ସହ କଥା ହୋଇ ପରିସ୍ଥିତି ଉପରେ ନଜର ରଖିବା ପାଇଁ କହିଛନ୍ତି। "ଉଦ୍ଧାର କାର୍ଯ୍ୟ ତୁରନ୍ତ ଆରମ୍ଭ ହୋଇଛି। ସ୍ଥାନୀୟ ଲୋକେ ସ୍ୱେଚ୍ଛାକୃତ ଭାବେ ସାହାଯ୍ୟ ପାଇଁ ଆଗେଇ ଆସିଛନ୍ତି। ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ," ବୋଲି ମନ୍ତ୍ରୀ ଏକ୍ସରେ ପୋଷ୍ଟ କରିଛନ୍ତି। ଜମ୍ମୁ ଓ କାଶ୍ମୀରର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିନ୍‌ହା ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି। "ଉଧମପୁର ନିକଟରେ ଦୁର୍ଘଟଣାରେ ସିଆରପିଏଫ୍ କର୍ମଚାରୀଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି କହିଚନ୍ତି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

### ବର୍ଷୀୟାନ ଆଇନଜୀବୀ...

ମନୋଜ କୁମାର ନାଏକ, ବାର ସଭାପତି: କେଶବ ଆଚର୍ଯ୍ୟ, ସଂପାଦକ: ସଂବୀତ ନନ୍ଦୀ, ମାୟାଧର ବିଶ୍ୱାଳ, ବରିଷ୍ଠ ଆଇନ ପରାମର୍ଶ ଦାତା ପର୍ଶୁରାମ ପ୍ରଧାନ, ସଂଜୟ ଚୌଧୁରୀ, ଶଶି ପଣ୍ଡା, ପିନାକୀଧର, ସରକାରୀ ଆଇନବାଦି ଦୀପକ ଦାସ୍, କିରଣ ମହାରଣା, ବାର୍ ସଦସ୍ୟ ଯଶୋଦା ନନ୍ଦନ ଆଶ୍, ସତ୍ୟପ୍ରକାଶ ବେହେରା, ଶଚିକାନ୍ତ ନାଏକ, ସରକାରୀ ଓକିଲ ପ୍ରଭାତ ଦାସ, ନିରଞ୍ଜନ ପରିଡ଼ା, ରାଧାକାନ୍ତ ମହାପାତ୍ର, ଲମ୍ବୋଦର ନାୟକ, ବାସନ୍ତୀ ସାହୁ ପ୍ରମୁଖଙ୍କ ସମେତ ସମସ୍ତ ବାଲେଶ୍ୱର ବାରର ସଦସ୍ୟ ସଦସ୍ୟା ଗଣ ତାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ ସହ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ୨ ନମ୍ବର ହଲରେ ଏକ ଦୁଃଖଦପୂର୍ଣ୍ଣ ସ୍ମୃତି ଓ ଶ୍ରଦ୍ଧାଞ୍ଜଳୀ ସଭା ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଓ ନବାଗତ ମାନଙ୍କ ମଧ୍ୟରୁ ୪୦୦ରୁ ଅଧିକ ଆଇନ ସେବା ପ୍ରଦାନକାରୀ ଆଇନଜ୍ଞମାନେ ଉପସ୍ଥିତ ହୋଇ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଶ୍ରୀମନ୍ଦିରକୁ ସ୍ପାଇ କ୍ୟାମେରା ପଶିବା ପ୍ରସଙ୍ଗରେ କଠୋର ଆଇନ ଆଣିବେ ସରକାର

ଭୁବନେଶ୍ୱର, ୦୭/୮ (ନି.ପ୍ର): ଶ୍ରୀମନ୍ଦିରକୁ ସ୍ପାଇ କ୍ୟାମେରା ପଶିବା ପ୍ରସଙ୍ଗରେ ଆସିବ କଠୋର ଆଇନ । ରାଜ୍ୟ ସରକାରଙ୍କ ନିକଟକୁ ମନ୍ଦିର ପ୍ରଶାସନ ପକ୍ଷରୁ ଯେଉଁ ପ୍ରସ୍ତାବ ଆସୁଛି ଯାହା ପଦକ୍ଷେପ ନେବା କଥା ନିଆଯିବ । କଠୋର ଆଇନ ଆଣିବା ସହ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା ପାଇଁ ସରକାର ଯୋଜନା ଆରମ୍ଭ କରିଛନ୍ତି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

# ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ଗଙ୍ଗାଧର ଜୀବନୀର ଇଂରାଜୀ ଅନୁବାଦ ଉନ୍ମୋଚିତ

ଭୁବନେଶ୍ୱର, ୦୭/୮ (ନି.ପ୍ର): ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ରଚିତ ସ୍ୱଭାବ -କବି ଗଙ୍ଗାଧର ମେହେର ଜୀବନୀ ପୁସ୍ତକର ଇଂରାଜୀ ଅନୁବାଦ ପୁସ୍ତକ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟଠାରେ ଉନ୍ମୋଚିତ ହୋଇଯାଇଛି। ଏହାର ଇଂରାଜୀ ଅନୁବାଦିକା ହେଉଛନ୍ତି କଲ୍ୟାଣୀ ପଣ୍ଡା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହାକୁ ଉନ୍ମୋଚନ କରି ଓଡିଶା ବାହାରେ ଅନ୍ତର୍ଜାତୀୟ ସ୍ତରରେ ଏହାର ଆଦୃତି ଲାଭ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର ଜ୍ଞାନରଞ୍ଜନ ପଣ୍ଡା। କୁଳସଚିବ ଅନାମିକା ଅଧିକାରୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଗଙ୍ଗାଧର ଜୟନ୍ତୀର ଅବ୍ୟବହିତ ପୂର୍ବରୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଗଙ୍ଗାଧର ସାହିତ୍ୟ ଓ ସଂଗୀତର ଏକ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରଫେସର ଛାତ୍ରଛାତ୍ରୀ ଉତ୍ସବରେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ।



# ନିଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଜନ୍ମ ଦିନ ପାଳନ ଅବସରରେ ୧୨୫୮ ୟୁନିଟ ରକ୍ତ ସଂଗ୍ରହ



ନୀଳଗିରି, ୦୭/୮ (ନି.ପ୍ର): ନିଳଗିରିର ବିଧାୟକ ସନ୍ତୋଷ ଖଟୁଆଙ୍କ ଜନ୍ମ ଦିନକୁ ସନ୍ତୋଷ ଖଟୁଆ ଫ୍ୟାନ କ୍ଲବ୍ ପକ୍ଷରୁ ନିଳଗିରି ପଣ୍ଡାଅଫିସ ନିକଟ କଲ୍ୟାଣ ମଣ୍ଡପ ପରିସରରେ ଧୁମଧାମ୍ ରେ ପାଳନ କରାଯାଇଛି। ଏହି ଅବସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଔପଦା ଓ ନିଳଗିରି ରେ ମିଶି ୧୨୫୮ୟୁନିଟ ରକ୍ତ ସଂଗ୍ରହ ବାଲେଶ୍ୱର ଜିଲ୍ଲାରେ ରେକର୍ଡ୍ ସୃଷ୍ଟି କରିଛି। ଆଜି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଜନ୍ମଦିନ ପାଳନ କରାଯାଇଛି। ଏହି ଅବସରରେ ପଣ୍ଡା ଅଫିସ କଲ୍ୟାଣ ମଣ୍ଡପ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୧୦୭୭ ଓ ଔପଦାରେ ୧୮୧ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଯାହା ଜିଲ୍ଲା ରେ ପ୍ରଥମ ଥର ରେକର୍ଡ ସୃଷ୍ଟି କରିଛି ବୋଲି ଚର୍ଚ୍ଚା ହୋଇଛି। ବିଜେପି କର୍ମୀଙ୍କ ସମେତ ବହୁ ବ୍ୟକ୍ତି ଏହି ଶିବିରରେ ସାମିଲ ହୋଇ ରକ୍ତଦାନ କରିଥିଲେ। ସେହିପରି ବହୁ ଅଧିକାରୀ, ବିଜେପି ନେତୃବୃନ୍ଦ, ସମାଜସେବୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଶିବିରରେ ପହଞ୍ଚି ବିଧାୟକଙ୍କ ଆଶିଷ କାମନା କରିଥିଲେ। ଏପରିକି ବହୁ ମହିଳା ଶ୍ରଦ୍ଧାରେ ବିଧାୟକଙ୍କ ପାଇଁ ପିଠା ପଣା ପରସି ଦେଇଥିଲେ। ସଂଖ୍ୟାଧିକ ମହିଳାଙ୍କ ବିଧାୟକଙ୍କ ପ୍ରତି ଭଲପାଇବା ଓ ଅଜସ୍ର ଆଶିର୍ବାଦ ଅଜାଡ଼ି ଦେଇଥିବା ଦେଖିବାକୁ ମିଳିଛି। ସନ୍ତୋଷ ଖଟୁଆ ଫ୍ୟାନ କ୍ଲବ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ସମସ୍ତ ବିଜେପି କର୍ମୀ ଏଥିରେ ସହଯୋଗ କରିଥିଲେ।

# ଚଢାଉକରି ଚୋରିଗାଡି ଜବତ ସମେତ ଅଭିଯୁକ୍ତକୁ ଗିରଫ କଲା ବେତନଟୀ ପୋଲିସ



ବେତନଟୀ, ୦୭/୮ (ନି.ପ୍ର): ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ବାରମାଇଲ ମୋହନପୁର କେନାଲ ରାସ୍ତାର ଇଦର ଠାରୁ ଏକ ସ୍କୁଟି ଚୋରି ଘଟଣାରେ ବାରିପଦା ରେଲଷ୍ଟେସନ ଠାରୁ ଚୋରି ସ୍କୁଟି ଜବତ କରିବା ସହିତ ଚୋରିକରିଥିବା ଯୁବକକୁ ଗୁରୁବାର କୋର୍ଟଚାଲାଣ କରିଛି ବେତନଟୀ ପୁଲିସ । ଗିରଫ ଅଭିଯୁକ୍ତ ଗାଡିଚୋର ଜଣକ ହେଉଛି ବାରମାଇଲ ଉପକଣ୍ଠ ପଚାଖାଳି ଗ୍ରାମର ରବୀନ୍ଦ୍ର ବେହେରାର ପୁଅ ରୋହିତ ବେହେରା(୧୮) । ଏତଲାକାରିଣୀ ବାରମାଇଲ ଉପକଣ୍ଠ ଡାକୋଇ ଗ୍ରାମର ଚୈତନ୍ୟ ମୁର୍ମୁଙ୍କ ସ୍ତ୍ରୀ ଲକ୍ଷ୍ମୀ ମୁର୍ମୁଙ୍କ ଅଭିଯୋଗ ମୁତାବକ ତାଙ୍କର ଓଡି-୧୧ଓ୍ୱାଇ-୩୯୪୨ ନମ୍ବର ବିଶିଷ୍ଟ ସ୍କଟିକୁ ଇଦର ଠାରେ କେନାଲ ରାସ୍ତାରୁ କେହି ଚୋରିକରି ନେଇଥିଲେ । ଏନେଇ ବେତନଟୀ ପୁଲିସ ୨୪୬ ନମ୍ବରରେ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ବେଳେ ବାରିପଦା ରେଲଷ୍ଟେସନ ଠାରେ ଚଢାଉକରି ଚୋରିଗାଡି ଜବତ ସମେତ ଅଭିଯୁକ୍ତ ରୋହିତକୁ ଗିରଫ କରିଥିଲେ । ସ୍ୱାସ୍ଥ୍ୟପରୀକ୍ଷାପରେ ଗୁରୁବାର ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ , ୦୭/୮ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍କୁଲ ଲିଟରାସି କ୍ଲବ ଗୁଜିଦରଡ଼ା ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଥିବା ଝିଲାମାନଙ୍କୁ ମାନବଚାଲାଣ (ଦାଦନ), ଯୌନ ଶୋଷଣରେ ଶିକାର ହେଉଥିବା ପିଲାମାନଙ୍କ ନିମନ୍ତେ ଥିବା ଆଇନ୍, ନିଶାସେବନର ଅପକାରିତା ତଥା ନିଶା ମୁକ୍ତ ନିମିତ୍ତ ସଚେତନତା ମୂଳକ ଶୈକ୍ଷଣୀୟ ତଥ୍ୟ, ମଧ୍ୟସ୍ଥତା ମାଧ୍ୟମରେ କିପରି ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରରେ ଉଭୟ ପକ୍ଷଙ୍କୁ ଡକାଯାଇ ସେମାନଙ୍କର ସମସ୍ୟାକୁ ସମାଧାନ କରାଯାଉଛି ତାହା ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ବୁଝାଇଥିଲେ। ନାଲସା ହେଲ୍ପ ଲାଇନ୍ ନମ୍ବର ୧୫୧୦୦ ର ସଠିକ୍ ବ୍ୟବହାର ସଂପର୍କରେ ମଧ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ସଚେତନତା କରାଇବା ପାଇଁ ଅତିଥି ବୃନ୍ଦ ପ୍ରଫେସର ଅକ୍ଷୟ କୁମାର ମହାନ୍ତି, ପୂର୍ବତନ ଅଧ୍ୟକ୍ଷ, ଚାନ୍ଦବାଲି କଲେଜ, ଭଦ୍ରକ, ତାପସ କୁମାର ମହାନ୍ତି, ସହକାରୀ, ଏଲ୍.ଏ.ଡିସି.ଏସ, ଭଦ୍ରକ, ପଙ୍କଜ କୁମାର ସାହୁ, ମୁଖ୍ୟ ପରିଚାଳକ, ବିରଞ୍ଚି ନାରାୟଣ ମହାନ୍ତି, ନିୟୁଲାଇଫ ନିଶା ନିବାରଣ ଓ ଅନୁସନ୍ଧାନ କେନ୍ଦ୍ର, ହଳଦିଡିହ, ବାଇପାସ, ଭଦ୍ରକ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ପ୍ରଧାନ ଶିକ୍ଷୟିତ୍ରୀ, ଗୁଜିଦରଡ଼ା ଉଚ୍ଚବିଦ୍ୟାଳୟ, ଭଦ୍ରକ ସ୍କୁଲ ଲିଗାଲ ଲିଟରାସି କ୍ଲବର ଭାରାପ୍ରାପ୍ତ ଶିକ୍ଷକ ଅଜମଲ ହୋସେନ ଖାନ, ତଥା ଏହି ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଗଣ ଏବଂ ୧୦୦ ରୁ ଉର୍ଦ୍ଧ୍ୱ ପିଲାମାନଙ୍କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କର୍ମୀଗଣ ଏହି କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ କରି ସଫଳ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କୁ ଜଣେ ସୁ-ନାଗରିକ ତଥା ସୁ-ଶିକ୍ଷିତ ହେବା ପାଇଁ ବାର୍ତ୍ତା ଦିଆଯାଇଥିଲା।

# ଗଣମାଧ୍ୟମ ଜରିଆରେ ଫାଇଲେରିଆ ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗର ଜନସାଧାରଣଙ୍କୁ ପରାମର୍ଶ



ବାଲିଆପାଳ , ୦୭/୮ (ନି.ପ୍ର): ବାଲିଆପାଳ ବ୍ଲକରେ ଫାଇଲେରିଆ ବା ବାତଜ୍ୱର ରୋଗର ଏକ ବିରଳ ମାଇକ୍ରୋ ଫାଇଲେରିଆ ଜୀବାଣୁ (ବୃଜିୟା ମାଲାୟୀ ) ଦେଖା ଯାଆନ୍ତି। ଯେଉଁ ଜୀବାଣୁ ଭାରତ ବର୍ଷର ଅନ୍ୟ କୌଣସି ସ୍ଥାନରେ ନାହିଁ। ବିଗତ ୨୧ବର୍ଷ ଧରି ବାଲିଆପାଳ ବ୍ଲକରେ ଔଷଧ ବଣ୍ଟନ କରାଯାଉଥିଲେ ମଧ୍ୟ ଜନସାଧାରଣଙ୍କ ସଚେତନତାର ଅଭାବ ଯୋଗୁଁ ଲୋକେ ଦିଆଯାଉଥିବା ଔଷଧ ସେବନ କରୁନାହାନ୍ତି। ଫାଇଲେରିଆ ରୋଗ ଯେଉଁ ମଶା ଦ୍ୱାରା ବ୍ୟାପୁଛି ସେହି ମଶା ମଧ ବାଲିଆପାଳ ଅଞ୍ଚଳରେ ଯଥେଷ୍ଟ ଅଧିକ ମାତ୍ରାରେ ଦେଖିବାକୁ ମିଳିଛି। ଫାଇଲେରିଆ ରୋଗକୁ ବାଲିଆପାଳ ବ୍ଲକରୁ ସମୂଳେ ଦୂରେଇ ଦେବା ଉଦ୍ଦେଶ୍ୟରେ ଔଷଧ ସେବନ ସେବନ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଗୁରୁବାର ମଧ୍ୟାହ୍ନରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମିଳନୀ କକ୍ଷରେ ଖବରଦାତା ମାନଙ୍କୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରାପ୍ରାପ୍ତ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲାରେ ଅନ୍ୟ କୌଣସି ବ୍ଲକରେ ଫାଇଲେରିଆ ଦେଖାଯାଉନଥିବା ବେଳେ କେବଳ ବାଲିଆପାଳ ବ୍ଲକ ପାଇଁ ସମଗ୍ର ଜିଲ୍ଲା ଏକ ଅଲୋଡା ରେକର୍ଡର ଅଧିକାରୀ ହୋଇଛି। ବ୍ଲକରେ ମଧୁପୁରା ପଞ୍ଚାୟତର ପଞ୍ଚୁରୁଖି ଓ ବେତଗଡିଆ ପଞ୍ଚାୟତର କାଳିଆଖିଆ ଠାରେ ନୂତନ ଫାଇଲେରିଆ ରୋଗୀଙ୍କୁ ଚିହ୍ନଟ କରାଯାଇଛି । ତେଣୁ କେନ୍ଦ୍ର ସରକାର, ରାଜ୍ୟ ସରକାର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଓ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ଉଦ୍ୟମରେ ଫାଇଲେରିଆର ମୂଳ ଉତ୍ପାଟନ ପାଇଁ ଆସନ୍ତା ଅଗଷ୍ଟ ଦଶ ତାରିଖକୁ ଊଣେଇଶ ତାରିଖ ପର୍ଯ୍ୟନ୍ତ ବଟିକା ସେବନ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ୮ଶହ ୯୨ ଜଣ ଔଷଧ ସେବନ କର୍ମୀ ଓ ୮୨ଜଣ ପରିଦର୍ଶକ, ୪ଜଣ ପଞ୍ଚାୟତ ସାମାଜିକ କର୍ମୀଙ୍କୁ ଦାୟିତ୍ୱ ନିର୍ବାହ କରିବା ପାଇଁ ନିୟୋଜିତ କରାଯାଇଛି । ବ୍ଲକରେ ୨ଲକ୍ଷ୨୩ହଜାର ୭ଜଣ ଲୋକଙ୍କୁ ଫାଇଲେରିଆ ଔଷଧ ସେବନ ପାଇଁ ଦିଆଯିବ। ଏହି ବଟିକା ସେବନର କୈଣସି ପାର୍ଶ୍ୱ ପ୍ରତିକ୍ରିୟା ନାହଁ। ଦୁଇ ବର୍ଷରୁ କମ ବୟସର ପିଲା, ଗର୍ଭବତୀ ମହିଳା ତଥା ଗୁରୁତର ରୋଗରେ ପିଡୀତ ଲୋକମାନଙ୍କୁ ଏହି ଔଷଧ ସେବନ ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ବାଲିଆପାଳ ବ୍ଲକରେ ୨୫ଶହରୁ ଉର୍ଦ୍ଧ୍ୱ ଫାଇଲେରିଆ ରୋଗୀ ରହିଛନ୍ତି ବୋଲି ଡ. ସାହୁ ସୂଚନା ଦେଇଛନ୍ତି। ଏହି ସମ୍ବାଦଦାତା ସଚେତନତା ଶିବିରରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼. ସଞ୍ଜିବ ପ୍ରଧାନ,ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅଧିକାରୀ ଡ଼.ବିଶ୍ୱପ୍ରକାଶ ଦତ୍ତ, ଜିଲ୍ଲା ପରାମର୍ଶ ଦାତା ସୁପ୍ରୀୟା ପାଢ଼ୀ, ବ୍ଲକ ପୋଗ୍ରାମ ମ୍ୟାନେଜର ବିଶ୍ୱଜିତ ଦାସ,ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀଣୀ ଝୁନିବାଳା ଦେ ବାଲିଆପାଳ ବ୍ଲକ ଫାଇଲେରିଆ କୋର୍ଡିନେଟର ସ୍ୱୟଂପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୁପରଭାଇଜର ରମାନାଥ କର ଧନ୍ୟବାଦ୍ ଦେଇଥିଲେ।

## ନଭେମ୍ବରରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ

ଭୁବନେଶ୍ୱର, ୦୭/୮ (ନି.ପ୍ର): ଆସନ୍ତା ନଭେମ୍ବରରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ ଆରମ୍ଭ ହେବ । ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ୨୦୧୬ ରୁ ବର୍ତ୍ତମାନ ସୁଦ୍ଧା ୪ ଲକ୍ଷ ଘର ଅସମ୍ପୂର୍ଣ୍ଣ ହୋଇଛି । ଅକ୍ଟୋବର ସୁଦ୍ଧା ସବୁ ଅସମ୍ପୂର୍ଣ୍ଣ ଘର ସରିବ। ୮୦ ପ୍ରତିଶତ ଲୋକ ଗାଁ ଉପରେ ଭରସା କରନ୍ତି। ଆମ ସରକାରରେ ଅନ୍ତ୍ୟୋଦୟ ଗୃହ ଯୋଜନା, ଆବାସ ଯୋଜନା, ଘରକୁ ପାଣି ହୋଇଛି। ବିଗତ ସରକାରରେ ନଳ ଥିଲା ଜଳ ନଥିଲା ଆଜି ଆମେ ଜଳ ଦେଖିଲୁ । ୨୦୭ ପ୍ରକଳ୍ପରୁ ୭୨ ପ୍ରକଳ୍ପର ନିର୍ଣ୍ଣୟ ହୋଇଛି। ହର ଘର ଜଳ ଯୋଜନା ରେ ୧୮ ଟି ମେଗା ପ୍ରୋଜେକ୍ଟ ସରିଛି । ଅଗଷ୍ଟ ୨୫ ସୁଦ୍ଧା ୨୧ ଟି ମେଗା ପ୍ରକଳ୍ପ ସରିବ। ଏବିଷୟରେ କେନ୍ଦ୍ରୀୟ ନେତାଙ୍କ ସହ ଆଲୋଚନା ହୋଇଛି । ଗତ କାଲି ମୁଖ୍ୟମନ୍ତ୍ରୀ କେନ୍ଦ୍ରର ନେତାମାନଙ୍କୁ ଭେଟିଛନ୍ତି ।

# ଅଣଦେଖା କଲେ ସରକାରୀ ବାବୁ: ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ବାପ ଛେଉଣ୍ଡ କନ୍ୟା ରଂଜିତା



ଉଦଳା , ୦୭/୮ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ଫୁଲଝରି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଲମ୍ବୋଦର ମଢ଼େଇଙ୍କ ୧୪ ବର୍ଷ ବୟସର କନ୍ୟା 'ରଂଜିତା' ଆଜକୁ ୩ ବର୍ଷ ତଳୁ ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଗ୍ରାମନିକଟରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ରଂଜିତା ପଂଚମ ଶ୍ରେଣୀ ପାସ କରିଛନ୍ତି । ପରେ ଷଷ୍ଠ ଶ୍ରେଣୀରେ ପଢ଼ିବାକୁ ହେଲେ ବିଦ୍ୟାଳୟ ଦୁରରେ ଥିବାରୁ ସେ ଅସୁବିଧାରେ ପଡ଼ିଲେ । ସେହିପରି ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ଦୈନନ୍ଦିନର ଖର୍ଚ୍ଚ ପାଇପାରିଲେ ନାହିଁ । ହଷ୍ଟେଲରେ ରହି ପଢ଼ିବାକୁ ଚାହିଁବାରୁ ସେ ହଷ୍ଟେଲ ସିଟ ମଧ୍ୟ ପାଇପାରିଲେ ନାହିଁ । ଫଳରେ ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ 'ରଂଜିତା' ବାଧ୍ୟ ହୋଇଥିବାର ଗଣମାଧ୍ୟମକୁ ଜଣାଇଛନ୍ତି । 'ରଂଜିତା'ଙ୍କର ଆଧାର କାର୍ଡ଼ ନଥିବାରୁ ସେ ମୁଣ୍ଡପିଛା ମିଳିଥିବା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ ସରକାରୀ ବାବୁ ମାନଙ୍କର ଅଣଦେଖା ପାଇଁ 'ରଂଜିତା'ଙ୍କ ପରି ବର୍ତ୍ତମାନ ମଧ୍ୟ ବହୁ ସଂଖ୍ୟାରେ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି ।

# ସୁବର୍ଣ୍ଣରେଖା ବନ୍ୟା ପ୍ରପୀଡ଼ିତଙ୍କୁ ସରକାରୀ ଘୋଷଣା ଅନୁଯାୟୀ ମିଳିଲା ନାହିଁ ରିଲିଫ: କାହିଁକି ହେଉନି କାର୍ଯ୍ୟାନୁଷ୍ଠାନ ?

## ନ୍ୟାୟିକ ତଦନ୍ତ ପାଇଁ ପାଇଁ ଏସଆରସିଙ୍କ ନିକଟରେ ଦାବି




ବାଲିଆପାଳ , ୦୭/୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ୫ ଥର ବନ୍ୟା ଆସି ବାଲିଆପାଳ ବ୍ଲକର ବନ୍ୟାଞ୍ଚଳର ଲୋକଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିବାବେଳେ ୯ଟି ପଞ୍ଚାୟତର ୩୫ରୁ ଅଧିକ ଗ୍ରାମର ଲୋକଙ୍କର ଜୀବନ ଜୀବିକା ବାଧାପ୍ରାପ୍ତ ହୋଇଛି। ସରକାର ୭ ଦିନର ରିଲିଫ ଚାଉଳ ବଣ୍ଟନ ସହିତ ବାରମ୍ବାର ବନ୍ୟା ସମୟରେ ଶୁଖୁଲା ଖାଦ୍ୟ ଚୂଡ଼ା ଗୁଡ଼ ଓ ପିଇବା ପାଣି ଯୋଗାଇ ଦେବାର ଘୋଷଣା କରି ବାଲିଆପାଳ ବ୍ଲକକୁ ସମସ୍ତ ଜିନିଷ ଯୋଗାଇ ଦେଇଛନ୍ତି । ମାତ୍ର ସରକାର ଯେଉଁ ହିସାବରେ ରିଲିଫ ସାମଗ୍ରୀ ଯୋଗାଇଛନ୍ତି ସେହିପରି ଭାବରେ ରିଲିଫ ବଣ୍ଟନ ହୋଇନାହିଁ । ଏଠି ସରକାରୀ ନିୟମକୁ ଫୁ କରି ବ୍ଲକ ପ୍ରଶାସନ ନିଜ ନିଜ ଇଚ୍ଛାରେ ରିଲିଫ ବଣ୍ଟନ କରି ବ୍ୟାପକ ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି। ସରକାର ସାତ ଦିନର ରିଲିଫ ମୁଣ୍ଡ ପିଛା ବଡ଼ଙ୍କ ପାଇଁ ୭ କେଜି ଓ ସାନଙ୍କ ପାଇଁ ୩ କେଜି ୫ ଶହ ଗ୍ରାମ ଚାଉଳ ୯ଟି ପଞ୍ଚାୟତକୁ ଯୋଗାଇଥିବାବେଳେ କୌଣସି ସ୍ଥାନରେ ନିୟମକୁ ପାଳନ କରା ଯାଇ ନାହିଁ । ବିଷ୍ଣୁପୁର ପଞ୍ଚାୟତରେ ବଡ଼ ମାନଙ୍କୁ ୭କେଜି ଓ ସାନଙ୍କୁ ୩ କେଜି ୫୦୦ ଗ୍ରାମ ଲେଖାଏଁ ଚାଉଳ ବଣ୍ଟନ କରାଯାଇଥିଲା ମମସ୍ତ ଲୋକଙ୍କୁ ବଣ୍ଟା ଯାଇ ମଧ ୧୭୫ କୁଣ୍ଟାଲ ଚାଉଳ ବଳକା ହୋଇଥିବା ବେଳେ ମଧୁପୁରା, ଅସ୍ତି, କୁମ୍ଭାରୀ, ଦେଭୋଗ, ଘଣ୍ଟୁଆ, ଜାମକୁଣ୍ଡା, ବାଲିଆପାଳ, ନିଖିରା ପଞ୍ଚାୟତ ଗୁଡିକ କୌଣସି ନିୟମକୁ ନ ମାନି ବଡ଼ଙ୍କୁ ୫ କେଜି ଓ ସାନକୁ ୨ କେଜି ୫୦୦ ଗ୍ରାମ ଚାଉଳ ବଣ୍ଟନ କରିଛନ୍ତି । ତେବେ ବିଷ୍ଣୁପୁର ପଞ୍ଚାୟତ ତୁଳନା ରେ ଅନ୍ୟ ପଞ୍ଚାୟତ ଗୁଡିକରେ କେତେ ପରିମାଣରେଗଚ୍ଛିତ ଅଛି ବୋଲି ସୂଚନା ଅଧିକାର ଅଭିଯାନ ସଙ୍ଘ ପକ୍ଷରୁ ନ୍ୟାୟିକ ତଦନ୍ତ ପାଇଁ ଏସଆରସିଙ୍କ ନିକଟରେ ଦାବି କରାଯାଇଛି ଚାଉଳ ସହିତ ୫ ଥର ବନ୍ୟାରେ ଚୂଡ଼ା ଓ ଗୁଡ଼ ସହିତ ପିଇବା ପାଣି ବୋତଲ ଓ ଗୋଖାଦ୍ୟ ବଣ୍ଟନରେ ମଧ ବ୍ୟାପକ ଅନିୟମିତତା କରାଯାଇ ଥିବାବେଳେ କୌଣସି ସ୍ଥାନରେ ରେ ଲୋକଙ୍କୁ ଠିକ ଭାବରେ ରିଲିଫ ସମଗ୍ରୀ ବଣ୍ଟନ କରାଯାଇନାହିଁ ବୋଲି ସଙ୍ଘର ସଭାପତି ଅନୁଜ ମହାପାତ୍ର କହିଛନ୍ତି।

## ଜାତୀୟ ହସ୍ତତନ୍ତ ଦିବସର ଶୁଭେଚ୍ଛା ଜଣାଇଲେ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର, ୦୭/୮ (ନି.ପ୍ର): ଜାତୀୟ ହସ୍ତତନ୍ତ ଦିବସର ଶୁଭେଚ୍ଛା ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ସମସ୍ତ ବୁଣାକାର ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଏକାଦଶାହ ଉପଲକ୍ଷେ



୰ ସୁବର୍ଣ୍ଣମଣି ମଲ୍ଲିକ
ନୁଦଡ଼ିହା, ମୟୂରଭଞ୍ଜ
ଆବିର୍ଭାବ : ୦୪-୦୭-୧୯୪୫
ତିରୋଧାନ : ୨୯-୦୭-୨୦୨୫
ତୁମର ବାତ୍ସଲ୍ୟ ମମତା, ସ୍ନେହ, ଶ୍ରଦ୍ଧା ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ । ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:ବନ୍ଧୁ ଓ ପରିବାରବର୍ଗ

# ବିକାଶସାଥୀ ସଂଗଠନର ପ୍ରଥମ ହାତୀସଭା ଅନୁଷ୍ଠିତ




ନୀଳଗିରି , ୦୭/୮ (ନି.ପ୍ର): ହାତୀ ଏବଂ ମଣିଷର ସମ୍ପର୍କ ସନାତନୀ ଭଗବତ ସମ୍ପର୍କ। ଗୁରୁବାର ମାଣବସା ହେଉ ଅବା ପ୍ରତ୍ୟେକ ଧର୍ମୀୟ କାର୍ଯ୍ୟରେ ହାତୀକୁ ହିନ୍ଦୁପରମ୍ପରାରେ ଅଗ୍ରାଧିକାର ଦିଆଯାଇଛି। ମାତ୍ର ଜଙ୍ଗଲି ହାତୀ ଏବେ ଅସୁରକ୍ଷିତ। ଅଧିକାଂଶ ସମୟରେ ହାତୀ ମଣିଷର ଲଢେଇରେ କେତେବେଳେ ହାତୀ ମରୁଛି ତ କେତେବେଳେ ମଣିଷର ଜୀବନ ଯାଉଛି। ସବୁରି ମୂଳରେ ଜଙ୍ଗଲ ଧ୍ୱଂସ ହେବା ଏବଂ ଦିନକୁ ୫କ୍ୱିଣ୍ଟାଲ ଖାଦ୍ୟ ଗ୍ରହଣ କରୁଥିବା ଏକ ପ୍ରାପ୍ତବୟସ୍କ ହାତୀ ଖାଦ୍ୟନପାଇ ଜନବସତି ମୁହାଁ ହୋଇଥିବାର ପ୍ରାରମ୍ଭିକ ସୂଚନା ଦେଇଥିଲେ ବିକାଶ ସାଥୀ ସଂଗଠନର ସଂସ୍ଥାପକ ଡଃ ବିଶ୍ୱଜିତ ପଣ୍ଡା। ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶରେ ଅବସ୍ଥିତ ଖରାଖାଇ ପଡିଆ ଠାରେ ଗୁରୁବାର ଅପରାହ୍ନ ପ୍ରାୟ ୪ଘଟିକାରେ ବିକାଶସାଥୀ ସଂଗଠନ, ଏ ଏସଡି ଏବଂ ଧରିତ୍ରୀ ଓଡ଼ିଶା ପୋଷ୍ଟର ମିଳିତ ସହଯୋଗରେ ଆୟୋଜିତ ସଂସ୍ଥାର ପ୍ରଥମ ହାତୀସଭା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଓଡ଼ିଶାର ଲୋକପ୍ରିୟ ଦୈନିକ ଖବରକାଗଜ ଧରିତ୍ରୀର ସମ୍ପାଦକ ତଥାଗତ ଶତପଥୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉକ୍ତ ଅଞ୍ଚଳର ହାତୀ ଜନିତ ସମସ୍ୟା ଓ ଏହାର ନିରାକରଣ ଉପରେ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରିଥିଲେ। ବିଶେଷକରି ସମସ୍ୟା ସମ୍ପର୍କରେ ଖବର ପ୍ରକାଶ କରି ସରକାରଙ୍କ ଠାରେ ପହଞ୍ଚାଇବାର ପ୍ରୟାସ କରିବେ ବୋଲି ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ଶତପଥୀ ଲୋକଙ୍କ ସମସ୍ୟା ଶୁଣିବା ସହିତ ହାତୀ ଦାଉରୁ ରକ୍ଷାପାଇଁ ମହୁଚାଷ କରିବା ସହିତ ଗନ୍ଧଯୁକ୍ତ ଲଙ୍କା ଚାଷ ଏବଂ ଲଙ୍କା ଧୁଆଁ ଦେଲେ ହାତୀ ପଳାୟନ କରିଥାନ୍ତି ଯାହା ଦେଶର ହାତୀପ୍ରବଣ ଆସାମ,ପଶ୍ଚିମବଙ୍ଗ, ଆନ୍ଧ୍ର ଆଦି ପ୍ରଦେଶରେ କାର୍ଯ୍ୟକାରୀ କରି ସଫଳ ହୋଇଥିବା ଉଦାହରଣ ଦେଇଥିଲେ। ତେବେ ସ୍ଥାନୀୟବାସିନ୍ଦାଙ୍କ ଅଭିଯୋଗ ଅନୁସାରେ ପାହାଡ଼ ପାଦଦେଶ ଅଞ୍ଚଳରେ ସୌରବାଡ ନିର୍ମାଣ କରାଗଲେ ସ୍ଥାୟୀ ପ୍ରତିକାର କରିହେବ ବୋଲି ମତବ୍ୟକ୍ତ କରିଥିଲେ। ତେବେ ଶେଷରେ ଧରିତ୍ରୀ ସଂସ୍ଥାପକ୍ଷରୁ କଣ୍ଟାଯୁକ୍ତ ଲୌହଜାଲୀ ପରୀକ୍ଷାମୂଳକ ଭାବେ ପ୍ରଦାନ କରିବେ ବୋଲି ଶ୍ରୀଯୁକ୍ତ ଶତପଥୀ ଲୋକଙ୍କୁ ଭରସା ଦେଇଥିଲେ। ତେବେ ବିକାଶ ସାଥିର ସଂସ୍ଥାପକ ଡଃ ପଣ୍ଡା ଏହି ହାତୀସଭା କାର୍ଯ୍ୟକ୍ରମ ଓଡ଼ିଶାର ୧୦ଜିଲ୍ଲା ଯଥା:- ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର,କଟକ, ଖୋର୍ଦ୍ଧା, ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡ଼ା,ଗଞ୍ଜାମ, କନ୍ଧମାଳ ଜିଲ୍ଲାରେ ଚାଲୁଥିବା ବେଳେ ୧୩ଟି ଡିଭିଜନରେ କାର୍ଯ୍ୟକାରୀ ହେଉଥିବା ସୂଚନା ଦେଇଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida